

# ଜଗନ୍ନାଥ ଏକ୍ସପ୍ରେସ୍
# JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୧୫ ଭୁବନେଶ୍ୱର ବୁଧବାର, ଅପ୍ରେଲ୍ ୨୩.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.215 Bhubaneswar, Wednesday, April 23, 2025

## ପହଲଗାମ୍‌ରେ ବଡ଼ ଆତଙ୍କବାଦୀ ହମ୍‌ଲା; ୨୬ ମୃତ





ଶ୍ରୀନଗର, ୨୨/୪: ଜମ୍ମୁ-କାଶ୍ମୀରରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ । ପର୍ଯ୍ୟଟକଙ୍କୁ ଟାର୍ଗେଟ୍ କରି ଆଖିବୁଜା ଗୁଳିମାଡ଼ କରିଛନ୍ତି ଆତଙ୍କବାଦୀ । ଏହି ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି । ଏକାଧିକ ପର୍ଯ୍ୟଟକ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଆଜି ଦିନ ପ୍ରାୟ ସାଢେ ୨ଟା ସମୟରେ ପହଲଗାମ୍‌ରେ ଏହି ଭୟଙ୍କର ଆତଙ୍କୀ ହାମ୍‌ଲା ହୋଇଛି । ଆକ୍ରମଣ ପରେ ସୁରକ୍ଷା ବାହିନୀ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ପହାଲଗାମ ହିଲ୍ ଷ୍ଟେସନଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଏହି ଆତଙ୍କବାଦୀ ଆକ୍ରମଣ ହୋଇଛି । ରକ୍ତର ହୋଲି ଖେଳିଛନ୍ତି ଆତଙ୍କବାଦୀ । ଏହି ସମୟରେ କିଛି ପର୍ଯ୍ୟଟକ ସେଠି ଘୋଡା ସବାରି କରୁଥିଲେ । ହଠାତ୍ ଦଳେ ଆତଙ୍କବାଦୀ ସେଠାରେ ପହଞ୍ଚି ପର୍ଯ୍ୟଟକଙ୍କ ଉପରକୁ ଆଖିବୁଜା ଗୁଳିମାଡ କରିଥିଲେ । ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବାର ଆଶଙ୍କା କରାଯାଉଛି । ଏହି ଆତଙ୍କୀ ହାମ୍‌ଲା ପରେ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ କର୍ଡନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ତେବେ ଏହି ଆକ୍ରମଣ ପାଇଁ ପାକିସ୍ତାନର ଲସ୍କର-ଇ-ତୋଏବା ଆତଙ୍କୀ ସଂଗଠନର ସ୍ଥାନୀୟ ଶାଖା ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଛି । ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପହଲଗାମ ଆତଙ୍କୀ ଆକ୍ରମଣକୁ କଡ଼ା ନିନ୍ଦା କରିବା ସହ ଘଟଣା ସମ୍ପର୍କରେ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ସହିତ ଫୋନରେ କଥା ହୋଇଛନ୍ତି । ଏ ଦିଗରେ ଗୃହମନ୍ତ୍ରୀଙ୍କୁ ଉପଯୁକ୍ତ ପଦକ୍ଷେପ ନେବାକୁ ଏବଂ ପହଲଗାମ୍‌କୁ ଯାଇ ସ୍ଥିତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେବା ପରେ ଶାହା ପହଲଗାମ୍ ଅଭିମୁଖେ ବାହାରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, 'ଯେଉଁମାନେ ଆକ୍ରମଣ କରିଛନ୍ତି ସେମାନଙ୍କୁ ଛଡ଼ା ଯିବନି । ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ସଫଳ ହେବାକୁ ଦିଆଯିବନି । ଆତଙ୍କବାଦ ବିରୋଧୀ ଲଢ଼େଇକୁ ଆହୁରି କଠୋର କରାଯିବ ।' ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ଆହତଙ୍କୁ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ସେହିପରି ପୂର୍ବତନ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ ମେହବୁବା ମୁଫତି ପହାଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛନ୍ତି । 'ଏକ୍ସ' ଜରିଆରେ ପିଡିପି ମୁଖ୍ୟ କହିଛନ୍ତି, ପହାଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ହିଂସା ଆଦୌ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହାର ନିନ୍ଦା କରାଯିବା ଉଚିତ୍ । ସୁରକ୍ଷାରେ ଏଭଳି ତ୍ରୁଟିର ଯାଞ୍ଚ ଆବଶ୍ୟକ । କାଶ୍ମୀରର ପ୍ରମୁଖ୍ୟ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ପହଲଗାମ୍ ଅନ୍ୟତମ । ମାର୍ଚ୍ଚରେ ତୁଷାରପାତ ପରେ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଏଠାକୁ ବୁଲି ଆସୁଛନ୍ତି । ପର୍ଯ୍ୟଟକମାନେ ପହଲଗାମର ଏକ ପାହଡରେ ଟ୍ରେକିଂ ପାଇଁ ଯାଇଥାନ୍ତି, ଯେଉଁଠାରେ ଏହି ଆତଙ୍କବାଦୀ ଆକ୍ରମଣ ଘଟିଛି ।

## ଆଇଏଏସ୍ ଫଳ ପ୍ରକାଶିତ
### ଶକ୍ତି ଦୁବେ ଟପ୍ପର, ୪୮ତମ ସ୍ଥାନରେ ଓଡ଼ିଆ ଝିଅ ରୀତିକା



ନୂଆଦିଲ୍ଲୀ, ୨୨/୪: ସଂଘ ଲୋକ ସେବା ଆୟୋଗ(ୟୁପିଏସସି) ପକ୍ଷରୁ ମଙ୍ଗଳବାର ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା-୨୦୨୪ର ଚୂଡ଼ାନ୍ତ ଫଳ ପ୍ରକାଶ ପାଇଛି। ସାକ୍ଷାତକାର ରାଉଣ୍ଡରେ ସାମିଲ ହୋଇଥିବା ସମସ୍ତ ପ୍ରାର୍ଥୀ ଆୟୋଗର ଅଫିସିଆଲ୍ ୱେବସାଇଟ upsc.gov.in ଏବଂ upsconline.gov.inକୁ ଯାଇ ନିଜ ରେଜଲ୍ଟ ଦେଖିପାରିବେ। ମୋଟ୍ ୧୦୦୯ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ଚୟନ କରାଯାଇଛି। ଶକ୍ତି ଦୁବେ ଆଇଏଏସ୍-୨୦୨୪ର ଟପ୍ପର ହୋଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ହର୍ଷିତା ଗୋୟଲ ଓ ତୃତୀୟରେ ରହିଛନ୍ତି ଡୋଙ୍ଗ୍‌ରେ ଅର୍ଚ୍ଚିତ ପରାଗ। ଓଡ଼ିଶାର ରୀତିକା ରଥ ୪୮ତମ ସ୍ଥାନରେ ରହିଛନ୍ତି।

## ଟକମକ ଫୁଟୁଛି ଓଡ଼ିଶା
### ରେକର୍ଡ଼ ଭାଙ୍ଗିଲା ଝାରସୁଗୁଡ଼ା, ବିଶ୍ୱର ୨ୟ ଉତ୍ତପ୍ତ ସହର



ଭୁବନେଶ୍ୱର, ୨୨/୪: ଫୁଟୁଛି ଓଡ଼ିଶା, ତତଲା କଡେଇରେ ଭାଜି ହେଲା ଝାରସୁଗୁଡ଼ା । ତାତି ହଠାତ୍ ଏତେ ବଢିଗଲା ଯେ ଦିନର ତାପମାତ୍ରା ରେକର୍ଡ଼ ଭାଙ୍ଗିଦେଲା ଆଉ ବିଶ୍ୱର ଉତ୍ତପ୍ତ ସହର ତାଲିକାରେ ଝାରସୁଗୁଡ଼ା ନିଜ ନାଁ ଯୋଡିଦେଲା । ବିଶ୍ୱର ଉତ୍ତପ୍ତ ସହର ତାଲିକାରେ ୨ୟରେ ଅଛି ଓଡିଶାର ଝାରସୁଗୁଡ଼ା । ତେବେ ଗତକାଲି ତାତି ଏତେ ଥିଲା ଯେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ମଣିଷ ଏଣନିଶ୍ୱାସୀ ହୋଇପଡୁଥିଲା । ସକାଳ ହେବା ପରଠାରୁ ପଦାକୁ ବାହାରିବା ଏକପ୍ରକାର ମୁସକିଲ ହୋଇ ପଡୁଥିଲା । ଦିନ ୧୧ଟା ବେଳକୁ ମୁଣ୍ଡ ଉପରେ ଖରା ଟାଇଁଟାଇଁ । ସେପଟେ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଗତକାଲି ବିଶ୍ୱର ୧୦ ସହରରୁ ୨ୟରେ ଥିଲା ଝାରସୁଗୁଡ଼ା । ୪୫.୪ ଡିଗ୍ରି ସହ ୨ୟ ଉତ୍ତପ୍ତ ସହର ପାଲଟିଥିଲା ଏବଂ ଭାରତର ୮ଟି ସହର ବିଶ୍ୱର ଏହି ତାଲିକାରେ ଉତ୍ତପ୍ତ ସହରର ସ୍ଥାନ ନେଇଛନ୍ତି । ଭାରତର ଚନ୍ଦ୍ରପୁର, ଝାରସୁଗୁଡ଼ା, ବ୍ରହ୍ମପୁରି, ଆମରୋତି, ସିଦ୍ଧି, ରାଜନନ୍ଦଗାଓଁ, ପ୍ରୟାଗରାଜ, ଆକୋଲା । ସେପଟେ ଆସି ସକାଳ ସକାଳୁ ସକାଳୁ ତାତିର ତାଉ ଦେଖିବାକୁ ମିଳିଲାଣି । ଏତିକି ବେଳୁ ଫୁଟିଲାଣି ଓଡ଼ିଶା । ସକାଳ ସାଢେ ୮ଟାରୁ କଳବଳ କଲାଣି ତାତି । ଝାରସୁଗୁଡା- ୩୪.୮ ଡିଗ୍ରି, ସମ୍ବଲପୁର- ୩୪.୮ ଡିଗ୍ରି, ଭୁବନେଶ୍ୱର- ୩୨ ଡିଗ୍ରି ଏବଂ କଟକ- ୩୩.୬ ଡିଗ୍ରି ସେଲସିୟସ ରହିଥିବା ବେଳେ ଆଗକୁ ଆହୁରି ସମୟ ଅଛି । ତେବେ ଖରା ପାଇଁ ସତର୍କତା ଅବଲମ୍ବନ କରି ଘରୁ ବାହାରିବାକୁ ପରାମର୍ଶ ଦିଆଯାଇଛି ।

## ପୁରୀରେ ହେବ ପଞ୍ଚାୟତିରାଜ ଦିବସ

ଭୁବନେଶ୍ୱର, ୨୨/୪: ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ବିଧାୟକ, ସାଂସଦ ଏବଂ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏହି ଉତ୍ସବରେ ସାମିଲ ହେବେ । ଏହି ଅବସରରେ ଅନୁଷ୍ଠିତ ସମାବେଶରେ ପ୍ରାୟ ୨୫ ହଜାର ଲୋକ ଯୋଗଦେବେ ବୋଲି ସୂଚନା ମିଳିଛି । ୧୯୯୩ ମସିହା ଏପ୍ରିଲ ୨୦ ତାରିଖରେ ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନକୁ ରାଷ୍ଟ୍ରପତି ସ୍ୱୀକୃତି ଦେଇଥିଲେ । ସେହିଦିନ ଠାରୁ ୭୩ତମ ସମ୍ବିଧାନ ସଂଶୋଧନ ଲାଗୁ ହୋଇଥିବା ବେଳେ ୭୪ତମ ସମ୍ବିଧାନ ସଂଶୋଧନ କିନ୍ତୁ ସେ ବର୍ଷ ଜୁନ୍ ପହିଲାରୁ ଲାଗୁ ହୋଇଥିଲା । ଏଠାରେ ଉଲ୍ଲେଖନୀୟ ଯେ ୭୩ତମ ସମ୍ବିଧାନ ସଂଶୋଧନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଅଣାଯାଇଥିବାବେଳେ ୭୪ତମ ସମ୍ବିଧାନ ସଂଶୋଧନରେ ନଗରପାଳିକାଗୁଡ଼ିକ ସଂପର୍କରେ ନୂଆ ବ୍ୟବସ୍ଥା ଖଞ୍ଜା ଯାଇଥିଲା । ଏହା ପରଠାରୁ ଏପ୍ରିଲ ୨୪ ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ସାରା ଦେଶରେ ପାଳନ କରାଯାଉଛି । ତେବେ ନବେ ଦଶକରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ପଞ୍ଚାୟତିରାଜ କ୍ଷେତ୍ରରେ ବ୍ୟାପକ ସଂସ୍କାର ଅଣାଯିବା ସହ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ବ୍ୟବସ୍ଥା ରହିଥିଲା । ଏହାକୁ ଆଧାର କରି ଓଡ଼ିଶା ସରକାର ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ମାର୍ଚ୍ଚ ୫କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରି ଆସୁଥିଲେ । ଚଳିତବର୍ଷ ଠାରୁ ଓଡ଼ିଶା ସରକାର ମାର୍ଚ୍ଚ ୫କୁ କେବଳ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଭାବେ ପାଳନ କରି ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତିର କାର୍ଯ୍ୟକାରିତା ଲାଗି ପ୍ରଥମ ଅନୁପାଳନ ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ ହେବାକୁ ଯାଉଛି । ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବାରମ୍ବାର ପୁରୀ ଗସ୍ତରେ ଆସି ଏହି କାର୍ଯ୍ୟକ୍ରମର ସଫଳତା ସଂକ୍ରାନ୍ତରେ ଅନୁଧ୍ୟାନ କରୁଛନ୍ତି । ମୋହନ ସରକାରଙ୍କ ଏହା ପ୍ରଥମ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମ ହେଉଥିବାରୁ ସେଥିରେ ଯେଭଳି କୌଣସି ତ୍ରୁଟି ନରୁହେ ତାହା ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ତଦାରଖ କରୁଛନ୍ତି । ଏଥିପାଇଁ ସଭା ମଞ୍ଚ ନିର୍ମାଣ ଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକରୁ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସୁଥିବା ଲୋକମାନଙ୍କର ଯାନବାହନ ପାର୍କିଂ ଓ ଟ୍ରାଫିକ୍? ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଶ୍ରୀକ୍ଷେତ୍ର ପୁରୀରେ ଆଇନ୍?ଶୃଙ୍ଖଳା ରକ୍ଷା ଉପରେ ବି କର୍ତ୍ତୃପକ୍ଷ ଧ୍ୟାନ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁଆସୁଥିବା ପ୍ରାୟ ୨୫ ହଜାର ପ୍ରତିନିଧିଙ୍କ ପାଇଁ ଭୋଜନ ଓ ଜଳପାନ ବ୍ୟବସ୍ଥାରେ ଯେଭଳି ତ୍ରୁଟି ନରୁହେ ଏବଂ ଗ୍ରୀଷ୍ମ ପ୍ରବାହ ଚାଲିଥିବାରୁ ଯେପରି ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଏ ସେ ଦିଗରେ ମଧ୍ୟ ଦୃଷ୍ଟି ଦିଆଯାଉଥିବା ଜଣାପଡିଛି । କେବଳ ସେତିକି ନୁହେଁ, ଏହି କାର୍ଯ୍ୟକ୍ରମ ପାଇଁ ହେଲିପ୍ୟାଡ୍? ବ୍ୟବସ୍ଥା ସହିତ ଆସୁଥିବା ନେତା ଓ ଅଧିକାରୀମାନଙ୍କ ରହଣୀ ଲାଗି ସର୍କିଟ୍ ହାଉସ୍ ସମେତ ଅନ୍ୟାନ୍ୟ ସରକାରୀ ଡାକବଙ୍ଗଳାଗୁଡ଼ିକରେ ମଧ୍ୟ ଆୟୋଜନ ଚାଲିଛି । ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲାର କେଉଁ ଅଧିକାରୀ କେଉଁ ଦାୟିତ୍ୱରେ ରହିବେ ତାହା ମଧ୍ୟ ବଣ୍ଟନ କରାଯାଇଛି । ଏହାଛଡ଼ା ଏତେ ସଂଖ୍ୟକ ଲୋକ ଆସୁଥିବାରୁ ସେଦିନ ଶ୍ରୀମନ୍ଦିରରେ ଅଧିକ ଗହଳି ହେବା ସମ୍ଭାବନା ଥିବା ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ବଜାୟ ସହିତ କିଭଳି ସମସ୍ତେ ସୁବିଧାରେ ଦର୍ଶନ କରିପାରିବେ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି ।

## ୨୪ରେ ନୂଆ ରାସନ କାର୍ଡ

ଭୁବନେଶ୍ୱର, ୨୨/୪: ଏପ୍ରିଲ ୨୪ରେ ରାଜ୍ୟବାସୀଙ୍କୁ ମିଳିବ ନୂଆ ରାସନ କାର୍ଡ । ପଞ୍ଚାୟତିରାଜ ଦିବସ ଅବସରରେ ରାଜ୍ୟରେ ସରକାର ନୂଆ ରାସନ କାର୍ଡ ବାଣ୍ଟିବେ । ପୁରୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିବେ । ଏନେଇ ମଙ୍ଗଳବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୨୪ ତାରିଖରେ ପ୍ରଥମ ଶୁଭାରମ୍ଭ ପରେ ରାଜ୍ୟରେ ପର୍ଯ୍ୟାୟକ୍ରମେ ୫ ଲକ୍ଷ ୯୦ ହଜାର ହିତାଧିକାରୀ ନୂଆ କାର୍ଡ ପାଇବେ । ଏହାସହ ଆହୁରି ୨୫ ଲକ୍ଷ ହିତାଧିକାରୀ ଇକେୱାଇସି କରି ନାହାଁନ୍ତି । ତେଣୁ ଯାଞ୍ଚ ପାଇଁ ଅଧିକାରୀଙ୍କୁ ଫିଲ୍ଡ ଭିଜିଟ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଉ ହେବନି ବିଦ୍ୟୁତ୍ କାଟ୍



ଭୁବନେଶ୍ୱର, ୨୨/୪: ବର୍ତ୍ତମାନ୍ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ସକାଳ ୧୦ଟା ନବାଜୁଣୁ ଘରୁ ବାହାରିବା ବି ମୁସ୍କିଲ ହୋଇପଡୁଛି। ଏହାରି ମଧ୍ୟରେ ୪୨.୬ ଡିଗ୍ରୀ ସହ ଝାରସୁଗୁଡା ଆଜି ସବୁଠୁ ଉତ୍ତପ୍ତ ସହର ପାଲଟିଛି। ତେବେ ଏଭଳି ପରିସ୍ଥିତିରେ ଉପମୁଖ୍ୟମନ୍ତ୍ରୀ ଲୋକ ମାନଙ୍କୁ ଏକ ବଡ ଆଶ୍ୱସ୍ତି ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ କାଟ୍ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ। ସେ କହିଛନ୍ତି ବକେୟା ବିଲ ପ୍ରଦାନ କରିନଥିଲେ ବି ବିଦ୍ୟୁତ୍ କାଟ୍ ହେବନି। କିନ୍ତୁ ଉପଭୋକ୍ତାଙ୍କୁ ବକେୟା ବିଲ୍ ପୈଠ କରିବାକୁ ପଡିବ। କାଳବୈଶାଖୀରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲେ ଖୁବ୍ ଶୀଘ୍ର ତାହାର ସମାଧାନ କରାଯାଉଛି।

## ପ୍ରବଳ ଖରା ପାଇଁ ସ୍କୁଲ ଛୁଟି ଘୋଷଣା



ଭୁବନେଶ୍ୱର, ୨୨/୪: ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ପିଲାଙ୍କ ପାଇଁ ଖରା ଛୁଟି ଘୋଷଣା କରାଯାଇଛି। ଅପ୍ରେଲ ୨୩ ତାରିଖ ଠାରୁ ଅଙ୍ଗନବାଡି, ଶିଶୁବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ, ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଭିଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏ ସଂପର୍କରେ ସମୀକ୍ଷା କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ ଅଙ୍ଗନବାଡି କେନ୍ଦ୍ର, ଶିଶୁବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ବନ୍ଦ ରହିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଦିନ ତାପମାତ୍ରାରେ ଅତ୍ୟଧିକ ବୃଦ୍ଧି ଯୋଗୁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହେଉଛି। ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ସମୟ ମଧ୍ୟରେ ଅଙ୍ଗନବାଡି ପିଲା ମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ ଉଭୟ ସରକାରୀ ଓ ବେସରକାରୀ କଲେଜ ପିଲାମାନଙ୍କ ପାଇଁ ରାଜ୍ୟ ସରକାର ଅପ୍ରେଲ ୨୩ ତାରିଖ ଠାରୁ ୫ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି । ତେବେ, ଏହି ସମୟରେ ପୂର୍ବରୁ ନିର୍ଦ୍ଧାରିତ ପରୀକ୍ଷା ଗୁଡିକ ନିର୍ଦ୍ଦିଷ୍ଟ ତାରିଖରେ ହେବ ଏବଂ ସଂପୃକ୍ତ ଅଧିକାରୀମାନେ ଏଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ତୃଣମୂଳସ୍ତରରୁ ଜ୍ଞାନ ଆହରଣ ପାଇଁ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨/୪: ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ଏବଂ ସରକାରରେ ତ୍ୱରିତ ନିଷ୍ପତ୍ତି ନେବା ସମ୍ପର୍କରେ ତୃଣମୂଳସ୍ତରେ ଜ୍ଞାନ ଆହରଣ ପାଇଁ ସେମାନଙ୍କୁ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସଂପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଶ୍ରୀ ଆହୁଜା ଆଜି ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନରତଥା ଶାସନ ସଚିବ, ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ପଠାଇଥିବା ଏକ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କାର୍ଯ୍ୟାଳୟରେ ନଥିବା ଫାଇଲ୍ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ସଂପୃକ୍ତ କ୍ଷେତ୍ରର ବାସ୍ତବତା ବିଷୟରେ ଅବଗତ ହେଲେ ସରକାରଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଫଳପ୍ରଦ ଓ ତ୍ୱରାନ୍ୱିତ ହୋଇଥାଏ। କ୍ଷେତ୍ରସ୍ତରରେ କାର୍ଯ୍ୟକରୁଥିବା କର୍ମଚାରୀ ତଥା ନାଗରିକମାନେ କାର୍ଯ୍ୟ ନିର୍ବାହ ବେଳେ ସମ୍ମୁଖୀନ ହେଉଥିବା ବ୍ୟବହାରିକ ଅସୁବିଧାଗୁଡ଼ିକୁ ଠିକ୍ ଭାବରେ ବୁଝିବା ଏବଂ ଏହାର ପ୍ରତିକାର କରିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ଯେ,ନୀତି ଓ ନିଷ୍ପତ୍ତିକୁ ବାସ୍ତବତା ସହ ଅଧିକ ସମନ୍ୱିତ କରିବାପାଇଁକାର୍ଯ୍ୟାଳୟରେ ସହକାରୀ ଉପ ବିଭାଗ ଅଧିକାରୀ(ଏଏସଓ) ଏବଂ ଉପ ବିଭାଗ ଅଧିକାରୀ(ଏସଓ)ମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ଅଧିକାରୀଙ୍କ ପାଇଁ ଏକ ଯୋଜନା ବା କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଉଚିତ। ଯେଉଁମାନେସାଧାରଣରେ କ୍ଷେତ୍ର ପରିଦର୍ଶନ କରୁନାହାଁନ୍ତି, ସେହିମାନଙ୍କ ପାଇଁ ଏହି କ୍ଷେତ୍ର ପରିଦର୍ଶନ ପ୍ରଯୁଜ୍ୟ ହେବ । ଏହି ଗସ୍ତ ସମୟରେ ସେମାନେ ତୃଣମୂଳ ସ୍ତରରେ କ୍ଷେତ୍ରସ୍ତରରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ଗୋଟିଏ ଦିନର କାର୍ଯ୍ୟ ଉପରେ ଦୃଷ୍ଟିଦେବା ସହ ସମ୍ପୃକ୍ତ ବିଭାଗ ସହ ଜଡ଼ିତ ଯୋଜନା, କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ନଜର ଦେବେ । ଉଦାହରଣ ସ୍ୱରୂପ, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ଏକ ଅଙ୍ଗନୱାଡି କେନ୍ଦ୍ରକୁ ଏକ ଦିନ ପରିଦର୍ଶନ କରି, ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ଦିନସାରା ବିସ୍ତୃତ ଭାବରେ ଅନୁଧ୍ୟାନ ଏବଂ ଅନୁସରଣ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇ ପାରନ୍ତି । ସେହିପରି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନଆରଏଚଏମ) ଅଧୀନରେ ସ୍ୱୀକୃତି ପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟକର୍ମୀ (ଆଶା)ଦ୍ୱାରା ପ୍ରଦାନ କରାଯାଉଥିବା ସେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀମାନେ ନିରୀକ୍ଷଣ କରିବା ଉଚିତ। ଗସ୍ତସ୍ଥାନରେ ରାତ୍ର ରହଣି ପାଇଁ ଅଧିକାରୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟଶାସନ ସଚିବ ମନ୍ତବ୍ୟ ଦେଇଛନ୍ତି ଯେ, ଏହି କାର୍ଯ୍ୟର ଉଦ୍ଦେଶ୍ୟ କ୍ଷେତ୍ର କର୍ମକର୍ତ୍ତା ମାନଙ୍କ କାର୍ଯ୍ୟ ସମୀକ୍ଷା କରିବା ବା ସେମାନଙ୍କୁ ନିର୍ଦ୍ଦେଶ ଦେବା ନୁହେଁ। କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ କାର୍ଯ୍ୟକୁ ଭଲ ଭାବରେ ଅନୁଧ୍ୟାନ କରିବା ସହିତ ନାଗରିକଙ୍କ ଉପରେ ତାଙ୍କ କାର୍ଯ୍ୟର କିପରି ସୁଫଳ ମିଳୁଛି, ଏହା ବିଷୟରେ ଅଧିକ ଜାଣିବା ଏବଂ ସେହି ସ୍ତରରେ ରହୁଥିବା ସମସ୍ୟା ଏବଂ ଉତ୍ତମ ଅଭ୍ୟାସକୁ ବୁଝିବା ସହ କ୍ଷେତ୍ର ପରିଦର୍ଶନରୁ ଫେରିବାପରେ ସେମାନେ ଦେଖିଥିବା ପ୍ରକଳ୍ପ, କାର୍ଯ୍ୟକ୍ରମ ତଥା ଯୋଜନାର କାର୍ଯ୍ୟକାରିତାରେ ଉନ୍ନତି ଆଣିବା ପାଇଁ ସମ୍ପୃକ୍ତ ବିଭାଗର ସଚିବଙ୍କ ନିକଟରେ ଅତିକମରେ ଗୋଟିଏ ପ୍ରସ୍ତାବ ବା ଧାରଣା ଦାଖଲ କରିବେ। ବିଭାଗ ଗୁଡିକ ଏଭଳି ଧାରଣା ତଥା ସୁପାରିଶକୁ ଏକତ୍ରିତ କରି ସେସବୁର ଯାଞ୍ଚ କରିବେ ଏବଂପ୍ରଚଳିତ ପ୍ରକ୍ରିୟା ପ୍ରବାହ, ନୀତି, ମାର୍ଗଦର୍ଶିକାଇ ତ୍ୟାଦିରେ ସଂଶୋଧନ କରି ଏହାକୁ କାର୍ଯ୍ୟରେ ରୂପାୟିତ କରିବେ, ଯାହାଦ୍ୱାରା ଲୋକଙ୍କୁ ଉତ୍ତମ ସେବା ପ୍ରଦାନରେ ସହାୟକ ହେବ। ଏହି କ୍ଷେତ୍ର ପରିଦର୍ଶନ ସଂପର୍କିତ ତଥ୍ୟକୁ ବିଭିନ୍ନ ସମୟରେ ହେଉଥିବା ସଚିବସ୍ତରୀୟ ବୈଠକରେ ଉପସ୍ଥାପନା କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ଚଳିତ ମାସରୁ ପ୍ରଥମେ ଆକାଂକ୍ଷୀ ଜିଲ୍ଲାମାନଙ୍କୁ ଏହି କ୍ଷେତ୍ର ପରିଦର୍ଶନରେ ଯିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏହି ବ୍ୟବସ୍ଥା ଫଳରେ ବିଭାଗ ଗୁଡ଼ିକରେ ଫାଇଲ ବା ନଥିରେ ବାସ୍ତବ ନିଷ୍ପତ୍ତି ନିଆଯିବା ସହ ଏହା ଉନ୍ନତ ଶାସନ ବ୍ୟବସ୍ଥାରେ ଅଧିକ ସହାୟକ ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ ଆଶା ପ୍ରକାଶ କରିଛନ୍ତି ।

## ପିସିଆରକୁ ଚାପିଦେଲୋ ଟ୍ରକ୍, ୨ ପୁଲିସ ମୃତ

କଟକ, ୨୨/୪: କଟକ-ପାରାଦୀପ ରାସ୍ତାର ଗତିରାଉତପାଟଣାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ପିସିଆରଭ୍ୟାନକୁ ଟ୍ରକ୍ ଚାପିଦେବା ଫଳରେ ଅକାଳରେ ଚାଲିଯାଇଛି ୨ ପୁଲିସ କର୍ମଚାରୀଙ୍କ ଜୀବନ। ଖାଲି ସେତିକି ନୁହେଁ, ଏଥିରେ ଆଉ ଜଣେ ପୁଲିସ କର୍ମଚାରୀ ଗୁରୁତର ହୋଇଛନ୍ତି। ତାଙ୍କୁ ପୁଲିସ ଉଦ୍ଧାର କରି ଏସସିବିରେ ଭର୍ତ୍ତି କରିଥିବା ଜଣାଯାଇଛି। ଭୋର ସମୟରେ ଟ୍ରକଟି ଦ୍ରୁତଗତିରେ ଆସି ମୁହାଁମୁହିଁ ପିସିଆରଭ୍ୟାନକୁ ଧକ୍କା ଦେଇଥିଲା। ଏହାଫଳରେ ଘଟଣାସ୍ଥଳରେ ଜଣେ ଓପିଏଫ୍ ଯବାନ୍ ଓ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତ ଯବାନଙ୍କ ନାମ ଲୋକନାଥ ଶବର ଓ ତାଙ୍କ ଘର ର?ାୟଗଡ଼ାରେ ବୋଲି ଜଣାଯାଇଛି। ତେଣେ ହୋମଗାର୍ଡଙ୍କ କଟକ ଜିଲ୍ଲା କିଶୋରନଗରରେ ବୋଲି ସୂଚନା ରହିଛି। ଉଭୟଙ୍କ ପରିବାରକୁ ଘଟଣା ସଂପର୍କରେ ସୂଚନା ଦିଆଯାଇଛି। ଏଣେ ଟ୍ରକ୍ ଚାଳକଙ୍କୁ ପୁଲିସ ଗିରଫ କରି ତଦନ୍ତ ଚଳାଇଛି। କଟକ ଡିସିପି ଋଷିକେଶ ଖିଲାରୀଙ୍କ ସୂଚନା ଅନୁଯାୟୀ, ଭୋର ସମୟରେ ଟ୍ରକଟି ଦ୍ରୁତଗତିରେ ଆସି ମୁହାଁମୁହିଁ ପିସିଆରଭ୍ୟାନକୁ ଧକ୍କା ଦେଇଥିଲା। ଏହାଫଳରେ ଘଟଣାସ୍ଥଳରେ ଜଣେ ଓପିଏଫ୍ ଯବାନ୍ ଓ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତ ଯବାନଙ୍କ ନାମ ଲୋକନାଥ ଶବର ଓ ତାଙ୍କ ଘର ର?ାୟଗଡ଼ାରେ ବୋଲି ଜଣାଯାଇଛି। ତେଣେ ହୋମଗାର୍ଡଙ୍କ କଟକ ଜିଲ୍ଲା ?କିଶୋରନଗରରେ ବୋଲି ସୂଚନା ରହିଛି। ଉଭୟଙ୍କ ପରିବାରକୁ ଘଟଣା ସଂପର୍କରେ ସୂଚନା ଦିଆଯାଇଛି। ଏଣେ ଟ୍ରକ୍ ଚାଳକଙ୍କୁ ପୁଲିସ ଗିରଫ କରି ତଦନ୍ତ ଚଳାଇଛି।

## ଲକ୍ଷେ ଟଙ୍କା ଟପିଲା ସୁନା ଦର



ନୂଆଦିଲ୍ଲୀ, ୨୨/୪: ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି ସୁନା ଦର। ଘରୋଇ ବଜାରରେ ସୁନା ଓ ରୁପା ଦର ଏବେ ଆଉ ଏକ ନୂଆ ଇତିହାସ ରଚିଛି। ଚାହିଦା ବୃଦ୍ଧି ସହ ସୁନା ଦର ୯୯,୦୦୦ ଟଙ୍କା ପାର କରିଛି । ଜାତୀୟ ରାଜଧାନୀ ଦିଲ୍ଲୀରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୧,୬୫୦ ଟଙ୍କା ବଢ଼ି ୯୯,୮୦୦ ଟଙ୍କା ହୋଇଛି । ଲକ୍ଷେ ହେବାକୁ ଆଉ ୨୦୦ ଟଙ୍କାର ଫରକ । ମାତ୍ର ସୁନାରେ ୩% ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗିବା ପରେ ଏହାର ଦର ୧,୦୦,୧୬୬ ଟଙ୍କା ଛୁଇଁଛି । ଅଖିଳ ଭାରତୀୟ ସରାଫା ସଂଘ ମୁତାବକ, ଦିଲ୍ଲୀରେ ଆଜି ୯୯.୯% ଶୁଦ୍ଧତାଯୁକ୍ତ ସୁନା ଦର ୯୯,୮୦୦ ଟଙ୍କା ହୋଇଛି । ସେହିଭଳି ୯୯.୫% ଶୁଦ୍ଧତାଯୁକ୍ତ ସୁନା ୧,୬୦୦ ଟଙ୍କା ବଢ଼ି ୯୯,୩୦୦ ଟଙ୍କା ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ବିଶ୍ୱ ଅନିଶ୍ଚିତତା ଦେଇ ଗତି କରୁଛି। ଏହାକୁ ନେଇ ଦୁନିଆର ଅର୍ଥନୀତି ପ୍ରଭାବିତ ହୋଇଛି। ସୁନାରେ ନିବେଶ କରିବାରୁ ନିବେଶକମାନେ ସୁରକ୍ଷିତ ମଣୁଛନ୍ତି। ନିବେଶକମାନେ ବିପଦ ନେବାକୁ ଚାହୁଁଛନ୍ତି। ସେଥିପାଇଁ ସୁନାରେ ନିବେଶ ବୃଦ୍ଧି କରୁଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ସୁନା ଦରରେ ବୃଦ୍ଧି ଘଟୁଛି । କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ଏ ବର୍ଷ ଟଙ୍କାର ବିନିମୟ ମୂଲ୍ୟରେ ପାଖାପାଖି ୪% ହ୍ରାସ ଘଟିଛି । ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି । ଏଭଳି ସମୟରେ ସୁନା ଗହଣା ଚାହିଦା ବୃଦ୍ଧି ପାଇଛି । ଏହା ମଧ୍ୟ ଦରକୁ ଊର୍ଦ୍ଧ୍ୱମୁଖୀ କରିବାର ଅନ୍ୟ ଏକ କାରଣ । ନିବେଶ ଲାଗି ସୁରକ୍ଷିତ ମାଧ୍ୟମ ହେବା ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଚୁର ମାତ୍ରାରେ ସୁନା କ୍ରୟ ଏହି ଧାତୁକୁ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଖାଲି ସୁନା ନୁହେଁ, ରୁପା ଦର ମଧ୍ୟ ଦ୍ରୁତ ବେଗରେ ବଢ଼ିଚାଲିଛି ।

# ରାଜଧାନୀରେ ଝାଡ଼ାବାନ୍ତି: ଅଚିନ୍ତାରେ ସ୍ୱାସ୍ଥ୍ୟବିଭାଗ, ବିଏମ୍‌ସି

ଭୁବନେଶ୍ୱର,୨୨/୪: ଝାଡ଼ାବାନ୍ତିକୁ ନେଇ ରାଜଧାନୀରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରଥମେ ନୀଳାଦ୍ରିବିହାର ଅଞ୍ଚଳର ନୀଳମାଧବଆବାସରେ ୧୮୨ଜଣ ଆକ୍ରାନ୍ତ ହୋଇଥିଲେ। ଏହାର ତିନି ଦିନ ପରେ ଗତକାଲି ଡୁମୁଡୁମା ଅଞ୍ଚଳର ଏକ ଘରୋଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲ୍‌ର ୬ଜଣ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ପରେ ଏବେ ସହରବାସୀଙ୍କ ମଧ୍ୟରେ ଛନକା ପଶିଛି। ୬ଜଣ ଛାତ୍ରୀ ସୁସ୍ଥ ହୋଇ ହଷ୍ଟେଲ୍‌କୁ ଫେରିଥିଲେ ମଧ୍ୟ ଗୋଟିଏ ପରେ ଗୋଟିଏ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାର କାରଣ ଖୋଜିବା ଏବେ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଡୁମୁଡୁମା ଘଟଣା ପରେ ଆଜି ମେଡିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡାକ୍ତରୀ ଟିମ୍ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିବା ସହ ଖାଦ୍ୟ ଓ ପାଣି ନମୁନା ସଂଗ୍ରହ କରିଛନ୍ତି। ଛାତ୍ରୀମାନଙ୍କୁ ସଚେତନ କରାଯାଇଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଛାତ୍ରୀମାନେ ଶିକ୍ଷାଭ୍ରମଣରେ ନନ୍ଦନକାନନ ଯାଇଥିଲେ। ସେଠାରୁ ଫେରିବା ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ହଷ୍ଟେଲ୍‌ର ଆକ୍ରାନ୍ତ ହୋଇଥିବା ୬ଜଣ ଛାତ୍ରୀ ନନ୍ଦନକାନନ ପାଖ ଏକ ଉଠାଦୋକାନରୁ ଦହିବରା ଆଳୁଦମ୍ ଖାଇଥିଲେ। ସେଠାରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବା ସହ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ଝାଡ଼ାବାନ୍ତି ବ୍ୟାପିବା ଖବର ପାଇ ଭୁବନେଶ୍ୱର ମହାନଗର ନିଗମ ତତ୍ପରତା ପ୍ରକାଶ କରିବା ସହ କଲେଜ ଓ ହଷ୍ଟେଲ୍‌ରୁ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଉଠାଦୋକାନୀଙ୍କ ଖାଦ୍ୟ ନିୟମିତ ଯାଞ୍ଚ କରିବାକୁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବିଏମ୍‌ସି ମେୟର ସୁଲୋଚନା ଦାସ ଗଣମାଧ୍ୟମକୁ କହିଛନ୍ତି। ଶ୍ରୀମତୀ ଦାସ କହିଛନ୍ତି ଯେ ସମ୍ପୃକ୍ତ ବିଦ୍ୟାଳୟ ହଷ୍ଟେଲ୍‌ରେ ମେଡିକାଲ୍ ଟିମ୍ ପହଞ୍ଚି ଯାଞ୍ଚ କରିଛନ୍ତି। ଆକ୍ରାନ୍ତଙ୍କୁ ସାଲାଇନ୍ ଓ ଔଷଧ ଦେବା ପାଇଁ ପଦକ୍ଷେପ ନିଆଯାଇଛି। ତେଣୁ ଚିନ୍ତାର



କୌଣସି କାରଣ ନାହିଁ। ରାଜଧାନୀବାସୀ ଡରିବାର ବି କୌଣସି କାରଣ ନାହିଁ। ଏବେ ସମସ୍ତେ ଟିକିଏ ସାବଧାନ ହୋଇ ଚଳିବାର ଆବଶ୍ୟକତା ରହିଛି। ଯେଉଁଠି ନଳାପାଣି ରହୁଛି ତାହାକୁ କିଭଳି ପରିଷ୍କାର କରାଯିବ ତାହା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଛନ୍ତି। ମେଡିକାଲ ଅଫିସର ଡା. ଶିବପ୍ରସାଦ ପାଢ଼ୀ କହିଛନ୍ତି ଯେ ୬ଜଣ ଛାତ୍ରୀ ଅସୁସ୍ଥ ହୋଇଥିଲେ। ସେମାନେ ସୁସ୍ଥ ହୋଇ ଫେରିଛନ୍ତି। ଆମେ ଏବେ ମନିଟରିଂ କରୁଛୁ। ଏଡିପିଏଚ୍‌ଓ ନିଜେ ଘଟଣା ଉପରେ ନଜର ରଖିଛନ୍ତି। ଡାକ୍ତରୀ ଟିମ୍ ମଧ୍ୟ ସେଠାରେ ରହିଛନ୍ତି। ଭୁବନେଶ୍ୱର ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳମଣି ସେନାପତି କହିଛନ୍ତି ହଷ୍ଟେଲ୍‌ରେ ୧୫୬ ପିଲା ରହୁଥିଲେ ମଧ୍ୟ ମାତ୍ର ୬ଜଣ ଆକ୍ରାନ୍ତ ହୋଇଛନ୍ତି। ବାହାର ଖାଦ୍ୟ ଖାଇବା ଦ୍ୱାରା ଝାଡ଼ାବାନ୍ତି ହୋଇଛି। ଏବେ ସମସ୍ତେ ଭଲ ହୋଇଗଲେଣି। ଆମେ ଘଟଣା ଉପରେ ନଜର ରଖିଛୁ। ନୀଳମାଧବଆବାସରେ ୪ ଦିନ ହେଲା ଆଉ କେହି ଆକ୍ରାନ୍ତ ହୋଇନାହାନ୍ତି। ପିଇବା ପାଣି ବାରମ୍ବାର ପରୀକ୍ଷା କରାଯାଇଛି। ତିନି ଥର ପାଣି ପରୀକ୍ଷା ହୋଇସାରିଲାଣି। ପ୍ରଥମଥର ପାଣିର ମାନ ଖରାପ ଥିଲା। ପରବର୍ତ୍ତୀ ଦୁଇଥର ପରୀକ୍ଷାରେ ସବୁ ଠିକ୍ ରହିଛି। ଏକ ସ୍ୱତନ୍ତ୍ର ଟିମ୍ ନୀଳମାଧବଆବାସ ଉପରେ ନଜର ରଖିଛନ୍ତି। ଆଉ ୭ ଦିନ ପର୍ଯ୍ୟନ୍ତ ଡାକ୍ତରୀ ଟିମ୍ ସେଠାରେ ରହିବେ ବୋଲି ଡା. ସେନାପତି କହିଛନ୍ତି। ଗୋଟିଏ ପରେ ଗୋଟିଏ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଥିଲେ ମଧ୍ୟ ଏବେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ନିଦ ଭାଙ୍ଗୁନି। ସ୍ୱାସ୍ଥ୍ୟମନ୍ତ୍ରୀ କିମ୍ବା ସଚିବ ଏନେଇ କୌଣସି ସମୀକ୍ଷା କରୁନାହାନ୍ତି କି ବିଏମ୍‌ସିର ମଧ୍ୟ ସମୀକ୍ଷା ନାହିଁ। ଆକ୍ରାନ୍ତ ବାହାରିବା ପରେ ମେୟର, ମେଡିକାଲ ଟିମ୍ ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ଆଶ୍ୱାସନା ଦେଉଛନ୍ତି। ହେଲେ ଲୋକଙ୍କୁ କିଭଳି ସଚେତନ କରାଯିବ ସେଦିଗରେ ପଦକ୍ଷେପ ନେଉନାହାନ୍ତି।

## ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ



ଭବାନୀପାଟଣା: ତା ୨୨/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ ଜିଲ୍ଲା ଯୋଜନା ଓ ସମୀକ୍ଷା ବିଭାଗଙ୍କ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିହାର ରଂଜନ ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱାଗତ ଜଣାଇ ବା ସହିତ ପୋଷଣ ପକ୍ଷ ପାଳନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୋଷଣ ଜିଲ୍ଲା ସଂଯୋଜକ ଅଜୟ ବିହାର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ବିଶେଷ କରି ପୋଷଣ ପକ୍ଷ ପାଳନ କାର୍ଯ୍ୟକ୍ରମ ରେ ପୋଷଣ ର ଗୁରୁତ୍ୱ, ଜୀବନ ପ୍ରଥମ ୧୦୦୦ ଦିନ ର ଗୁରୁତ୍ୱ, ପୋଷଣ ଶ୍ୱକ୍ଷବମଳରକ୍ଷ ରେ ଭରଭସଲସମସବକ୍ଷଛ ମଡ୍ୟୁଲ୍ ର ବ୍ୟବହାର ବିଷୟରେ, ଅତିଶୟ ପୁଷ୍ଟିହୀନ ଶିଶୁ ମାନଙ୍କର ଗୋଷ୍ଠୀ ଭିତ୍ତିକ ପରିଚାଳନା, ସୁସ୍ଥ ଜୀବନ ଶୈଳୀ କୁ ତୃଣମୂଳ ସ୍ତରରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅବଗତ କରାଇଥିଲେ। ପୁଣି ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ତଥା ପରାମର୍ଶ ଦାତା ବିଶ୍ୱନାଥ ଦାସ, ପୋଷଣ ଅଭିଯାନ ଓ ପୋଷଣ ପକ୍ଷ ଉପରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପୋଷଣ ର ପ୍ରକ୍ରିୟା ବିଷୟରେ ସବିଶେଷ ଆଲୋଚନା,ଖାଦ୍ୟ ଓ ଶରିରର ସମ୍ପର୍କ ଉଦ୍ଦେଶ୍ୟ ରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ଶିଶୁ ମାନଙ୍କ ଯତ୍ନ ର ଦାୟିତ୍ୱ ପିତା ମାତା ମାନଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଅଛି ଏବଂ ବାହାର ର ଖାଦ୍ୟ କୁ ବିଶେଷ ଗୁରୁତ୍ୱ ନ ଦେଇ ପାରମ୍ପାରିକ ଖାଦ୍ୟ କୁ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଞ୍ଚଳ ପରିଦର୍ଶନ ଅଧିକାରୀ, ପୋଷଣ ଜିଲ୍ଲା କାର୍ଯ୍ୟକ୍ରମ ସହାୟକ, ପୋଷଣ ବ୍ଲକ ସଂଯୋଜକ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଅଙ୍ଗନୱାଡି କର୍ମୀ ମାନେ ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଏହି ସବୁ ଖାଦ୍ୟ କୁ ଅତିରିକ୍ତ ଜିଲ୍ଲାପାଳ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଅନ୍ୟାନ୍ୟ ସମ୍ମାନୀତ ଅତିଥି ମାନେ ପରିଦର୍ଶନ କରିଥିଲେ। ପରିଶେଷରେ ପ୍ରୋଗ୍ରାମ ଅଫିସର ନମିତା ରାଣୀ ପଲ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା

ଯାଜପୁର ୨୨/୪ : ପେନ୍‌ସନଭୋଗୀ ବିରୋଧି ଆଇନକୁ ବିରୋଧ କରି ଯାଜପୁର ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା କରି ଦୃଢ ଦାବି କରିଛନ୍ତି। କେନ୍ଦ୍ର ସରକାରଙ୍କ ପେନ୍‌ସନଭୋଗୀମାନଙ୍କ ପେନ୍‌ସନ ଅଭିବୃଦ୍ଧିକୁ ପ୍ରତ୍ୟାହାର କରିବା ଉଦ୍ଦେଶ୍ୟରେ ଗତ ମାର୍ଚ୍ଚ ୨୫ ତାରିଖରେ ପାର୍ଲ୍ୟାମେ□ରେ ଏକ ଆର୍ଥିକ ବିଲ୍ ଗୃହୀତ କରାଯାଇଥିଲା। ଭାରତବର୍ଷର ପ୍ରାୟ ୭୦ ଲକ୍ଷ ପେନ୍‌ସନଧାରୀ (ଓଡ଼ିଶାର ୩ ଲକ୍ଷ ୫୦ ହଜାର) ବୟସ୍କ ନାଗରିକମାନଙ୍କ ପ୍ରତି ମାରଣନୀତି ସୃଷ୍ଟି କରିଛନ୍ତି। ୨୦୨୬ ମସିହା ଜାନୁଆରୀ ମାସରୁ ଲାଗୁ ହେବାକୁ ଥିବା ଅଷ୍ଟମ ବେତନ କମିଶନଙ୍କ ସମ୍ଭାବିତ ରିପୋର୍ଟର ଆର୍ଥିକ ସୁବିଧା ସୁଯୋଗ ପେନ୍‌ସନ ଭୋଗୀ ମାନଙ୍କ ପ୍ରତି ପ୍ରଯୁଜ୍ୟ ହେବନାହିଁ। ପୂର୍ବରୁ ପାରିତ ହୋଇଥିବା ୭ଟି ବେତନ କମିଶନମାନଙ୍କ ରିପୋର୍ଟରେ ପେନ୍‌ସନଭୋଗୀ ମାନଙ୍କୁ ଆର୍ଥିକ ଲାଭରୁ ବଂଚିତ କରାଯାଇ ନଥିଲା। କିନ୍ତୁ ବର୍ତ୍ତମାନର ସରକାର ପେନ୍‌ସନଭାଗୀ ମାନଙ୍କ ପ୍ରତି ଅବିଚାର କରି ମାରଣ ନୀତି ଅବଲମ୍ବନ କରିଛନ୍ତି। ଶତାଧିକ ବୟସ୍କ ପେନ୍‌ସନଭୋଗୀ ମାନଙ୍କ ଉପସ୍ଥିତିରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ଜିଲ୍ଲା ସଭାପତି ରବି ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ସଂଘର ସମ୍ପାଦକ ବିବେକାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି, ସୁରେନ୍ଦ୍ର କୁମାର ରାୟ,



ଉପ-ସଭାପତି ଦିଗମ୍ବର ସାହୁ, ଉପଦେଷ୍ଟା ଅଭିମନ୍ୟୁ ରାଉତ, ଯୁଧିଷ୍ଠିର ସ୍ୱାଇଁ, ଆଶାତରୁ ନାୟକ, ଅକ୍ଷୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ସ୍ୱାଇଁ ଆଦି କର୍ମକର୍ତାମାନେ ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଜନବିରୋଧି ଆଇନକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ଏହି ପ୍ରତିବାଦ ବିକ୍ଷୋଭ ସଭାରେ ରାଜ୍ୟ ଶିକ୍ଷକ ମହାସଂଘର ସଭାପତି ଧନଂଜୟ କେଶରୀ ରାଉତରାୟ, ସାଧାରଣ ସମ୍ପାଦକ ଡ. ଦୁଷ୍ମନ୍ତ କୁମାର ନାୟକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିନିଧି ବଂଶୀଧର ଦାସ ଏବଂ ଦୁର୍ଯ୍ୟୋଧନ ବାରିକ, ପ୍ରଫୁଲ୍ଲ କୁମାର ନାୟକ, କ୍ଷୀରୋଦ ଚନ୍ଦ୍ର କର ଏବଂ ସୁରେନ୍ଦ୍ର କୁମାର ମଲ୍ଲିକ, ଦେବେନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ବିଶ୍ୱାଳ, ରଘୁନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ସଭାପତି ରବି ଶତପଥୀ ଏବଂ ସଂପାଦକ ବିବେକାନନ୍ଦ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବି ପତ୍ର ଦେଶର ମାନନୀୟ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା।

## ୭ମ ଶ୍ରେଣୀ ଛାତ୍ରୀକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୩୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଯାଜପୁର ୨୨/୪ : ଜନୈକା ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିଥିବା ଅଭିଯୋଗରେ ମଙ୍ଗଳବାର ଦିନ ଅଭିଯୁକ୍ତକୁ ୩୦ ବର୍ଷ ସଶ୍ରମ କାରାଦଣ୍ଡଦେଶରେ ଦଣ୍ଡିତ କରି ଏକ ରାୟ ପ୍ରକାଶ କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚ଼ାରପତି ଅଭିଜିତ ପଲେଇ। ବିବରଣୀରୁ ପ୍ରକାଶ, ଯାଜପୁରଟାଉନ ଥାନା କୋଦଣ୍ଡପୁର ଅଂଚଳର ସ୍ୱର୍ଗତ ଭିକାରୀ ରଣାଙ୍କ ପୁଅ ବଳରାମ ରଣା ନିଜ ଅଟୋରେ ଜନୈକା ୭ମ ଶ୍ରେଣୀରେ ପାଠ ପଢୁଥିବା ସଂଖ୍ୟାଲଘୁ ନାବାଳିକାକୁ ପ୍ରତିଦିନ ସ୍କୁଲ ଓ ଟ୍ୟୁସନକୁ ଅଟୋରେ ନେବା ଆଣିବା କରୁଥିଲା। ଗତ ୨୦୨୪ ମସିହା ମାର୍ଚ୍ଚ ମାସ ୧୮ତାରିଖରେ ଅଟୋ ଚ଼ାଳକ ବଳରାମ ସଂପୃକ୍ତ ନାବାଳିକାକୁ ଅପହରଣ କରି ନେଇଥିଲା। ନାବାଳିକାର ମା ଝିଅର ନିଖୋଜ ସମ୍ପର୍କରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତିକରି ଯାଜପୁର ଟାଉନ ପୋଲିସ କେଶ ନଂ ୧୨୪/୨୪ ରେ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ବଳରାମ ନାବାଳିକାକୁ ଅପହରଣ କରି ପ୍ରଥମେ ଭଦ୍ରକ ପରେ ବାଲେଶ୍ୱର, ଦୀଘା, କୋଲକାତା ଏମିତି ଏକମାସ ବିଭିନ୍ନ ସ୍ଥାନରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲା। ପରେ ବରଗଡ଼ ଜିଲ୍ଲାର ଏକ ହୋଟେଲରେ ନେଇ ରଖି ଏକ ସଂସ୍ଥାରେ ଶ୍ରମିକ ଭାବେ କାମ କରିବାକୁ ଯାଉଥିବା ବେଳେ ସଂପୃକ୍ତ ହୋଟେଲ ମାଲିକର ସନ୍ଦେହ ହେବାରୁ ସେ ସୋସିଆଲ ମିଡ଼ିଆରେ ଏହାକୁ ପ୍ରକାଶ କରିଥିଲେ। ଯାଜପୁର ପୋଲିସ ଏହି ଖବର ପାଇବା ସହ ନାବାଳିକା ମା ମଧ୍ୟ ସୋସିଆଲ ମିଡ଼ିଆରେ ପ୍ରକାଶ ହୋଇଥିବା ଝିଅର ଫଟୋକୁ ଦେଖି ଚ଼ିହ୍ନଟ କରିବା ସହ ପୋଲିସର ସହାୟତା ଲୋଡ଼ିଥିଲେ। ଯାଜପୁର ପୋଲିସ ବରଗଡ଼ ପହଂଚି ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବଳରାମକୁ ଗିରଫ କରି ଯାଜପୁର ଆଣିବା ସହ କୋର୍ଟ ଚ଼ାଲାଣ କରିଥିଲେ। ମଙ୍ଗଳାବର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚ଼ାରପତି ଅଭିଜିତ ପଲେଇ ୧୫ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଅଭିଯୁକ୍ତ ବଳରାମ ରଣାକୁ ୩୦ବର୍ଷ ସଶ୍ରମ କାରାଦଣ୍ଡ, ୩୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡରେ ଦଣ୍ଡିତ କରିବା ସହ ପୀଡ଼ିତା କୁ ୧ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ୍ ପବ୍ଲିକ ପ୍ରସିକ୍ୟୁଟର ରାଜୀବ କୁମାର ମହାନ୍ତି ପରିଚ଼ାଳନା କରିଥିଲେ।

## ବିଦ୍ୟୁତ୍ ଆଘାତ ରେ ମା ପୁଅ ମୃତ

ଭବାନୀପାଟଣା ତା ୨୨/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ମଦନପୁାମପୁର ଥାନା ଅନ୍ତର୍ଗତ ସାଇଦଲଙ୍ଗା ଗ୍ରାମପଞ୍ଚାୟତ ର ଟୁର୍ଚି ( ଡଙ୍ଗର ପଡ଼ା ) ଠାରେ ,ସକାଳ ପ୍ରାୟ ନଅଟା ସମୟ ରେ ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତ ରେ ମା ପୁଅ ଙ୍କ ମୃତ୍ୟୁ ଘଟିବା ଅଞ୍ଚଳ ରେ ଚର୍ଚ୍ଚା ର ବିଷୟ ପାଲଟିଛି । ସୂଚନା ମୁତାବକ ଆଜି ସକାଳ ପ୍ରାୟ ନଅଟା ସମୟ ରେ ମଗସିର ସୁନା ଙ୍କ ପତ୍ନୀ ସୁନାଫୁଲ ସୁନା(୬୨) ଓଦା କପଡ଼ା ଶୁଖେଇବାକୁ ଯାଇ ବିତ୍ୟୁତ୍ ସଂଯୋଗ ରେ ଆସିଥିଲେ, ମାଆ ଙ୍କୁ ଏଭଳି ଅବସ୍ଥା ରେ ଦେଖି ଜୀବନ ବଞ୍ଚାଇବାକୁ ପୁଅ ରବି ସୁନା(୩୫) ମଧ୍ୟ ବିଦ୍ୟୁତ୍ ଆଘାତ ର ଶିକାର ହେଇଥିଲେ । ଘଟଣା ସ୍ଥଳରେ ହିଁ ମା ପୁଅ ଙ୍କ ମୃତ୍ୟୁ ଘଟିଛି ।

# ଫେରିଲା ତାତି, କମିବ କାଳବୈଶାଖୀ



ଭୁବନେଶ୍ୱର,୨୨/୪: ପ୍ରାୟ ଦୁଇ ସପ୍ତାହ ପରେ ରାଜ୍ୟକୁ ଫେରିଛି ତାତି। କାଳବୈଶାଖୀ ପ୍ରଭାବରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା କାରଣରୁ ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପାରଦ କିଛିଟା ହ୍ରାସ ପାଇଥିଲା। ପଶ୍ଚିମ ଓଡ଼ିଶାର କେତେକ ସହରରେ ତାପମାତ୍ରା କମିଥିଲେ ବି ଅନେକ ଅଞ୍ଚଳରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିଲା। ରବିବାର ରାଜ୍ୟର ତାପମାତ୍ରା ବଢ଼ିଛି। ଝାରସୁଗୁଡ଼ାରେ ପାରଦ ସର୍ବାଧିକ ୪୩.୫ ଡିଗ୍ରୀ ରେକର୍ଡ ହୋଇଛି। ସେହିଭଳି ବଲାଙ୍ଗିର ୪୨.୫ ଓ ଟିଟିଲାଗଡ଼ରେ ପାରା ୪୨ଡିଗ୍ରୀ ଛୁଇଁଛି। ଝାରସୁଗୁଡ଼ା, ବଲାଙ୍ଗିର ଏବଂ ଟିଟିଲାଗଡ଼ ଡହଡହ ତାତିରେ ଆଉଟୁ ପାଉଟୁ ହୋଇଛି। ୧୧ଟି ସ୍ଥାନରେ ପାରଦ ୪୦ଡିଗ୍ରୀ ଟପିଛି। ଭୁବନେଶ୍ୱରରେ ୩୭.୫ଡିଗ୍ରୀ ରେକର୍ଡ ହୋଇଥିଲେ ମଧ୍ୟ ଅସହ୍ୟ ଗୁଳୁଗୁଳି ଅନୁଭୂତ ହୋଇଛି। ପଶ୍ଚିମ ଓଡ଼ିଶାର ପ୍ରାୟ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଟପିଛି। ପାଣିପାଗ ବିଭାଗର ପୂର୍ବାନୁମାନ, ଆଗକୁ ୪ଡିଗ୍ରୀ ପର୍ଯ୍ୟନ୍ତ ଦିନ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାର ଜିଲାଗୁଡ଼ିକରେ ଆସନ୍ତା ୨୪ ଓ ୨୫ତାରିଖ ବେଳକୁ ତାପମାତ୍ରା ୪୫ଡିଗ୍ରୀ ଟପିବା ସମ୍ଭାବନା ରହିଛି। ଉତ୍ତର, ଦକ୍ଷିଣ ଏବଂ ଉପକୂଳରେ ପାରଦ ୪୦ଡିଗ୍ରୀ ଅତିକ୍ରମ କରିବାର ସମ୍ଭାବନା ଥିବାରୁ ରାଜ୍ୟକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମାଡ଼ି ଆସୁଛି। ଅନ୍ୟପକ୍ଷରେ ରବିବାର ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ମାଲକାନଗିରି, କୋରାପୁଟ, ବରଗଡ଼, ନବରଙ୍ଗପୁର, ନୟାଗଡ଼, ବୌଦ୍ଧ, ବଲାଙ୍ଗିର, ଭଦ୍ରକରେ କାଳବୈଶାଖୀ ତାଣ୍ଡବ ରଚିଛି। ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ପବନ ୪୦ରୁ ୫୦କି.ମି. ବେଗରେ ପବନ ବହିଛି। ବଜ୍ରପାତରେ ବଲାଙ୍ଗିର ଜିଲାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସଇଁତଲା ବ୍ଲକ କରମତଲା ପଞ୍ଚାୟତ ତୁଷ୍ଟାପାଲିରେ ରବିବାର ଅପରାହ୍ଣରେ ବଜ୍ରପାତ ଯୋଗୁଁ ଏହି ଗାଁର ସ୍ନେହଲତା ବୁଡ଼େକ (୫୦)ଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ବ୍ୟକ୍ତି ଗୌରାଙ୍ଗ ଦଳପତି ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ପାଟଣାଗଡ଼ ଉପଖଣ୍ଡ ସରମୁହାଣ ଗାଁର ଗଙ୍ଗାଧର ଧରୁଆ ଟ୍ରାକ୍ଟର ଚଳାଉଥିବାବେଳେ ତାଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା କୁହାଯାଉଛି। ଆଗକୁ କାଳବୈଶାଖୀ ପ୍ରଭାବ ହ୍ରାସ ପାଇବ। ରବିବାର ଦିନ ତାପମାତ୍ରା ସମ୍ବଲପୁରରେ ୪୧.୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ ୪୧.୮, ହୀରାକୁଦ ୪୧.୩, ଭବାନୀପାଟଣା ୪୦.୮, ସୁବର୍ଣ୍ଣପୁର ୪୧.୩, ବୌଦ୍ଧ ୪୧.୫, ନୂଆପଡ଼ା ୪୧, ରାଉରକେଲା ୪୦.୧ ଏବଂ କଟକରେ ୩୭ଡିଗ୍ରୀ ରହିଛି। ଭୁବନେଶ୍ୱରରେ ଗତକାଲି ତୁଳନାରେ ତାପମାତ୍ରା ବଢିଥିବା ବେଳେ ଦିନ ତମାମ ଆର୍ଦ୍ରତା ୬୦%ରୁ ଅଧିକ ରହିବା ଯୋଗୁଁ ଗରମ ଏବଂ ଅତ୍ୟଧିକ ଗୁଳୁଗୁଳି ଅନୁଭୂତ ହୋଇଥିଲା। ସକାଳ ସାଢ଼େ ୮ଟା ବେଳକୁ ରାଜଧାନୀ ତାପମାତ୍ରା ୩୧ଡିଗ୍ରୀ ଥିବାବେଳେ ଆର୍ଦ୍ରତା ୮୧% ରହିଥିଲା। ପୂର୍ବାହ୍ଣ ସାଢ଼େ ୧୧ଟାରେ ଭୁବନେଶ୍ୱର ତାପମାତ୍ରା ୩୫.୨ଡିଗ୍ରୀ ପହଞ୍ଚିଥିଲା। ଏହି ସମୟରେ ଆର୍ଦ୍ରତା ୬୭% ରହିଥିଲା। ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ରାଜଧାନୀ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଆର୍ଦ୍ରତା ୬୧% ରହିଥିବାରୁ ପ୍ରବଳ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହେଉଥିଲା। କାଳବୈଶାଖୀ ପ୍ରଭାବରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଚଳିତ ବର୍ଷ ପ୍ରାକ୍ ମୌସୁମୀ ଋତୁରେ ମାର୍ଚ୍ଚ ୧ରୁ ଏପ୍ରିଲ ୧୯ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୩୮.୯ ମି.ମି. ତୁଳନାରେ ୬୦.୫ମି.ମି. ବର୍ଷା ରେକର୍ଡ କରାଯାଇଛି, ଯାହାକି ୫୫% ଅଧିକ। ବିଦ୍ୟାଳୟ ସମୟ ସକାଳ ୬ଟାରୁ ପୂର୍ବାହ୍ଣ ସାଢ଼େ ୧୦ଟା ରହିଛି। ସାଢ଼େ ୧୦ଟା ବେଳକୁ ଟାଣଖରା ମାଡ଼ି ଆସୁଥିବାରୁ ଛାତ୍ରଛାତ୍ରୀଙ୍କୁ ଖରାରେ ଘରକୁ ଫେରିବାକୁ ପଡୁଛି। ବିଦ୍ୟାଳୟରେ ଗ୍ରୀଷ୍ମ ଅବକାଶ ଘୋଷଣା କରାଯାଉ ନଥିବାରୁ ଆଗକୁ ଛାତ୍ରଛାତ୍ରୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ବିଦ୍ୟାଳୟରୁ ଘରକୁ ଫେରିବେ।

## ଡ୍ରେନ ଉପରେ କରିଥିବା ଘରକୁ ଉଠାଇବା ପାଇଁ ନିର୍ଦ୍ଦେଶ

କଲ୍ୟାଣସିଂହପୁର,୨୨/୪: ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଡ୍ରେନ ଉପରେ କରିଥିବା ଘରକୁ ଉଠାଇବା ପାଇଁ ପିଡବ୍ଲୁଡି ଅଧିକାରୀ ନିର୍ଦ୍ଦେଶ ଦେଇଥିବା ସହ ଚିହ୍ନଟ ଦେଇଥିବା ଦେଖିବାକୁ ମିଳିଛି । କଲ୍ୟାଣସିଂହପୁରଠାରୁ ରାୟଗଡା ପର୍ଯ୍ୟନ୍ତ ୪୫ନମ୍ବର ରାଜ୍ୟ ରାଜପଥ ନିର୍ମାଣ କରାଯାଇଛି । କଲ୍ୟାଣସିଂହପୁର ସଦରରେ ରାସ୍ତା ନିର୍ମାଣ କରିବା ସହ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରି ତା ଉପରେ ପ୍ଲେଟ ପକାଇଥିଲେ । ଉକ୍ତ ଡ୍ରେନ ଉପରେ କିଛି ଲୋକମାନେ ଘର ତିଆରି କରି ଦୋକାନ ଖୋଲିଥିବା ଓ ମୁଖ୍ୟ ରାସ୍ତା ଉପରେ ଉଠା ଦୋକାନୀମାନେ ରହୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଦେଉଛି । ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଗ୍ରାମବାସୀ ଅଭିଯୋଗ କରିବା ସହ ଉକ୍ତ ଖବର ବାରମ୍ବାର ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବା ପରେ ଆଜି ପିଡବ୍ଲୁଡି ଅଧିକାରୀଙ୍କ ନିର୍ଦ୍ଦେଶରେ କନିଷ୍ଠ ଯନ୍ତ୍ରୀ ରାଜୀବ ବେହେରା ସଦର ହନୁମାନ ମନ୍ଦିରଠାରୁ ବ୍ଲକ ପର୍ଯ୍ୟନ୍ତ ଡ୍ରେନ ଉପରେ କରିଥିବା ଦୋକାନ ଗୁଡିକୁ ଡ୍ରେନର କିଛି ଦୂରରେ ରଖିବା ପାଇଁ କହି ଚିହ୍ନଟ ଦେଇଥିଲେ । ଯେଉଁ ଦୋକାନ ଗୁଡିକ ୭ଦିନ ମଧ୍ୟରେ ଭଙ୍ଗା ହୋଇନଥିବ ତାହା ହେଲେ ପ୍ରଶାସନ ଦ୍ୱାରା ଭଙ୍ଗାଯିବ ବୋଲି ସୂଚନା ମିଳିଛି ।ଉଠାଦୋକାନୀମାନେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାୟଗଡା ଜନଜାତି ଗ୍ରାମୀଣ ହାଟଠାରେ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

## ବିଦ୍ୟୁତ ସେବାରୁ ବଂଚିତ ସାରୋଡା ଗାଁ



କେନ୍ଦୁଝର,୨୨/୪: ସ୍ୱାଧିନତାର ୭୮ବର୍ଷ ପରେ ମଧ୍ୟ ବହୁ ଗାଁକୁ ବିଦ୍ୟୁତ୍ ସେବା ମିଳିପାରିନାହିଁ। କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମ ଏବଂ ପଡାକୁ ବିଭିନ୍ନ ଯୋଜନାରେ ମାଗଣାରେ ବିଦ୍ୟୁତ୍ ସେବା ଯୋଗାଇ ଆସିଥିବାବେଳେ ବିଦ୍ୟୁତ ବିଭାଗର ଅବହେଳା ଏବଂ ସଠିକ୍ ସର୍ଭେ ହୋଇନଥିବାରୁ କେନ୍ଦୁଝର ଜିଲ୍ଲାର ଅନେକ ଗାଁ ଏବେ ବି ବିଦ୍ୟୁତ ସେବାରୁ ବଂଚିତ ହୋଇଛି। ପୂର୍ବରୁ ରାଜୀବ ଗାନ୍ଧି ବିଦ୍ୟୁତ୍‌କରଣ ଯୋଜନା ନାମରେ ନାମିତ ଥିବା ତଥା ଦୀନଦୟାଲ ଗ୍ରାମୀଣ ବିଦ୍ୟୁତ୍ କରଣ ଯୋଜନା ହୋଇଥିବା ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଦୁର୍ଗମ ଅ□ଳରେ ବସବାସ କରୁଥିବା ବିପିଏଲ ଶ୍ରେଣୀଭୁକ୍ତ ପ୍ରଜାମାନଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା। ଯେଉଁ ଗାଁ ଏବଂ ପଡା ଏଥିରୁ ବଂଚିତ ହୋଇଥିଲେ ତାଙ୍କୁ ସୌଭାଗ୍ୟ ଯୋଜନାରେ ସାମିଲ କରାଯାଇ ମାଗଣାରେ ବିଦ୍ୟୁତ୍ ସେବା ଦିଆଯାଇଥିଲା। ତେବେ ଏହି ଯୋଜନାରେ ମଧ୍ୟ ବହୁ ଗ୍ରାମ ବିଦ୍ୟୁତ ସେବାରୁ ବଂଚିତ ହୋଇଛି। ତେଲକୋଇ ବ୍ଲକ କାଳିଆହତା ଗ୍ରାମ ପଂଚାୟତ ଅନ୍ତର୍ଗତ ସାରୋଡା ଗ୍ରାମରେ ୭୦ଟି ଆଦିବାସୀ ପରିବାରର ୩୫୦ଲୋକ ବସବାସ କରୁଥିବାବେଳେ ଏବେ ବି ଏହି ରାଜସ୍ୱ ଗାଁରେ ବିଦ୍ୟୁତ୍ ସାତସପନ ହୋଇଛି। ଏହି ଗାଁ ମୁଖ୍ୟତଃ ଜୁଆଙ୍ଗ,ମୁଣ୍ଡା ଓ ସାନ୍ତାଳ ସଂପ୍ରଦାୟର ଲୋକ ବସବାସ କରନ୍ତି। ଦୀର୍ଘ ଦିନ ହେବ ଜିଲ୍ଲାପାଳ ଏବଂ ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ଏହି ସମସ୍ୟା ନେଇ ଜଣାଇଲେ ମଧ୍ୟ ଗାଁକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଏହି ଗ୍ରାମଟି ଯାଜପୁର ଜିଲ୍ଲା ,ଢେଙ୍କାନାଳ ଜିଲ୍ଲା ସୀମାନ୍ତରେ ରହିଛି। ଗାଁରେ ବିଦ୍ୟୁତ୍ ନଥିବାରୁ ରାତି ସମୟରେ ହିଂସ୍ରଜନ୍ତୁ ଏବଂ ସରିସୃପର ଭୟ ଲାଗୁଛି। ପିଲାଙ୍କ ପାଠପଢାରେ ସମସ୍ୟା ହେବା ସହ ବିନା ବିଜୁଳିରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଣଜଙ୍ଗଲରେ ରହୁଥିବା ଲୋକେ ହାତୀ ବ୍ୟତୀତ ଅନ୍ୟ ବନ୍ୟଜନ୍ତୁମାନଙ୍କର ଶୀକାର ହେବାର ସମ୍ଭାବନା ଭୟ ଘାରିଛି। ଲଣ୍ଠନ ଲଗାଇ ରାତିରେ ଲୋକମାନେ ରହୁଛନ୍ତି। ମୋବାଇଲ ଏବଂ ଅନ୍ୟ ବିଦ୍ୟୁତ୍ ଜନିତ ସାମଗ୍ରୀ ଚାର୍ଜ ହୋଇପାରୁନାହିଁ। ବିଦ୍ୟୁତ ବିଭାଗର ଅବହେଳାରୁ ଏହି ଗାଁକୁ ବିଦ୍ୟୁତ୍ ସେବା ମିଳିପାରିନଥିବା ଗ୍ରାମବାସୀମାନେ ଅଭିଯୋଗ କରି ସମସ୍ୟା ନେଇ ତେଲାକୋଇ ବିଧାୟକ ଡାକ୍ତର ପକିର ମୋହନ ନାୟକଙ୍କୁ ଜଣାଇଛନ୍ତି। କହିଛନ୍ତି। ଟିପି ନଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁଟର ଲିଃ ଅଧିକ୍ଷଣ ଯନ୍ତ୍ରୀଙ୍କ ଇଂ ରଶ୍ମିକାନ୍ତ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଏହି ଗାଁକୁ ଓରେଡା ଦ୍ୱାରା ସୋଲାର ଲାଇଟ ଲଗାଇବାର ଯୋଜନା ଥିଲା। ମାତ୍ର ଏହି ପ୍ରୋଜେକ୍ଟରୁ ଓରେଡା ଓହରି ଯାଇଛି। ଏହି ଗାଁକୁ ପୁନଃ ପ୍ରସ୍ତାବ ଦିଆଯାଇ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ।

# ପାନୀୟ ଜଳ ପାଇଁ ପୋଡ଼ମପେଟା ଗ୍ରାମବାସୀ ହିନସ୍ତା



ଗଞ୍ଜାମ,୨୨/୪: ବର୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକମାନେ ଅସ୍ତବ୍ୟସ୍ତ ହେଉଥିବାବେଳେ ଗଞ୍ଜାମ ବ୍ଲକର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲୋକଙ୍କ କଷ୍ଟକୁ ଦ୍ୱିଗୁଣିତ କରିଛି। ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ପ୍ରତି କାହାରି ଯେମିତି ଚିନ୍ତା ନାହିଁ। ଏଥିପ୍ରତି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାବେଳେ ନିର୍ବାଚିତ ପ୍ରତିନିଧିଙ୍କ ଆନ୍ତରିକତା ନାହିଁ, ଫଳରେ ସାଧାରଣ ଲୋକଙ୍କୁ ଅସୁବିଧା ଭୋଗ କରିବାକୁ ପଡୁଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଦ ପଞ୍ଚାୟତର ପୋଡାମପେଟା ଓ ଡିଆରପି କଲୋନୀରେ ରହିଥିବା ପ୍ରାୟ ୩୭୫ ପରିବାର ଉକ୍ତ ପାନୀୟ ଜଳ ସମସ୍ୟା ଦେଇ ଗତି କରୁଛନ୍ତି। ବସୁଧା ଯୋଜନାରେ ବିଭିନ୍ନ ଅଞ୍ଚଳକୁ ଯୋଗାଣ ହେଉଥିବା ଜଳ କିଛି ଦିନ ହେଲା ଖାରି ପାଣି ଯୋଗୁଁ ବିଭାଗୀୟ କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି। ଯାହାକୁ ନେଇ ଲୋକଙ୍କର ବର୍ତ୍ତମାନ ଖରାଦିନେ ସମସ୍ୟା ଦ୍ୱିଗୁଣ ହୋଇଛି। ପୋଡମପେଟା ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ନିମନ୍ତେ ବଟେଶ୍ୱର ମନ୍ଦିର ନିକଟରେ ଥିବା ନଳକୂପ ହିଁ ବର୍ତ୍ତମାନ ଭରସା। ସମସ୍ତେ ମତ୍ସ୍ୟଜୀବୀ ପରିବାର ହୋଇଥିବା ଯୋଗୁଁ ପୁରୁଷମାନେ ସମୁଦ୍ରକୁ ମାଛ ମାରିବା ପାଇଁ ଯାଉଥିବା ଯୋଗୁଁ ମହିଳାମାନେ ୪ କି.ମି. ଯାଇ ପାନୀୟ ଜଳ ବଡ଼ କଷ୍ଟରେ ଆଣୁଛନ୍ତି, ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ସମସ୍ୟା ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେଲା ମେଗା ପାନୀୟ ଜଳ ପ୍ରକଳ୍ପ 'ବସୁଧା' ମାଧ୍ୟମରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏହି ଯୋଜନାରେରେ ଗଞ୍ଜାମ ବ୍ଲକର ୫୫ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ହେଉଥିଲା, ତାହା ଏବେ ବନ୍ଦ। ଜିଲା ପ୍ରଶାସନ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଦ୍ୱିତୀୟ ସନ୍ଧ୍ୟାରେ ମନମୋହିଲା ନାଟକ ଆମେସବୁ ମେଣ୍ଢା ଓ ପଞ୍ଚମ ବେଦ



ଦାମନଯୋଡି, : ପଞ୍ଚପଟମାଳି ନାଟ୍ୟ ମହୋତ୍ସବର ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଅତିଥି ସମୂହ ମହାପ୍ରବନ୍ଧକ ପୁରୁଷୋତ୍ତମ ମହନ୍ତ ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ ।ପରେ ପରେ ରାଉରକେଲାର କସ୍ତୁରୀ ନାଟ୍ୟ ସଂସ୍ଥା ଦ୍ୱାରା ନାଟକ 'ଆମେସବୁ ମେଣ୍ଢା' ମଞ୍ଚସ୍ଥ କରାଯାଇଥିଲା ।ପ୍ରଦୀପ ଭୌମିକଙ୍କ ଦ୍ୱାରା ରଚିତ ଓ ଅଶୋକ କୁମାର ବଳଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ ମଞ୍ଚସ୍ଥ କରାଯାଇଥିଲା ।ସେହିପରି ଭାରତୀ କଳା ନିକେତନ ତରଫରୁ ପ୍ରଫେସର ଗୋପାଳ ମହାରଣାଙ୍କ ରଚିତ ମଧୁସ୍ମିତା ମହାରଣାଙ୍କ ନିର୍ଦ୍ଦେଶିତ ନାଟକ ପଞ୍ଚମ ବେଦ ମଧ୍ୟ ମଞ୍ଚସ୍ଥ କରାଯାଇଥିଲା ।ସମବେତ ଦର୍ଶକ ମନଭରି ଦୁଇଟି ନାଟକ ଉପଭୋଗ କରିଥିଲେ ।ସଂପାଦକ ନିର୍ମଳ ରାଉତ ମଞ୍ଚ ସଂଯୋଜନା କରିଥିଲେ ।ସଭାପତି ମହାପ୍ରବନ୍ଧକ ବିଚ୍ଛନ୍ଦ ଚରଣ ଦାଶ ସମେତ ମହୋତ୍ସବ କମିଟିର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ନୀଳଗିରିରେ କାଳବୈଶାଖୀର ପ୍ରଭାବ



ନୀଳଗିରି, : ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ନୀଳଗିରି ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା, ଡାଳ ଭାଙ୍ଗିବା ଏବଂ ବିଦ୍ୟୁତ ତାର ଛିଣ୍ଡିଯିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସୂଚନା ଅନୁଯାୟୀ ନୀଳଗିରି ରାଜାବଗିଚା ଅଞ୍ଚଳରେ ବିଦ୍ୟୁତ ତାର ଛିଣ୍ଡି ଯିବାରୁ ଅଳ୍ପକେ ଅନେକ ଧନଜୀବନ ରକ୍ଷା ପାଇଯାଇଛି । ସେହିପରି ବଣସିମା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଡାଳଭାଙ୍ଗିବା ଏବଂ ଗଛ ଉପୁଡ଼ି ପଡ଼ିଥିବା ଦେଖାଯାଇଛି । ଔପଦା ବ୍ଲକ୍ ବାଉଁଶବଣିଆ ଅଞ୍ଚଳର ଜଗନ୍ନାଥ ମହାରଣାଙ୍କ ଘର ଉପରେ ଏକ ବିରାଟ ନିମ୍ବଗଛ ଉପୁଡ଼ି ପଡ଼ିବା ଫଳରେ ତାଙ୍କର ଗେଟ ଉପରେ ପଡ଼ି କୋଠା ଉପରେ ଲଟକି ରହିଥିବା ଦେଖାଯାଇଛି । ଅନୁରୂପ ଭାବେ ମାନଗଡ ଛକ ଉପରେ ଏକ କଦମ୍ବ ଗଛ ଉପଡି ରାସ୍ତା ଅବରୋଧ କରି ରଖିଥିବା ଜଣାଯାଇଛି । ଏତଦ୍ ଭିନ୍ନ ବିଭିନ୍ନ ସ୍ଥାନରେ ବିଦ୍ୟୁତତାର ଛିଣ୍ଡି ଯାଇଥିବା କାରଣରୁ ନୀଳଗିରି ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧକାର ହୋଇପଡ଼ିଥିବା ଜଣାଯାଇଛି । ଦମକଳବାହିନୀ ଅଧିକାଂଶ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଗଛକାଟି ଥିବା ବେଳେ ଏବେବି ଅଧିକାଂଶ ସ୍ଥାନରେ ଗଛ ପଡ଼ିରହିଥିବା ସୂଚନା ମିଳିଛି ।

## ମେଡିକାଲରେ ରୋଗୀଙ୍କୁ ଫଳ ବାଣ୍ଟିଲେ ସ୍ୱେଚ୍ଛାସେବୀ



ନିମାପଡ଼ା, ରାଜ୍ୟର ଅଗ୍ରୀଣ ସ୍ୱେଚ୍ଛାସେବୀ ସଂଗଠନ ଏଟିଏଚ ରକ୍ତ ପରିବାର ପକ୍ଷରୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ଶଯ୍ୟାରେ ପଞ୍ଜିକୃତ ହୋଇଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଫଳ ବଣ୍ଟା ଯାଇଥିଲା । ପ୍ରତ୍ୟେକ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହିତ ମେଡିକାଲ ତରଫରୁ ଆବଶ୍ୟକୀୟ ସେବା, ଔଷଧ ଯୋଗାଇ ଦିଆଯାଉଥିବା ସମ୍ବନ୍ଧରେ ଉପସ୍ଥିତ ଡାକ୍ତର, ନର୍ସ ମାନଙ୍କ ସହିତ ବିଷଦ ଆଲୋଚନା କରିଥିଲେ । ଅନୁଷ୍ଠାନ ତରଫରୁ ରାଜ୍ୟ ମହିଳା ଶାଖା ସଭାନେତ୍ରୀ ଝିଲ୍ଲୀ ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାପାତ୍ର, କୋଷାଧକ୍ଷା ସରୋଜିନୀ ସ୍ୱାଇଁ, ପୁରୀ ଶାଖା ଯୁଗ୍ମ ପ୍ରତିନିଧି ବିଶ୍ୱଜିତ ଶତପଥୀ, ସଦସ୍ୟା ସରିତା ମହାପାତ୍ର,ନୀଳମଣି ସେଠୀ, ସଭ୍ୟ ନଳିନୀକାନ୍ତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ନିମାପଡ଼ା ପ୍ରେସକ୍ଲବର ସଭାପତି ଅକ୍ଷୟ ବେହେରା ଓ ସମ୍ପାଦକ ରମାକାନ୍ତ ବେହେରା ମାର୍ଗଦର୍ଶକ ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏଟିଏଚ ପରିବାର ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ ମେଡିକାଲରେ ରୋଗୀ ମାନଙ୍କ ସମ୍ପର୍କୀୟ, ମେଡିକାଲ କର୍ମକର୍ତ୍ତା ଆଦି ଉଚ୍ଚ ପ୍ରଶଂସା କରିଥିଲେ ।

## ଅସ୍ମିତାରେ ଧନୀ ଆମ ରାଜଧାନୀ



ଭୁବନେଶ୍ୱର, : ରାଜଧାନୀ ଭୁବନେଶ୍ୱରର ୭୭ତମ ପ୍ରତିଷ୍ଠା ଦିବସ ସମାରୋହ ଏବଂ ଡଃ ଭି.ଆର. ଅମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ଅବସରରେ ଜୟଦେବ ଭବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଭୁବନେଶ୍ୱର ମହାନଗର ନିଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ମିଳିତ ଭାବେ ବିଭିନ୍ନ ସ୍କୁଲ୍ ଓ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ୟୁନିଟ୍-୮ ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୨୭ଜଣ ଛାତ୍ରଛାତ୍ରୀ 'ଅସ୍ମିତାରେ ଧନୀ.... ଆମ ରାଜଧାନୀ' ଶୀର୍ଷକ ଡ୍ୟାନ୍ସଡ୍ରାମା ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ଡ୍ରାମାଟିେ ବେଶ୍ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏଥିରେ ପ□ମ ଶ୍ରେଣୀ ଛାତ୍ର ଆୟାନ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭୂମିକାରେ ଅବତାରଣା କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲର ଶିକ୍ଷକ ଅରୁଣ ପ୍ରଧାନ, ଦେବାଶିଷ ସାହୁ ଓ ଶିକ୍ଷୟିତ୍ରୀ ପ୍ରତିମା ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିର୍ଦ୍ଦେଶନା ଦେଇଥିଲେ । ଜୟଦେବ ଭବନେର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିବା ଡିଏଭି ସ୍କୁଲର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସ୍କୁଲର ଅଧକ୍ଷା ଇପସିତା ଦାସ ମନୋରଞ୍ଜନ କାର୍ଯ୍ୟକ୍ରମ ନିମି□ ଦର୍ଶକମାନେ ଭୂୟସୀ ପ୍ରଶଂସା କରିଥିଲେ ।

## ସହିଦ ଲକ୍ଷ୍ମଣ ନାୟକ ମେଡିକାଲରେ ମେଡ଼ିସିନ କମ୍ପାନୀଙ୍କୁ ଡାକ୍ତରଙ୍କ ଅନୁକମ୍ପା



କୋରାପୁଟ, : କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ସବୁ ବେଳେ ବିବାଦ ଘେରରେ ରହି ଆସୁଛି କ୍ଷ କେତେବେଳେ ଚିକିତ୍ସା ଅବହେଳା ତ ଆଉ କେତେବେଳ ରୋଗୀ ଙ୍କୁ କଲବଲ କରୁଛି ମୂଷା କ୍ଷ ମେଡିକାଲ କଲେଜ କୁ ନେଇ ବିଗତ ଜ଼ିଲ୍ଲା ପରିଷଦ ବୈଠକ ରେ ସାଂସଦ ଙ୍କ ସମେତ ବିଧାୟକ ଓ ଜ଼ିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ ଅଧିକ୍ଷକ ଙ୍କୁ ତାଗିଦ କରିଥିଲେ କ୍ଷ ବାରମ୍ବାର ତାଗିଦ ହେବା ସ୍ୱତେ ମଧ ମେଡିକାଲ କଲେଜ ରେ ସୁଧାର ଆସୁନି କ୍ଷ ମେଡିକାଲ କଲେଜ ର ଅଧିକ୍ଷକ ଡାକ୍ତର ସୁଶାନ୍ତ ସାହୁ ଙ୍କ ଆନ୍ତରିକତା ଅଭାବ ଯୋଗୁ ରୋଗୀ ମାନେ ହନ୍ତସନ୍ତ ହେଉଛନ୍ତି କ୍ଷ ଯାହାର ଫାଇଦା ଡାକ୍ତର ମାନେ ଉଠାଉଛନ୍ତି କ୍ଷ ଅନେକ ଡାକ୍ତରୀ ପଦ ଖାଲି ପଡି ଥିବା ବେଳେ ହାତ ଗଣତି କେତୋଟି ଡାକ୍ତର ରହିଛନ୍ତି କ୍ଷ ଯାହାକୁ ନେଇ ମେଡିକାଲ କଲେଜ ଚାଲିଛି କ୍ଷ ଯେଉଁ ହାତ ଗଣତି ଡାକ୍ତର ମାନେ ରହିଛନ୍ତି କ୍ଷ ସେମାନେ ରୋଗୀ ଦେଖିବା କମ ମେଡ଼ିସିନ କମ୍ପାନୀ ମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇବା ବେଶୀ କ୍ଷ ଯାହା ମେଡିକାଲ କଲେଜ ର ଚକ୍ଷୁ ବିଭାଗ ରେ ଜଳ ଜଳ ହୋଇ ଦେଖା ଯାଉଛି କ୍ଷ ଡାକ୍ତର ମାନେ କିଛି ନିର୍ଦ୍ଧିଷ୍ଟ ମେଡ଼ିସିନ କମ୍ପାନୀ ମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି କ୍ଷ ମେଡ଼ିସିନ କମ୍ପାନୀ ର ପ୍ରତିନିଧି ମାନେ ଡାକ୍ତର ଙ୍କ ପାଖେ ପାଖେ ରହୁଛନ୍ତି କ୍ଷ ଯାହା ଫଳରେ ରୋଗୀ ମାନେ ଚିକିତ୍ସା ପାଇବାରୁ ବଞ୍ଚିତ ରହୁଛନ୍ତି କ୍ଷ ମେଡିକାଲ ଭିତରକୁ ମେଡ଼ିସିନ କମ୍ପାନୀ ର ପ୍ରତିନିଧି ମାନଙ୍କୁ ପ୍ରବେଶ ନିଷେଧ ରହିଥିବା ବେଳେ ଚକ୍ଷୁ ବିଭାଗ ରେ କିଛି ମେଡ଼ିସିନ କମ୍ପାନୀ ପ୍ରତିନିଧି ମାନେ କିପରି ଡାକ୍ତର ଙ୍କ ପାଖେ ପାଖେ ରହୁଛନ୍ତି କ୍ଷ ଯାହାକୁ ନେଇ ଏକ ସାଙ୍ଘାତିକ ଅଭିଯୋଗ ଆସିଛି କ୍ଷ ଏ ନେଇ ଆମେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ର ଅଧିକ୍ଷକ ଡାକ୍ତର ସୁଶାନ୍ତ ସାହୁ ଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଇ ନ ଥିଲେ କ୍ଷ ଏଥିରୁ ସମ୍ପୂର୍ଣ୍ଣ ବାରି ହେଇ ପଡୁଛି ଯେ ରାଧେ ରାଧେ ତମର ଅଧେ କୁ ଆମର ଅଧେ ।

## ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଦାବୀ କଲେ ରାମ ନବମୀ ଉତ୍ସବ କମିଟି ରାୟଗଡା



ରାୟଗଡା, : ପଶ୍ଚିବଙ୍ଗର ମୁର୍ସିଦାବାଦ ଜ଼ିଲ୍ଲାରେ ହିନ୍ଦୁ ମାନଙ୍କ ଉପରେ ଘଟିଥିବା ଅତ୍ୟାଚାରକୁ ଘୋର ନିନ୍ଦା କରି ଆଜି ରାମ ନବମୀ ଉତ୍ସବ କମିଟି ତରଫରୁ ଏକ ଦାବିପତ୍ର ମହାମହିମ ରାଷ୍ଟ୍ରପତିଙ୍କୁ ଜ଼ିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରକୁ ଜ଼ିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜ଼ିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଗ୍ରହଣ କରିଥିଲେ । ସୂଚନା ଥାଉକିଯେ ଚଳିତ ମାସରେ ମୁର୍ସିଦାବାଦରେ କିଛି ବିଧର୍ମୀ ମାନେ ହିନ୍ଦୁଙ୍କ ଉପରେ ଆକ୍ରମଣ କରି ହତ୍ୟା କରିବା ସହ ସେମାନଙ୍କ ଘରକୁ ଭାଙ୍ଗି ପୋଡି ଦେଇଥିଲେ । ହିନ୍ଦୁ ମାନେ ଭୟବିତ୍ତ ହେଇ ଭିଟାମାଟି ଛାଡି ସେଠାରୁ ଜୀବନକୁ ରକ୍ଷା କରିବା ପାଇଁ ଚାଲିଯାଇଥିଲେ । ଏହି ଘଟଣାକୁ କେବଳ ଭାରତରେ ନୁହେଁ ବିଶ୍ୱର ଅନେକ ଦେଶରେ ମଧ ନିନ୍ଦା କରାଯାଇଥିଲା । ଯୋଉ ଦେଶରେ ହିନ୍ଦୁ ଧର୍ମର ସଂଖ୍ୟା ଗରିଷ୍ଠତା ଥାଇ ମଧ ହିନ୍ଦୁଙ୍କ ଉପରେ ଏପରି ଆକ୍ରମଣ ହେବା ଘଟଣା ପ୍ରତେକ ହିନ୍ଦୁଙ୍କ ମନରେ କୁଠାରଘାତ ଦେଇଛି । ଏହାକୁ ଦୃଷ୍ଟିରେ ରଖି ରାମ ନବମୀ ଉତ୍ସବ କମିଟି ରାୟଗଡା ତରଫରୁ ଏକ ଦାବିପତ୍ର ମହାମହିମ ରାଷ୍ଟ୍ରପତିଙ୍କୁ ଦେଇ ତୁରନ୍ତ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁକରିବା ପାଇଁ କମିଟି ତରଫରୁ ଦାବି କରାଯାଇଛି । ତାସହ ପ୍ରଶାସନକୁ ରାୟଗଡା ଜ଼ିଲ୍ଲାରେ ବିଧର୍ମୀ ଫେରିବାଲାଙ୍କୁ ଚିହ୍ନଟ କରି ରାୟଗଡାରୁ ହଟେଇବା ପାଇଁ ମଧ କମିଟି ତରଫରୁ ଅନୁରୋଧ କରାଯାଇଛି । ଜାତି, ଭାଷା, ବର୍ଗରୁ ଉର୍ଦ୍ଧରୁ ଯାଇ ଏକ ହେଇ ରହିଲେ ହିନ୍ଦୁ ସୁରକ୍ଷିତ ରହିବେ ନଚେତ ମୁର୍ସିଦାବାଦ ଭଳିଆ ଘଟଣା ରାୟଗଡାରେ ମଧ ଘଟିବ ବୋଲି ଗଣମାଧ୍ୟମ ମାଧ୍ୟମରେ ଜନସାଧାରଣଙ୍କୁ କମିଟି ମାଧ୍ୟମରେ ସଚେତନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ କମିଟିର ସମ୍ପାଦକ ଅଜୟ ଚୂଳେଟ ପରିଚାଳନା କରିଥିବା ବେଳେ, ଶ୍ୟାମ କୁମାର ଦାଶ, ବିଦ୍ୟା ଭୂଷଣ ପଣ୍ଡା,ରାମଚନ୍ଦ୍ର ସାହୁ,ବିଦ୍ୟା ସାଗର,ନରେଶ ବିଡ଼ିକା, ରାମକୃଷ୍ଣ ପାଣିଗ୍ରାହୀ, ଟି ନାଗରାଜୁ, ମଞ୍ଜୁଳା ମିନିଆକା, ଝରଣା ମହାନ୍ତି, ପଟ୍ଟନାନା କ୍ରିଷ୍ଣା, ବିଜୟ ଚୂଳେଟ,ଅଜୟ ଅସରାନି, ରାଜେଶ ନାଇଡୁ, ଗୌରୀ ଶଙ୍କର, ରବି ପ୍ରଧାନ, କୁମାରୀ ଦିଦି ଓ କମିଟିର ଅନ୍ୟ ସଦସ୍ୟ ସଦସ୍ୟା ମାନେ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ଅକାଳବିୟୋଗ



ଭୁବନେଶ୍ୱର, : ଓଡ଼ିଶା ସାମ୍ବାଦିକ ଜଗତରେ ସୁପରିଚିତ, ନିଷ୍ଠାବାନ ବ୍ୟକ୍ତିତ୍ୱ ଓ ସେଟ୍ଟାଟ ସାମ୍ବାଦିକ ରତିକାନ୍ତ ମହାନ୍ତି ଆଉ ଇହଜଗତେର ନାହାଁନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ମହାନ୍ତି ଗତ କିଛିବର୍ଷ ଧରି କିଡ଼ନୀ ଜନିତରେ ରାଗେର ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ତେବେ ତାଙ୍କର ଅବସ୍ଥା ଗୁରୁତରେ ହେବାରୁ ଗତ ଦୁଇଦିନ ତେଳ ତାଙ୍କୁ ରାଜଧାନୀର ଏକ ଘେରାଇ ହସ୍ପିଟାଲେର ଭ□ି କରାଯାଇଥିଲା । ଶନିବାର ପ୍ରତ୍ୟୁଷେର ତାଙ୍କର ପରେଲାକ ଘଟିଛି । ସ୍ୱର୍ଗତ ମହାନ୍ତିଦୀଘର୍ବର୍ଷ ଧରି ବିଭିନ୍ନ ସମ୍ବାଦପତ୍ର ଓ ଗଣମାଧ୍ୟମ ସଂସ୍ଥା ସହ ସକ୍ରିୟ ଭାବେ ଜଡ଼ିତ ରହିଥିଲେ ଏବଂ ଜେଣ ସମର୍ପିତ ଓ ନିଚ୍ଛକ ସାମ୍ବାଦିକ ଭାବେ ତାଙ୍କର ଲୋକପ୍ରିୟତା ସବୁ ମହଲେର ରହିଥିଲା ।ଦୈନିକ ସମ୍ବାଦପତ୍ର 'ଦିନଲିପି'ରୁ ସାମ୍ବାଦିକତା ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ମହାନ୍ତି ବିଭିନ୍ନ ସମୟେର ନ୍ୟୁଜ୍ ଅଫ୍ ଦି ୱାଲର୍ଡ଼, ଏଜିଆନ ଏଜ୍, ପର୍ଯ୍ୟେବକ୍ଷକ ସମ୍ବାଦପତ୍ର ସହିତ ହିନ୍ଦୁସ୍ତାନ ସମାଚାର ଭଳି ସମ୍ବାଦ ସରବରାହ ସଂସ୍ଥାରେ ମଧ ସାମ୍ବାଦିକ ଭାବେ ଓତେପ୍ରାତଃ ଭାବେ ଜଡ଼ିତ ଥିଲେ । ନେବ ଦଶକେର ସ୍ୱର୍ଗତ ମହାନ୍ତି ପାଇଥିବା ସରକାରୀ ବାସଗୃହକୁ ସେ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଫେରାଇ ଦେଇଥିଲେ ଯେଉଁଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପ...ନାୟକ ତାଙ୍କୁ ଜେଣ ଆଦଶର୍ସ୍ଥାନୀୟ ସାମ୍ବାଦିକ ଭାବେ ବର୍ଣ୍ଣନା କରିଥିଲେ । ସ୍ୱର୍ଗତ ମହାନ୍ତିଙ୍କ ପରେଲାକ ଖବର ପ୍ରଚ୍ଚରିତ ହେବା ପେର ୟୁନିଟ୍-୩ସ୍ଥିତ ଖାରେବଳ ନଗର ବାସଭବନେର ରାଜଧାନୀର ସାମ୍ବାଦିକମାନେ ପହ□ିଥିଲେ । ମର ଶରୀର ହସ୍ପିଟାଲରୁ ଅଣାଯିବା ପେର ତାଙ୍କ ବାସଭବନେର ଶେଷ ଦଶର୍ନ ପାଇଁ ରଖାଯାଇଥିଲା । ସେଠାରେ ସାମ୍ବାଦିକ ମାନଙ୍କ ସେମତ ବିଭିନ୍ନ ରାଜେନୈତିକ ଦଳର ନେତା ଓ ବିଧାୟକମାନେ ମର ଶରୀରେର ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବିଧାୟକ ଅନନ୍ତ ନାରାୟଣ ଜେନା, ବାବୁ ସିଂ, ସୁଶାନ୍ତ ରାଉତ, ଭୁବେନଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘେଡ଼ଇ,ଦେବୀ ପ୍ରସାଦ ମିଶ୍ର, ଅେଶାକ ଚନ୍ଦ୍ର ପଣ୍ଡା, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଡଃ ଅରୁଣ କୁମାର ସାହୁ, ବିଜେପି ରାଜ୍ୟ ସଭାପତି ମନେମାହନ ସାମଲ, ମୁଖପାତ୍ର ଗୋଲକ ମହାପାତ୍ର, ଯତୀନ୍ଦ୍ର ମହାନ୍ତି, ସୁରଥ ବିଶ୍ୱାଳ, ସୁଦୀପ୍ତ ରାୟ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କମ୍ୟୁନିଷ୍ଟ ନେତା ସୁରେଶ ପାଣିଗ୍ରାହୀ, ମେହନ୍ଦ୍ର ପରିଡ଼ା, ଉମାକାନ୍ତ ପ...ନାୟକ, ଦିନଲିପିର ପରିଚ୍ଛଳନା କ□ୃପକ୍ଷ ଅମେରନ୍ଦ୍ର ଦାସ, ସ୍ଥାନୀୟ କେପର୍ପେରେଟର ରଞ୍ଜୁଲତା ରାୟଙ୍କ ସେମତ ବିଭିନ୍ନ ଦଳର ନେତା ଓ କର୍ମୀ ସାମିଲ୍ ହୋଇ ଶେଷ ଦଶର୍ନ କରିଥିଲେ । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସେନ୍ତାଷ ଦାସ, ଓ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାସ ଏବଂ ଭୁବେନଶ୍ୱର ଜିଲ୍ଲା ସୂଚନା ଅଧିକାରୀ ଜତେନ୍ଦ୍ରୀୟ ଜେନା, ସ୍ୱର୍ଗତ ମହାନ୍ତିଙ୍କ ମର ଶରୀରେର ପୁଷ୍ପଗୁଚ୍ଛ ଅପର୍ଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଅନୁରୂପ ଭାବେ ବରିଷ୍ଠ ସାମ୍ବାଦିକ ପ୍ରେଦାଷ ପ...ନାୟକ, ଦିଲ୍ଲୀପ ବଶିେୟୀ, ପ୍ରଭୁ କଲ୍ୟାଣ ମହାପାତ୍ର, ସନ୍ଦୀପ ମିଶ୍ର, ଦେବୀ ପ...ନାୟକ, କେ. ରବି, ବୀରୁପାକ୍ଷ ତ୍ରିପାଠୀ, ସଞ୍ଜୟ ଦାସ, ସେବର୍ଶ୍ୱର ବର୍ଦ୍ଧନ, ଗୁରୁ କଲ୍ୟାଣ ମହାପାତ୍ର, ମେହଶ୍ୱର ରଥ, ବିପିନ ସିଂ, ପୁଲକ ଜେନା, ମାଧବାନନ୍ଦ ବେହୁରା, ଅେଶାକ ଦାସ, ଧୀରେନ୍ଦ୍ର ମିଶ୍ର, ବିବେକାନନ୍ଦ ଜେନା, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଶୁଭାଶିଷ ମହାନ୍ତ, ପବିତ୍ର ସେନାପତି, ଦେବକାନ୍ତ ମହାପାତ୍ର, ସିରାଜ ଅହମ୍ମଦ, ଉେମଶ ରାୟ, ଗିରିଜା ଦାଶ, ଜ୍ଞାନରଞ୍ଜନ ଦାସ, ସମନ୍ୱୟ ନନ୍ଦ, ଶିବାନନ୍ଦ ଦାସ, ଚିଦାନନ୍ଦ ଜେନା, ଲଳିତ ପ...ନାୟକ, ଦୀପକ କର, ଦୁର୍ଗା ସାମନ୍ତରାୟ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ଶେଷ ଦଶର୍ନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ମହାନ୍ତିଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କର ଦୁଇକନ୍ୟା ପୂଜା, ବନ୍ଦନା, ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।

## ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପୁନରୁଥାନ



ପ୍ରଭୁ ଯୀଶୁ ସପ୍ତାହର ପ୍ରଥମ ଦିନରେ (ରବିବାର) ମୃତ୍ୟୁ ଉପରେ ଜୟଲାଭ କରି ପୁନରୁତ୍ ?ଥିତ ହେଲେ । ଏହାକୁ ଇଷ୍ଟର ସଣ୍ଡେ ରୂପେ ପାଳନ କରାଯାଏ । ପୁନରୁତ୍ ?ଥାନ ସେହି ସମୟରେ ଅନେକଙ୍କ ପାଇଁ ଏକ ଅବିଶ୍ୱାସର ଘଟଣା ଥିଲା । ଯେହେତୁ ପ୍ରଭୁ ଯୀଶୁଙ୍କର ଶିଷ୍ୟମାନେ ମଧ ପ୍ରଥମେ ପ୍ରଥମେ ବିଶ୍ୱାସ କରିପାରୁନଥିଲେ ଯେ, ପ୍ରଭୁଯୀଶୁ ମୃତ୍ୟୁ ଉପରେ ଜୟଲାଭ କରି ପୁନରୁତ୍ ?ଥିତ ହୋଇଅଛନ୍ତି । ସେହିଦିନ ପ୍ରଭୁଯୀଶୁ ମଗଦ୍ ?ଲୀନି ମରୀୟମ ନାମ ଜଣେ ନାରୀଙ୍କୁ ପ୍ରଥମେ ଦର୍ଶନ ଦେଲେ, ତା'ପରେ ଅନ୍ୟ କେତେଜଣ ସ୍ତ୍ରୀ ଲୋକମାନଙ୍କୁ ମଧ ଦର୍ଶନ ଦେଲେ ଏବଂ ଏହି ସମ୍ବାଦ ସ୍ତ୍ରୀଲୋକମାନେ ଶିଷ୍ୟମାନଙ୍କୁ ଦେଲେ । କିନ୍ତୁ ଶିଷ୍ୟମାନେ ବିଶ୍ୱାସ କରିପାରିନଥିଲେ ଏବଂ ଭୟଭୀତ ହୋଇ ସେମାନେ ଏକ ରୁଦ୍ଧ କୋଠରୀରେ ଥିବା ସମୟରେ ପ୍ରଭୁଯୀଶୁ ସେମାନଙ୍କ ମଧ୍ୟରେ ଉପସ୍ଥିତ ହେଲେ । ଆଉ ଶିଷ୍ୟମାନେ ଭୟଭୀତ ହୋଇ ଗୋଟିଏ ଭୂତ ଦେଖୁଛନ୍ତି ବୋଲି ମନେକଲେ । ସମସ୍ତ ମାନବ ଜାତି ନିକଟରେ ଏହି ସୁସମାଚାର ଘୋଷଣା କର ।

## କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ଅଗ୍ନି ନିର୍ବାପନ ସପ୍ତାହ ପାଳନ ସମାପନ




ଦାମନଯୋଡି, : ନାଲକୋ ଦାମନଯୋଡିସ୍ଥିତ ସି ଆଇ ଏସ ଏଫ (ଅଗ୍ନିଶମ)ବିଭାଗ ତରଫରୁ ଅଗ୍ନି ନିର୍ବାପନ ସପ୍ତାହ ପାଳନର ସମାପନ କରାଯାଇଥିଲା ।ଉକ୍ତ ସମାପନ ସମାରୋହରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ (ଇଂ)ନିରଞ୍ଜନ ସାମଲ ସସ୍ତ୍ରୀକ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ ।ସି ଆଇ ଏସ ଏଫର ସିନିୟର କମାଣ୍ଡାଣ୍ଟ ସତ୍ୟ ଦେବ ଆର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାଲକୋର ବିଭିନ୍ନ ବିଭାଗର ସମୂହ ମହାପ୍ରବନ୍ଧକ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ ।ବିଭାଗ ତରଫରୁ ଚିତାକର୍ଷକ ଡେମୋନେଷ୍ଟ୍ରେସନ ପ୍ରଦର୍ଶନ କରାଯାଇଥିଲା ।ଦାମନଯୋଡିର ନାଲକୋ ତଥା ଆଖପାଖ ଅଞ୍ଚଳରେ ଅଗ୍ନି ଜନିତ ଅଥବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସି ଆଇ ଏସ ଏଫର ତତ୍କାଳ ସାହାଯ୍ୟ ଓ ସହଯୋଗ ପ୍ରଶଂସନୀୟ ଅଟେ ।କୃତି ଛାତ୍ରଛାତ୍ରୀ ଓ ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଶେଷରେ ସି ଆଇ ଏସ ଏଫ ଫାୟାର ଉଇଙ୍ଗର ଡେପୁଟି କମାଣ୍ଡାଣ୍ଟ ନରେନ୍ଦ୍ର ସିଂହ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଅଗ୍ନି କାଣ୍ଡରେ ଘରଦ୍ୱାର ଭସ୍ମୀଭୂତ



ନୀଳଗିରି: : ନିମପାଳ ଗ୍ରାମରେ ଜଳିଗଲା ୨ଟି ପରିବାରର ୬ ବଖରା ଘର । ନିନିମଣୀ ସିଂଙ୍କ ୩ ବଖରା ଘର ଜଳିଥିବା ବେଳେ ଗୌରୀମଣି ସିଂଙ୍କ ୩ ବଖରା ଘର ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଛି । ନିଆଁର କାରଣ ଅସ୍ପଷ୍ଟ । ସୂଚନା ଅନୁଯାୟୀ ଗୁରବାର ଅପରାହ୍ନରେ ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ନିମପାଳ ଗ୍ରାମର ନିନିମଣୀ ସିଂଙ୍କ ଘରେ କୌଣସି କାରଣବଶତଃ ହଠାତ ନିଆଁ ଲାଗିଥିଲା । କେହି ଘରେ ନଥିବା କାରଣରୁ ତୁରନ୍ତ ନିଆଁ ଲାଗି ଘରଗୁଡ଼ିକ ହୁତୁହୁତୁ ହୋଇ ଜଳିବା ସହ ପବନ କାରଣରୁ ନିଆଁ ବ୍ୟାପି ନିକଟ ଗୌରୀମଣି ସିଂଙ୍କ ଘରେ ଲାଗି ଜଳିବାକୁ ଆରମ୍ଭ କରିଥିଲା । ଗୌରୀମଣୀଙ୍କ ପରିବାର ଲୋକେ ବାହାରକୁ ଦୌଡ଼ିଆସି ଜୀବନ ବଞ୍ଚାଇବା ସହ ନୀଳଗିରି ଅଗ୍ନିଶମ ବାହିନୀକୁ ଅବଗତ କରିଥିଲେ । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ମୋଟ ୬ ବଖରା ଚାଳଘର ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଥିଲା । ହେଲେ ନିଆଁ ଲାଗିବାର କାରଣ ଏଯାବତ ଅସ୍ପଷ୍ଟ ରହିଥିବା ବେଳେ ସର୍ଟସର୍କିଟ ବୋଲି ଅନୁମାନ କରାଯାଉଛି । ସରକାରୀ ସହାୟତା ପାଇଁ ଅନୁରୋଧ କରିଛନ୍ତି ଉଭୟ ପରିବାରର ଲୋକେ ।

## ଦୁଇ ବାଇକ ଧକ୍କା, ଦୁଇ ଗୁରୁତର



ଉମରକୋଟ, : ବାଇକ ପଛରୁ ଧକ୍କା ଦେଲା ବାଇକ୍ । ଫଳରେ ଦୁଇ ଜଣ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ମେନ୍ଦା ବେଡା ଗ୍ରାମ ନିକଟରେ । ଗୁରୁତର ଦୁଇ ବାଇକ ଚାଳକ ହେଲେ ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଜାମଦୋରାପଡାର ଟଙ୍କଧର ଜଗତ( ୨୪) ଓ ଝରିଗାଁ ବ୍ଲକ ଚଚା ପଞ୍ଚାୟତ ତାରା ବେଢ଼ା ଗ୍ରାମର ଘାସିରାମ ପାଇକ (୩୦) । ମିଳିଥିବା ସୂଚନା ଅନୁସାରେ ଟଙ୍କଧର ସ୍ୱନ୍ଦନା ଘରୋଇ ବ୍ୟାଙ୍କ ରେ କାର୍ଯ୍ୟ କରନ୍ତି । ଆଜି ଟଙ୍କଧର ବାଇକ୍ ଯୋଗେ ପଇସା କଲେକ୍ସନ ପାଇଁ ଝରିଗାଁ ଯାଉଥିଲେ । ଘାସିରାମ ବାଇକ୍ ଯୋଗେ କୌଣସି କାମରେ ଉମରକୋଟ ଆସି ଝରିଗାଁ ଫେରୁଥିଲେ । ଏହି ସମୟରେ ମେନ୍ଦା ବେଡା ନିକଟରେ ଦୁଇ ବାଇକ୍ ମଧ୍ୟରେ ପଛପଟୁ ଧକ୍କା ହୋଇଥିଲା । ବାଇକ ଧକ୍କା ହେବା ଫଳରେ ଟଙ୍କଧର ଓ ଘାସିରାମ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ରାସ୍ତାରେ ଯାଉଥିବା ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ଦୁହିଁଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଛି । ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା

## ଭାରସାମ୍ୟ ହରାଇ ଓଲଟିଲା ପିକଉପ ଭ୍ୟାନ୍



ନୀଳଗିରି, ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟକୁ ଭାଙ୍ଗି ରାସ୍ତା କଡ଼କୁ ପାଲଟିଲା ମାଲ ବୋଝେଇ ପିକଅପ ଭ୍ୟାନ ।ଏଭଳି ଘଟଣା ନୀଳଗିରି -ମିତ୍ରପୁର ରାସ୍ତା ଗୋପୀନାଥପୁର ନିକଟରେ ଘଟିଛି ।ପ୍ରାପ୍ତ ସୂଚନା ରୁ ଜଣା ପଡିଛି ଓଡ଼ି୦୧ବିଏ-୧୪୦୯ ନମ୍ବର ବିଶିଷ୍ଟ ପିକଅପ ଭ୍ୟାନ ପ୍ଲାଷ୍ଟିକ ସାମଗ୍ରୀ ବୋଝେଇ କରି ମଧ୍ୟରାତ୍ରରେ ମିତ୍ରପୁର ଆଡକୁ ଯାଉଥିଲା ।ହଠାତ ଭାରସାମ୍ୟ ହରାଇ ଭ୍ୟାନଟି ଡାହାଣ ପଟକୁ ଯାଇ ଏକ ବିଦ୍ୟୁତ ଲାଇଟ ଖୁଣ୍ଟକୁ ବାଡେଇ ପାଲଟି ଯାଇଥିଲା ।ଡ୍ରାଇଭର ଅଳ୍ପକେ ବର୍ତ୍ତୀ ଯାଇଥିବା ବେଳେ ନୀଳଗିରି ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିବା ଜଣାପଡିଛି ।

## ସଂପାଦକୀୟ

# ମାଗଣା ଯୋଜନା

ଆମ ଦେଶର ଭୋଟରମାନଙ୍କୁ ସନ୍ତୁଷ୍ଟ କରି ସେମାନଙ୍କ ସମର୍ଥନ ହାସଲ କରିବାକୁ ବିଭିନ୍ନ ଦଳର ରାଜ୍ୟ ସରକାରମାନେ ଅନେକ ମାଗଣା ଯୋଜନା କାର୍ଯ୍ୟକାରୀ କରିଥାନ୍ତି। ନିର୍ବାଚନ ସମୟରେ ହେଉ କିମ୍ବା ତା'ପୂର୍ବରୁ ବହୁ ଲୋଭନୀୟ ପ୍ରତିଶ୍ରୁତ ଦିଆଯାଇଥାଏ ଏବଂ ସରକାର ଗଠନ ପରେ ସେ ସବୁକୁ କାର୍ଯ୍ୟକାରୀ କରାଯାଏ। ମାଗଣାରେ ଛତା, ଜୋତା, ଲ୍ୟାପଟପ୍ ବାଣ୍ଟିବା ଠାରୁ ଆରମ୍ଭ କରି ଭୋଜନ ଯୋଗାଇ ଦିଆଯିବାର ଏକାଧିକ ଦୃଷ୍ଟାନ୍ତ ରହିଛି। କେହି କେହି ସରକାର ସମ୍ପୂର୍ଣ୍ଣ ମାଗଲା ନହେଲେ ବି ସବୁ ସବ୍‌ସିଡ଼ି ବା ରିହାତି ବ୍ୟବସ୍ଥା କରି ଲୋକଙ୍କ ମନ ଜିଣିବାକୁ ଉଦ୍ୟମ କରିଥାନ୍ତି। ଏହାଦ୍ୱାରା ସରକାରୀ ରାଜକୋଷ ଉପରେ ନିଶ୍ଚିତ ଭାବରେ ଚାପ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଦୀର୍ଘ ସ୍ଥାୟୀ ବିକାଶ ମୂଳକ ଯୋଜନାର କାର୍ଯ୍ୟକାରିତା ବାଧାପ୍ରାପ୍ତ ହୁଏ। ଏଭଳି ମାଗଣା ଯୋଜନା ଗୁଡ଼ିକ ସାମଗ୍ରିକ ଭାବରେ ଭାରତୀୟ ଅର୍ଥନୀତିକୁ କ୍ଷତିଗ୍ରସ୍ତ କରୁଥିବାରୁ ଏହାର ପ୍ରାସଙ୍ଗିକତା ନେଇ ବିତର୍କ ଆରମ୍ଭ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟରେଏଥିନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବା ବେଳେ ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି.ରମଣାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏହି ବ୍ୟବସ୍ଥାଉପରେ କଡ଼ା ଟିପପ୍ଣୀ ଦେଇଥିଲେ। ସୁପ୍ରିମକୋର୍ଟ ଦର୍ଶାଇଥିଲେ ଯେ, ରାଜନୈତିକ ଦଳଗୁଡ଼ିକର ବିଭିନ୍ନ ମାଗଣା ବ୍ୟବସ୍ଥା ଦେଶର ଅର୍ଥନୀତିକୁ ରସାତଳଗାମୀ କୁରୁଛି। ତେଣୁ ଏଭଳି ମାଗଣା ସଂସ୍କୃତିକୁ ବନ୍ଦ କରାଯିବା ଦରକାର। ଲୋକଙ୍କ ପାଇଁ ଆବଶ୍ୟକତା ପଡୁଥିବା କଲ୍ୟାଣକାରୀ ଯୋଜନା ଓ ମାଗଣା ସଂସ୍କୃତି ମଧ୍ୟରେ ଯଥାର୍ଥ ସମନ୍ୱୟ ରହିବା ଏକାନ୍ତ ଜରୁରି। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସମସ୍ତ ଅର୍ଥ ଖର୍ଚ୍ଚ ହେବା ଉପରେ ନ୍ୟାୟାଳୟ ଗୁରୁତ୍ୱ ଆରୋପ କରିଥିଲେ। ନିଜେ ପ୍ରଧାନ ବିଚାରପତି କଡ଼ା ଭାଷାରେ କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ମାଗଣା ସଂସ୍କୃତି ଏକ ବଡ଼ ସମସ୍ୟା ରୂପେ ମୁଣ୍ଡ ଟେକିଥିଲେ ହେଁ କେହି ଏହାକୁ ସମସ୍ୟା ବୋଲି ଭାବୁନାହାନ୍ତି। ଯେଉଁମାନେ ମାଗଣା ସମାଗ୍ରୀ ପାଉଛନ୍ତି, ସେମାନେ ନିଜ ରାଜ୍ୟକୁ ଏକ ଜନମମଙ୍ଗଳକାରୀ। ରାଜ୍ୟ ବୋଲି ଧରି ନେଉଛନ୍ତି। ଅନ୍ୟ ପକ୍ଷରେ ଯେଉଁମାନେ ସରକାରଙ୍କୁ ଟିକସ୍ ଦେଉଛନ୍ତି, ସେମାନେ ଦେଶର ଭିତ୍ତିଭୂମି ବିକାଶରେ ସେମାନଙ୍କ ଅର୍ଥ ଖର୍ଚ୍ଚ ହେବା ଚାହୁଁଛନ୍ତି। ତେଣୁ ଉଭୟ ପକ୍ଷର ମତାମତ ଶୁଣିବା ପାଇଁ ଏକ କମିଟି ଗଠିତ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି କହିଥିଲେ। ରାଜ୍ୟ ସରକାର ଗୁଡ଼ିକର ବିଭିନ୍ନ ମାଗଣା ଯୋଜନାକୁ କେନ୍ଦ୍ର ସରକାର ମଧ ପସନ୍ଦ କରୁନଥିବା ଜଣାପଡ଼ିଛି। ସୁପ୍ରିମ୍‌କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ସଲିସିଟର ଜେନେରାଲ ସ୍ପଷ୍ଟ କରିଥିଲେ ଯେ, ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ମାଗଣା ଯୋଜନା ଘୋଷଣା ଚାଲୁ ରହିଲେ ଦେଶର ଅର୍ଥନୀତି ଧ୍ୱଂସ ପାଇଯିବ। ସରକାର ଏ ପ୍ରସଙ୍ଗରେ ନୂଆ ନିୟମାବଳୀ ପ୍ରଣୟନ କରିବା ପର୍ଯ୍ୟନ୍ତ ନ୍ୟାୟାଳୟ ମାଗଣା ଯୋଜନା ଘୋଷଣା ଉପରେ ରୋକ୍ ଲଗାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେ ଯୁକ୍ତି ଉପସ୍ଥାପନ କରିଥିଲେ। ରାଜନୈତିକ ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ସରକାରୀ ଅର୍ଥକୁ ପାଣିଭଳି ଖର୍ଚ୍ଚ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ମନେ ହେଉନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି, ଜଳସେଚନ, କୃଷି କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ଘଟାଇଲେ ସାମଗ୍ରିକ ଭାବରେ ଦେଶର ବିକାଶ ତ୍ୱରାନ୍ୱିତ ହେବ। ଲୋକେ ଏଥିରୁ ସ୍ଥାୟୀ ଭାବରେ ସୁଫଳ ପାଇବେ। ସେହି ଦୃଷ୍ଟିରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟର ଯଥାର୍ଥତା ଓ ପ୍ରାସଙ୍ଗିକତା ରହିଛି। ଏଥିନେଇ ସହମତିରେ ଯାହା କିଛି ନିଷ୍ପତ୍ତି ନିଆଯିବା ଉଚିତ୍ ।

# ଓଡ଼ିଶା ଓ ଉଚ୍ଚ ଶିକ୍ଷା



ଆମ ଓଡ଼ିଶା ଏକ ସଂସ୍କୃତି ସଂପନ୍ନ ରାଜ୍ୟ। ଏଠି କଳା, ସଂସ୍କୃତି ଓ ସ୍ଥାପତ୍ୟ ରେ ପରିପୂର୍ଣ୍ଣ ଆମ ରାଜ୍ୟ। ଓଡ଼ିଶା ରେ ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ , ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଦି ଅନେକ ସରକାରୀ ବିଶ୍ୱବିଦ୍ୟାଳୟ ଅଛି । ତା ସହିତ ଶିକ୍ଷ୍ୟା ଓ ଅନୁସନ୍ଧାନ , କିଟ୍ ପରି ଅନେକ ବେସରକାରୀ ବିଶ୍ୱବିଦ୍ୟାଳୟ ଅଛି । କିନ୍ତୁ ଆଜି ସରକାରୀ ବିଶ୍ୱବିଦ୍ୟାଳୟ ର ଅବସ୍ଥା କହିଲେ ନସରେ। ରାଜ୍ୟ ରେ ନାକ ଗ୍ରେଡ ରେ ଖସୁଛି ସବୁ ସରକାରୀ ବିଶ୍ୱବିଦ୍ୟାଳୟ। କେନ୍ଦ୍ର ସରକାର ସବୁବେଳେ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ ମଧ କଣ ପାଇଁ ଏହା ହେଉଛି ତାହା ଜଣାପଡିନାହିଁ । ରାଜ୍ୟରେ ଅନେକ ଉଚ୍ଚ ଶିକ୍ଷା ମନ୍ତ୍ରୀ ଆସି ଅନେକ ଗଲେଣି ତଥାପି ଆଜି ପର୍ଯ୍ୟନ୍ତ ନାକ ୧୦ ଭିତରେ କେବେବି ଓଡ଼ିଶା ର କୌଣସି ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାନିତ ହୋଇପାରୁନି। ବିଶ୍ୱବିଦ୍ୟାଳୟ କଥା ତ ଦୂରର କଥା ଚାକିରି କ୍ଷେତ୍ରରେ ମଧ ଆଜି ଓଡିଶା ବହୁତ୍ ପଛରେ। ପିଏଚଡି କରି ମଧ ଛାତ୍ରଛାତ୍ରୀ ଚାକିରୀ ପାଇବା ପାଇଁ ବହୁତ କଷ୍ଟ କରୁଛନ୍ତି । ରାଜ୍ୟ ସରକାର ଙ୍କ ଅନେକ ଯୋଜନା କେବଳ ଯୋଜନା ରେ ସୀମିତ ହୋଇଯାଇଛି । ଆଜିର ଯୁବକ ଚାକିରୀ ଓଡ଼ିଶା ରେ ପାଇବା ଦିବା ସ୍ୱପ୍ନ ପରି ହୋଇଯାଇଛି । ଏହାର କାରଣ କଣ ହୋଇପାରେ ? ? ଏହାର କାରଣ ହେଉଛି ଶିକ୍ଷା ର ମାନ ଓ ଗୁଣବତ୍ତା ଉପରେ ରାଜ୍ୟ ସରକାର ଧ୍ୟାନ ଦେବା ଉଚିତ୍ । କେବଳ ମନ୍ତ୍ରୀ ଓ ସଚିବ ପରିବର୍ତ୍ତନ ହୋଇଗଲେ ଯେ ସବୁ ଠିକ୍ ହୋଇଯିବ ତାହା ଏକ ଭୁଲ ଚିନ୍ତାଧାରା । ପ୍ରଥମେ ଓଡ଼ିଶା ର ଶିକ୍ଷା ପଦ୍ଧତି କୁ ପରିବର୍ତ୍ତନ କରିବା ଆବଶ୍ୟକ । ଓଡ଼ିଶା ରେ ବିଶ୍ୱବିଦ୍ୟାଳୟ ରେ ପ୍ରଫେସର ନିଯୁକ୍ତି ଦେବା ଆବଶ୍ୟକ । ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବା ଆବଶ୍ୟକ । ଆବଶ୍ୟକୀୟ ବହି ପାଠାଗାର କୁ ଦେବା ସହ ଛାତ୍ରାବାସ ରେ ସବୁ ପ୍ରକାର ସୁବିଧା ଉପଲବ୍ଧ କରିବା ଆବଶ୍ୟକ । ସମୟେ ସମୟେ ବିଶ୍ୱବିଦ୍ୟାଳୟ ପରିସର ରେ ପିଲା ଙ୍କୁ ନେଇ କିଛି କିଛି ସରକାରୀ କ୍ଷେତ୍ରରେ ପ୍ରତିଯୋଗିତା ସହ କିଛି ସ୍କିଲ ବୃଦ୍ଧି ପାଇଁ କାର୍ଯ୍ୟକ୍ରମ କରିବା ଆବଶ୍ୟକ। ସବୁ ଠାରୁ ଶେଷରେ ପିଲା ଙ୍କୁ ଉଚିତ୍ ଚାକିରି ଦେବା ପାଇଁ ବିଭିନ୍ନ କ୍ଷେତ୍ର ରେ ଥିବା ଖାଲି ପଦବୀ କୁ ପୁରଣ କରିବା ଆବଶ୍ୟକ। ଏହି ସବୁ ପଦକ୍ଷେପ ନେଲେ ଓଡ଼ିଶା ରେ ପୁଣି ଥରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ହେବ ର ଆଶା ପ୍ରଜ୍ୱଳିତ ହେବ ବୋଲି ଆଶା କରିପାରିବା ।

**ଶୁଭ୍ରଜିତ ଦାଶ**
**ସମାଜସେବୀ ତଥା ଛାତ୍ର**
**ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ଭୁବନେଶ୍ୱର**
**ମୋ - ୯୩୪୮୪୪୧୮୩୪**

# ଭୟ, କ୍ରୋଧ ଓ ଚିନ୍ତାମୁକ୍ତ ଜୀବନ ଏବଂ ଶାନ୍ତି, ମନୁଷ୍ୟପକ୍ଷେ ସମ୍ଭବ !

## ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ପୂର୍ବରୁ ଏକ ବିଜ୍ଞପ୍ତି



-ପ୍ରେମ୍ ରାୱତ

ବିଶ୍ୱବିଖ୍ୟାତ ଶିକ୍ଷଣୀୟ ପୁସ୍ତକ 'ସ୍ୱୟଂ କି ଆୱାଜ' (କୋଲାହଳପୂର୍ଣ୍ଣ ଏହି ସଂସାରରେ ଶାନ୍ତି ମିଳିବ କିପରି)ର ଲେଖକ ଏବଂ ମାନବତାବାଦୀ ଶ୍ରୀ ପ୍ରେମ ରାୱତଙ୍କ କହିବା ଅନୁଯାୟୀ " ମନୁଷ୍ୟ କୁ ଭୟ, କ୍ରୋଧ ଏବଂ ଚିନ୍ତା ମୁକ୍ତ ଜୀବନ ବଞ୍ଚିବା ଦରକାର।" ସେ, ସାରା ଦୁନିଆରେ ଥିବା ନିଜ ଶ୍ରୋତା ମାନଙ୍କୁ ପ୍ରେରିତ କରି କହୁଛନ୍ତି ଯେ, ' ସମସ୍ତେ ନିଜ ଜୀବନରେ ଉପସ୍ଥିତ କୋଲାହରକୁ ଶାନ୍ତ କରି ହୃଦୟରେ ସତ୍ୟ ଓ ଭିନ୍ନ ସ୍ୱର ଶୁଣି ପାରିବେ, ଯାହା ନିଜ ଭିତରେ ବିଦ୍ୟମାନ ଶାନ୍ତିର ସ୍ରୋତ ଅଟେ ।' ସେ ଏହା ପୂର୍ବରୁ ଏହି ପୁସ୍ତକର ଇଂରାଜୀ ସଂସ୍କରଣ 'ହିୟର ୟୋରସେଲ୍ଫ' (Hear your self) ନାମକ ପୁସ୍ତକ ଲେଖିଥିଲେ ଯାହା ଆମେରିକାରେ ମୁକ୍ତିଲାଭ କରି ନ୍ୟୁୟର୍କ ଟାଇମ୍ସର ଉତ୍ତମ ବିକ୍ରେତା (Best Seller) ଶ୍ରେଣୀରେ ସ୍ଥାନ ପାଇଥିଲା । ଏହାର ହିନ୍ଦୀ ରୂପାନ୍ତରକୁ ଶ୍ରୀ ପ୍ରେମ୍ ରାୱତ ଲକ୍ଷ୍ନୌ ଠାରେ ୨ ଏପ୍ରିଲ୍ ୨୦୨୩ରେ ପୁସ୍ତକ ପ୍ରେମୀ ଓ ନିଜର ହଜାର ହଜାର ଶ୍ରୋତାମାନଙ୍କ ସମ୍ମୁଖରେ ଉନ୍ମୋଚନ କରିବେ ।

'ସ୍ୱୟଂ କି ଆୱାଜ' ପୁସ୍ତକ ପାଠକମାନଙ୍କୁ ଆତ୍ମଜ୍ଞାନ ଓ ଶାନ୍ତି ବିଷୟରେ ପ୍ରେରିତ କରିଥାଏ । ଏହି ପୁସ୍ତକରେ କାହାଣୀ ଓ ଦୁନିଆ ସାରା କରିଥିବା ନିଜର ଯାତ୍ରାର ଅନୁଭବକୁ ପ୍ରେମ୍ ରାୱତ ବହୁତ କୌତୁହଳପୂର୍ଣ୍ଣ ଭାବରେ ଉପସ୍ଥାପନା କରିଛନ୍ତି । ସେ କୁହନ୍ତି ଯେ, " କିଏ ଜାଣିଛି ଯେ, ଆମ ପାଖରେ କେତେ ସମୟ ଅଛି ? ପ୍ରତ୍ୟେକ 'ଦିନ' ଆମ ଜୀବନର ଏକ ମୂଲ୍ୟବାନ ଉପହାର। ଏହା ବହୁତ ଜରୁରୀ ଅଟେ କି, ଯେତେ ସମ୍ଭବ, ଆମେ ଆମ ଜୀବନର ସବୁ ସମୟକୁ ସୁନ୍ଦର ଭାବରେ ବଞ୍ଚିପାରିବା। ଯେବେ ଏହିପରି ହୁଏ ତେବେ ସତରେ ଆମ ଜୀବନ ବହୁତ ସୁନ୍ଦର ଭାବରେ ପ୍ରସ୍ଫୁଟିତ ହୋଇଥାଏ ।

ପ୍ରେମ ରାୱତଙ୍କ ପୁସ୍ତକ 'ସ୍ୱୟଂ କି ଆୱାଜ' ହାର୍ପର କଲିନ୍ସ ଦ୍ୱାରା ପ୍ରକାଶିତ କରାଯାଇଛି ।

### ଲେଖକଙ୍କ ବିଷୟରେ :

୧୯୫୭ ମସିହାରେ ଭାରତରେ ଜନ୍ମ ନେଇଥିବା ପ୍ରେମ୍ ରାୱତ ଜଣେ ଲୋକପ୍ରିୟ ଶିକ୍ଷକ, ବେଷ୍ଟସେଲିଙ୍ଗ ଲେଖକ ଏବଂ ମାନବତାବାଦୀ ଅଟନ୍ତି । ଗତ ୫୦ ବର୍ଷରୁ ଅଧିକ ସମୟରୁ ସେ ସମ୍ପୂର୍ଣ୍ଣ ବିଶ୍ୱର ଲୋକଙ୍କୁ ନିଜ ହୃଦୟ ସହ ସମ୍ପର୍କ ରଖି ଏକ ସର୍ବଶ୍ରେଷ୍ଠ ଜୀବନ ବଞ୍ଚିବାକୁ ପ୍ରେରଣା ଦେଉଛନ୍ତି । କେତେବେଳେ ଏକ ବିଲକ୍ଷଣ ଯୁବକ ତ କେବେବେଳେ ୭୦ ଦଶକର ଶିଶୁ ପ୍ରତିଭା ଠାରୁ ଆରମ୍ଭ କରି ବିଶ୍ୱ ଶାନ୍ତିଦୂତ ପର୍ଯ୍ୟନ୍ତ, ପ୍ରେମ୍ ରାୱତ ଲକ୍ଷଲକ୍ଷ ଲୋକଙ୍କ ଜୀବନକୁ ସ୍ୱଷ୍ଟତା, ପ୍ରେରଣା ଏବଂ ଗଭୀର ବୁଝାମଣା ପ୍ରଦାନ କରିଛନ୍ତି ।

ବର୍ତ୍ତମାନ ପ୍ରେମ ରାୱତ ଆମେରିକାରେ ରହୁଛନ୍ତି ଏବଂ ପ୍ରେମ୍ ରାୱତ ଫାଉଣ୍ଡେସନର ପ୍ରତିଷ୍ଠାତା ଅଟନ୍ତି । ଯାହା ସାରା ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମନୁଷ୍ୟର ମୁଖ୍ୟ ଆବଶ୍ୟକତାରେ ସାହାର୍ଯ୍ୟ ନିମନ୍ତେ ପ୍ରୟାସ କରୁଛି । ଯାହାଦ୍ୱାରା ମନୁଷ୍ୟ ଶାନ୍ତି, ଆତ୍ମସମ୍ମାନ ଏବଂ ପୂର୍ଣ୍ଣତ୍ୱ ସହ ଜୀବନ ବଞ୍ଚିପାରିବେ ।

ପ୍ରେମ୍ ରାୱତ ସବୁ କ୍ଷେତ୍ରର ଲୋକମାନଙ୍କ ସହ ମିଶି କାର୍ଯ୍ୟ କରନ୍ତି ଏବଂ ତାଙ୍କୁ ବୁଝାନ୍ତି ଯେ, କିପରି ସେ ନିଜ ଭିତରେ ଥିବା ଶାନ୍ତିର ଅନୁଭବ କରିପାରିବେ । ତାଙ୍କ ବିଶ୍ୱସ୍ତରୀୟ ପ୍ରଚେଷ୍ଟା ୧୦୦ ରୁ ଅଧିକ ଦେଶରେ ବିସ୍ତାରିତ ହୋଇଛି । ଯାହା ସମସ୍ତଙ୍କୁ ଆଶା, ଆନନ୍ଦ ଏବଂ ଶାନ୍ତିର ସୁନ୍ଦର ବାର୍ତ୍ତା ପ୍ରଦାନ କରିଥାଏ । ତାଙ୍କ କହିବା ଅନୁଯାୟୀ, " ଏହା ଠିକ୍ ଅଟେ ଯେ, କୋଟିଏ ଲୋକଙ୍କୁ ଶାନ୍ତିର ଦିଗକୁ ପ୍ରେରିତ କରିବା ଏକ ବଡ କାର୍ଯ୍ୟ ଅଟେ ।, କିନ୍ତୁ ଏହାକୁ ଆରମ୍ଭ କରିବାର ଏକ ସରଳ ଉପାୟ ହେଉଛି ; ଗୋଟିଏ ଥରରେ ଗୋଟିଏ ବ୍ୟକ୍ତି, ଏବଂ ସେ ବ୍ୟକ୍ତି କିଏ, ଯାହା ଠାରୁ ଆମକୁ ଆରମ୍ଭ କରିବାକୁ ପଡିବ ? ସେ ହେଉଛି, ଆମେ ନିଜେ !

ପ୍ରେମ୍ ରାୱତ ଆର୍ନ୍ତଜାତୀୟ ସ୍ତରରେ ସବୁଠାରୁ ଅଧିକ ପସନ୍ଦ କରାଯାଉଥିବା ଉତ୍ତମ ବିକ୍ରେତା ଲାଭ କରିଥିବା ପୁସ୍ତକର ଲେଖକ । ଯିଏ 'ଶାନ୍ତି ସମ୍ଭବ' (Peace is Possible) ଓ 'ତୀରର ଲକ୍ଷ୍ୟ'(Splitting the Arrow) ଭଳି ସୁନ୍ଦର ପୁସ୍ତକ ଲେଖିଛନ୍ତି । ପ୍ରେମ୍ ଜଣେ ପାଇଲଟ ଅଟନ୍ତି । ଯାହାଙ୍କର ୧୪,୫୦୦ ଘଣ୍ଟାରୁ ଅଧିକ ସମୟର ଉଡାଜାହାଜ ଉଡାଇବାର ଅନୁଭବ ଅଛି । ଏହା ବ୍ୟତୀତ ତାଙ୍କର ମଧ ଏକ ପରିବାର ଅଛି । ତାଙ୍କର ୪ଟି ପିଲା ଏବଂ ୪ଟି ନାତି ନାତୁଣୀ ମଧ ଅଛନ୍ତି ।

### ଟାଇମ୍‌ଲେସ୍ ଟୁଡେ ବିଷୟରେ (Timeless Today)

ଟାଇମଲେସ୍ ଟୁଡେ ଗୋଟେ ମଲ୍ଟି ମିଡିଆ କମ୍ପାନୀ ଅଟେ । ଏହା ମୋବାଇଲ୍ ଦ୍ୱାରା ସବ୍‌ସ୍କ୍ରିପସନ୍ ଆପ୍ ମାଧ୍ୟମରେ, ସମୟ ସୀମା ବାହାରେ, ଏକ ସୁନ୍ଦର ବାର୍ତ୍ତା ଲୋକଙ୍କ ପର୍ଯ୍ୟନ୍ତ ପଞ୍ଚାଇଥାଏ । ଏହା ଏଭଳି ଉତ୍କୃଷ୍ଟ ସାମଗ୍ରୀ ଉପଲବ୍ଧ କରାଉଛି ଯାହା ନିଜକୁ ଜାଣିବା ଏବଂ ବ୍ୟକ୍ତିଗତ ଶାନ୍ତିକୁ ଖୋଜିବାରେ ଆଗ୍ରହ ରଖୁଥିବା ବ୍ୟକ୍ତି ମାନଙ୍କୁ ପ୍ରେରିତ ଓ ମାର୍ଗଦର୍ଶନ କରିଥାଏ ।

# ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ହେବାର ବେଳ

**ଶରତ କୁମାର ରାଉତ**

ଆମ ଦେଶରେ ଜନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅବସ୍ଥା ଅତି ଖରାପ ରହିଛି। ଏପରିକି ଅବସ୍ଥା ଦିନକୁ ଦିନ ଖରାପ ହୋଇ ଚାଲିଛି। ଜଣା ପଡ଼ିଛି ଯେ, ୨୦୪୬ ଲୋକ ସଂଖ୍ୟାରେ ହସ୍ପିଟାଲରେ କେବଳ ଗୋଟିଏ ବେଡ୍ ମିଳିପାରୁଛି। ସେହିପରି ୯୦,୩୪୩ ଲୋକ ସଂଖ୍ୟାରେ ମାତ୍ର ଗୋଟିଏ ହସ୍ପିଟାଲ ଉପଲବ୍ଧ ହୋଇଥାଏ। ସେହିପରି ଦେଶର ୧୦ ଲକ୍ଷ ଡ଼ାକ୍ତରରେ ମାତ୍ର ୧୦ ଶତକଡ଼ା ସରକାରୀ ସ୍ୱାସ୍ଥ୍ୟସେବାରେ ଅଛନ୍ତି। ଆମ ହସ୍ପିଟାଲ ଗୁଡ଼ିକର ଅବସ୍ଥା କେତେ ଯେ, ଖରାପ, ତାହା ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ। ବାସ୍ତବତା ହେଲା, ଆମ ସରକାରୀ ଡ଼ାକ୍ତରଖାନାରେ ମଜଭୁତ ଭିତ୍ତିଭୂମି, ଉପଯୁକ୍ତ ପରିଚାଳନା, ଆବଶ୍ୟକ ଦକ୍ଷ କର୍ମଚାରୀ ଓ ସଫା ସୁତୁରାରେ ବହୁ ପଛରେ ରହିଛି। ଆମ ଦେଶର ଲୋକସଂଖ୍ୟାର ୨୨.୪ ଶତକଡ଼ା ଏବେ ବି ଗରୀବୀ ରେଖା ତଳେ ରହିଛନ୍ତି, ଯେଉଁମାନେ ସ୍ୱାସ୍ଥ୍ୟସେବା ପାଇଁ ସଂପୂର୍ଣ୍ଣଭାବେରେ ସରକାରଙ୍କ ଉପରେ ନିର୍ଭରଶୀଳ। ମାତ୍ର ସେମାନେ ସରକାରୀ ହସ୍ପିଟାଲରେ ଘୋର ଅବ୍ୟବସ୍ଥା ମଧ୍ୟରେ ରହୁଛନ୍ତି। ରୋଗୀମାନଙ୍କର ଉପଯୁକ୍ତ ଚିକିତ୍ସା ଓ ସେବା ପାଇଁ କାହାର ଦୃଷ୍ଟି ପଡୁନାହିଁ। ୨୦୧୭-୧୮ରେ ଭାରତ ନିଜ ଜିଡ଼ିପିର ୧.୨୮ ଶତକଡ଼ା ଖର୍ଚ୍ଚ କରିଥିବା ବେଳେ ୨୦୧୬-୧୭ରେ ୧.୦୨ ଶତକଡ଼ା ଥିଲା। ତେବେ ଅନ୍ୟାନ୍ୟ ଦେଶ ତୁଳନାରେ ଆମେ ସ୍ୱାସ୍ଥ୍ୟସେବା ବାବଦରେ ବହୁ କମ୍ ଖର୍ଚ୍ଚ କରୁଛେ। ଆମେରିକା ତା'ର ଜିଡ଼ିପିର ୧୮ଶତକଡ଼ା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଛି, ଯାହା ବାର୍ଷିକ ମୁଣ୍ଡପିଛା ୧୦,୦୦୦ ଡ଼ଲାର ଅଟେ। ଭାରତର ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ବ୍ରିକ୍ସ ଦେଶମାନଙ୍କ ଠାରୁ ମଧ୍ୟ କମ୍ ରହିଛି। ତେବେ ଭାରତର ବର୍ତ୍ତମାନ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ୨୦୨୫ ମଧ୍ୟରେ ଦେଶର ଜିଡ଼ିପିର ୨.୫ ପ୍ରତିଶତ ଖର୍ଚ୍ଚ କରାଯିବ। ମାତ୍ର ଏହା ମଧ୍ୟ ଅଧିକ କିଛି ନୁହେଁ। ୨୦୧୩-୧୪ ରେ କରାଯାଇଥିବା ସର୍ଭେ(ଏନ୍ ଏସ୍‌ଏସ୍‌ଓ) ଅନୁଯାୟୀ ଭାରତରେ ୩୬ ମିଲିୟନ ପରିବାର ସବୁଠୁ ମାରାତ୍ମକ ରୋଗ ପାଇଁ ଖର୍ଚ୍ଚ କରନ୍ତି। ଏମାନଙ୍କ ମଧ୍ୟରେ ୨୫ ମିଲିୟନ ପରିବାର ଗ୍ରାମାଞ୍ଚଳର ଏବଂ ୧୧ ମିଲିୟନ ସହରାଞ୍ଚଳର। ଆମ ଆଶ୍ଚର୍ଯ୍ୟର କଥା ଯେ, ଆମ ଦେଶର ୩୯ ଶତକଡ଼ା ଗରୀବ ଲୋକଙ୍କୁ କୌଣସି ପ୍ରକାର ଡ଼ାକ୍ତରଖାନାର ସୁବିଧା ମିଳେନାହିଁ। ଏହାର ଅର୍ଥ ଆମ ଦେଶର ଏକ-ତୃତୀୟାଂଶ ଲୋକେ ସରକାରୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଛନ୍ତି। ଅବଶ୍ୟ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜ୍‌ଭୁତ କରାଗଲେ, ଏଭଳି ଅବସ୍ଥାକୁ ଏଡ଼ାଇ ଦିଆଯାଇ ପାରିବ। ତେବେ ମଜ୍‌ଭୁତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହୋଇପାରୁ ନଥିବାରୁ ଲୋକମାନଙ୍କୁ ଘରୋଇ ହସ୍ପିଟାଲର ସାହାରା ନେବାକୁ ପଡୁଛି, ଯାହା ଏତେ ମହଙ୍ଗା ଯେ, ଲୋକେ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟତଃ ସରକାର ଏ ବାବଦରେ ଅଧିକ ବ୍ୟୟବରାଦ କରିବାର ଆବଶ୍ୟକତା ରହିଛି। ସରକାରୀ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଏଭଳି ପରିବର୍ତ୍ତନ କରାଯିବା ଉଚିତ, ଯେମିତି ସ୍ୱାସ୍ଥ୍ୟସେବା ଉଚ୍ଚ ଗୁଣମାନର ହୋଇପାରିବ। ଏଥି ସହିତ ସରକାର ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଉଚିତ ଓ ମନଇଚ୍ଛା ରୋଗୀମାନଙ୍କୁ ଶୋଷଣ କରୁଥିବା ଘରୋଇ ଡ଼ାକ୍ତରଖାନା ଗୁଡ଼ିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏପରିକି କେଉଁ ଚିକିତ୍ସା ପାଇଁ କେତେ ଟଙ୍କା ରୋଗୀଙ୍କୁ ଦେବାକୁ ପଡ଼ିବ, ତାହା ସରକାର ନିର୍ଦ୍ଧାରଣ କରିବା ଉଚିତ। ଅନ୍ୟଥା ସଂପୃକ୍ତ ଘରୋଇ ହସ୍ପିଟାଲ୍ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ମୁଖ୍ୟତଃ ଘରୋଇ ହସ୍ପିଟାଲ୍‌ରେ ଦିଆଯାଉଥିବା ସୁବିଧା ଓ ଚିକିତ୍ସା ପାଇଁ ନିଆଯାଉଥିବା ଫିସ୍ ତୁରନ୍ତ ନିୟନ୍ତ୍ରଣ ହେବା ଉଚିତ। କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। କୌଣସି ଦେଶ ସେ ପର୍ଯ୍ୟନ୍ତ ସମୃଦ୍ଧ ଓ ସୁଖି ହେବନାହିଁ, ଯେପର୍ଯ୍ୟନ୍ତ ନାଗରିକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନମିଳିବ। ବିଶ୍ୱର କେତେକ ଉନ୍ନତ ଦେଶରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବେଶ ଉଚ୍ଚ ମାନର। ଲଣ୍ଡନର ସାର୍ବଜନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତି ଉନ୍ନତ। ସେଠାକାର ସରକାରୀ ଡ଼ାକ୍ତରଖାନା ୮୦ ଶତକଡ଼ାରୁ ଅଧିକ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଥାଏ। ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକାଲ୍ କର୍ମଚାରୀଙ୍କ ବେତନ ସରକାର ନିର୍ଦ୍ଧାରଣ କରିଥାନ୍ତି। ଜାପାନରେ ସେଠାକାର ସରକାର ଘରୋଇ ଡ଼ାକ୍ତରଙ୍କ ସେବା ପାଇଁ ଫିସ୍ ନିର୍ଦ୍ଧାରିତ କରିଥାନ୍ତି। ଏହାଦ୍ୱାରା ସେଠାରେ ଡ଼ାକ୍ତରମାନେ ରୋଗୀଙ୍କ ଠାରୁ ଅଧିକ ଫିସ୍ ନେଇ ପାରନ୍ତି ନାହିଁ। ଆଉ ଏଥିରେ ଖିଲାପ କରୁଥିବା ଡ଼ାକ୍ତରଙ୍କ ଠାରୁ ବହୁ ଅଧିକ ଅର୍ଥ ଆଦାୟ କରାଯାଏ। ଫ୍ରାନ୍ସରେ ସେଠାକାର ସ୍ୱାସ୍ଥ୍ୟବ୍ୟବସ୍ଥା ଟିକେ ଭିନ୍ନ। ସେଠାରେ ପ୍ରତି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଇନ୍ସୁରାନ୍ସ କରାଯିବା ଜରୁରୀ। ଏହି ବ୍ୟବସ୍ଥା କୌଣସି ଲାଭ ପାଇଁ ନୁହେଁ ଓ ଏଥିପାଇଁ ସରକାରୀ ଟାକ୍ସରୁ ଫଣ୍ଡ ଦିଆଯାଏ। ଏହି ଇନ୍ସୁରାନ୍ସ ୭୦ରୁ ୮୦ ଶତକଡ଼ା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ ଭରଣା କରିଥାଏ ଓ ବାକି ଖର୍ଚ୍ଚ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ପୁରା କରା ଯାଇଥାଏ। ଏଥିଯୋଗୁ ଲୋକ ମାନେ ଚିକିତ୍ସା ପାଇଁ ନିଜ ପକେଟରୁ ଖର୍ଚ୍ଚ କରିବାକୁ ପଡ଼େନାହିଁ। ବାସ୍ତବରେ ୯୫ ଭାଗ ଲୋକେ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ହାସଲ କରନ୍ତି। ସେଠାରେ ସରକାର ଔଷଧ ଓ ଅନ୍ୟ ମେଡ଼ିକାଲ ଖର୍ଚ୍ଚର ମୂଲ୍ୟ ନିର୍ଦ୍ଧାରିତ କରନ୍ତି। ଏଥିପାଇଁ ସରକାର ନିଜ ଜିଡ଼ିପୀ ର୧୧.୮ ପ୍ରତିଶତ ଖର୍ଚ୍ଚ କରିଥାନ୍ତି। ସେହିପରି ସୁଇଜରଲାଣ୍ଡରେ ଉନ୍ନତ ସ୍ୱାସ୍ଥ୍ୟବ୍ୟବସ୍ଥା ଦେଖିବାକୁ ମିଳେ। ଏପରିକି ସେଠାରେ ଆମେରିକା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଳି ଲାଗେ। ସେଠାରେ ପ୍ରାଇଭେଟ କମ୍ପାନୀମାନେ ଇନ୍ସୁରାନ୍ସ ଯୋଗାଇ ଦିଅନ୍ତି, ଯାହାକୁ ନେବା ସମସ୍ତଙ୍କ ପାଇଁ ଅନିର୍ବାଜ୍ୟ ଅଟେ। ତେବେ ଏହା ଲାଭ ସହ ଆଦୌ ସଂପୃକ୍ତ ନୁହେଁ। କିନ୍ତୁ କେତେକ ଜରୁରୀ ସେବା ଓ ହସ୍ପିଟାଲ ପାଇଁ କମ୍ପାନୀମାନେ ଲାଭ ନିଅନ୍ତି। ତେବେ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦେଖାଗଲେ, ବାସ୍ତବରେ ଆଶ୍ଚର୍ଯ୍ୟ ଲାଗିବ। କାରଣ ଭାରତରେ ୧.୩ ବିଲିୟନ ଲୋକଙ୍କ ପାଇଁ ମାତ୍ର ୧୦ ଲକ୍ଷ ପଞ୍ଜିକୃତ ଡ଼ାକ୍ତର ଅଛନ୍ତି। ଆମର ଏଠାରେ ୧୦,୧୮୯ ଲୋକ ସଂଖ୍ୟାରେ ଜଣେ ମାତ୍ର ସରକାରୀ ଏଲୋପାଥିକ ଡ଼ାକ୍ତର ଅଛନ୍ତି, ଆଉ ଯଦିଓ ମେଡ଼ିକାଲ୍ କାଉନସିଲ୍ ଅଫ ଇଣ୍ଡିଆର କଥାକୁ ସତ୍ୟ ଧରାଯାଏ, ତେବେ ଭାରତରେ ଅଧାରୁ ଅଧିକ ଡ଼ାକ୍ତର ପଞ୍ଜିକୃତ ନୁହନ୍ତି ଓ ଏଲୋପାଥିରେ ସେମାନଙ୍କ ପାଖରେ କୌଣସି ଡ଼ିଗ୍ରୀ ନାହିଁ। ଅବଶ୍ୟ ବଡ଼ ସହର ମାନଙ୍କରେ ଅବସ୍ଥା ଭଲ ଅଛି। ପ୍ରାୟତଃ ସହର ଗୁଡ଼ିକରେ ୫୮ ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ଥିବାବେଳେ ଗ୍ରାମାଞ୍ଚଳରେ ମାତ୍ର ୧୮ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ପଞ୍ଜିକୃତ ଅଟନ୍ତି। ତେବେ ଭାରତ ସ୍ୱାସ୍ଥ୍ୟସେବା ପାଇଁ ନିଜ ଜିଡ଼ିପିର ୧.୨ ଶତକଡ଼ା ଖର୍ଚ୍ଚ କରୁଛି, ଯାହା, ମ୍ୟାଂମାର, ପାକିସ୍ତାନ ଓ କମ୍ବୋଡ଼ିଆ ଠାରୁ ସାମାନ୍ୟ ଅଧିକ। ଆମ ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଗଲେ ଅତି ଦୁଃଖ ଲାଗିବ। ସାରା ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଘୋର ଅଭାବ ରହିଥିବା ଜଳଜଳ ଦେଖାଯାଉଛି। ଭିତ୍ତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟାରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍ ମାନଙ୍କରେ ବ୍ଲଡ଼୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ। ମାତ୍ର ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ଆମ ସ୍ୱାସ୍ଥ୍ୟ ପ୍ରଶାସନ ବିଶେଷ ଦୃଷ୍ଟି ଦେଉନାହିଁ। ସାରା ଦେଶରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। ହେଲେ ଦେଶରେ ସ୍ୱାସ୍ଥ୍ୟ ସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଯୋଜନା ଗୁଡ଼ିକ ଚାଲିଛି କିପରି, କେଉଁଠି ଓ କାହାପାଇଁ, କେହି କିଛି ଜାଣିପାରୁ ନାହାଁନ୍ତି। କେବଳ ଜଳଜଳ ଦେଖାଯାଉଛି, ସାରା ଦେଶରେ ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ରୋଗୀମାନେ ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି। ତେବେ ଭାରତୀଙ୍କ ପାଇଁ ଏହି ମୌଳିକ ସମସ୍ୟା କେବେ ସମାଧାନ ହେବ, ତାହା ଭଜବାନଙ୍କ ଇଚ୍ଛା।

# କୁକୁରକୁ ଅଫିସର ର୍ୟାଙ୍କ ଚାକିରି, ଦରମା ୧୫ ଲକ୍ଷ



କରୋନାକୁ ନେଇ ସାରା ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ କୋଟି କୋଟି ଲୋକଙ୍କ ଚାକିରି ଉପରେ ବିପଦର ଖଣ୍ଡା ବୁଲୁଛି। ଏଭଳିସ୍ଥିତିରେ ଆମେରିକାର ବିୟର କମ୍ପାନୀ ବୁଶ ବିୟର କୁକୁରକୁ ଚାକିରି ପ୍ରଦାନ କରୁଛି। ଏହି ଚାକିରି ପାଇଁ ଦରମା ଜାଣି ଆପଣ ଆଶ୍ଚର୍ଯ୍ୟ ହେବେ। କୁକୁରକୁ ଚାକିରିରେ ରଖିବା ପରେ କମ୍ପାନୀ ୨୦ ହଜାର ଡଲାର ଦେବ, ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୧୫ ଲକ୍ଷ ଟଙ୍କା । ପ୍ରକୃତ କଥାଟି ଏହିପରି। ବୁଶ ବିୟରର ନୂଆ ଡଗ୍ ବ୍ଲୁ ବିୟର ଉତ୍ପାଦର ସ୍ୱାଦ ଚାଖିବାକୁ କମ୍ପାନୀ ଏଭଳି ଏକ କୁକୁର ଖୋଜୁଛି, ଯାହା ସ୍ୱାଦ ଚାଖିବାରେ ପାରଙ୍ଗମ ହୋଇଥିବ। ଏଥିପାଇଁ କମ୍ପାନୀ ଜବ୍ ଭ୍ୟାକାନ୍ସି ଘୋଷଣା



କରିଛି। କମ୍ପାନୀର କହିବା ଅନୁସାରେ ଆମେ ଜଣେ ମୁଖ୍ୟ ଟେଷ୍ଟିଂ ଅଫିସର ଖୋଜୁଛୁ, ଯିଏ ଉତମ ତଥା ନୂଆ ସ୍ୱାଦକୁ ରଖିବାରେ ପାରଙ୍ଗମ ହୋଇଥିବ। ଫ୍ଲେଭରକୁ ନେଇ ମଧ ଗବେଷଣା କରିପାରୁଥିବ। ସେହି କୁକୁର ସାହାଯ୍ୟରେ କମ୍ପାନୀ କୁକୁରଙ୍କ ପାଇଁ ଉତମ ପାନୀୟ ପ୍ରସ୍ତୁତ କରିପାରିବ। ଏହି ପଦବି ସମ୍ପର୍କରେ ବୁଶ ବିୟର ନିଜ ଟ୍ୱିଟର ପେଜ୍‌ରେ ଭିଡିଓ ଶେୟାର କରି ତଥ୍ୟ ଦେଇଛି। କମ୍ପାନୀ କହିଛି, ଏହି ପଦରେ ନିଯୁକ୍ତ କୁକୁରକୁ ଅନେକ ଦାୟିତ୍ୱ ଦିଆଯିବ। ମୁଖ୍ୟ ଟେଷ୍ଟିଂ ଅଫିସର ଭାବେ ତାକୁ ଉତ୍ପାଦର ଗୁରବତା ଉପରେ ଧ୍ୟାନ ଦେବାକୁ ପଡିବ। ଏଥିସହ ସେହି କୁକୁର ଉତ୍ପାଦର ବ୍ରାଣ୍ଡ ଆମ୍ବାସଡର ମଧ ରହିବ। ଆବେଦନବେଳେ କୁକୁରର ମାଲିକଙ୍କୁ ଯୁକ୍ତି ବାଢ଼ିବାକୁ ହେବ ଯେ, ତାଙ୍କ କୁକୁର କାହିଁକି ଏହି ପଦ ପାଇଁ ଉପଯୁକ୍ତ ପ୍ରାର୍ଥୀ। ସେହି ଆଧାରରେ କୁକୁରକୁ ଚାକିରି ପାଇଁ ଚୟନ କରାଯିବ। ବିଜ୍ଞାପନ ପ୍ରକାଶ ପାଇବା ପରେ ଅନେକ ନିଜ କୁକୁର ପାଇଁ ଏହି ଚାକିରି ଚାହୁଁଛନ୍ତି।

# ସପ୍ତାହକୁ ୬ କିଲୋ ଲହୁଣି ଖାଇ ବି ସୁସ୍ଥ

ସାଧାରଣତଃ ଲହୁଣିରେ ଅଧିକ କ୍ୟାଲୋରି ଥିବାରୁ ତାକୁ କମ୍ ପରିମାଣରେ ଖାଇବା ଲାଗି ପରାମର୍ଶ ଦିଆଯାଏ। ଏହାଦ୍ୱାରା ମୋଟାପଣ ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହେ। ତେବେ ଇଂଲଣ୍ଡର କେଂଟ ନିବାସୀ ୫୨ ବର୍ଷୀୟ ମାର୍କ କିଙ୍ଗ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ସେ ପ୍ରତିଦିନ ମଧ୍ୟାହ୍ନଭୋଜନ ଓ ରାତ୍ରିଭୋଜନରେ ୪୦୦ ଗ୍ରାମ୍ ଲେଖାଏଁ ଲହୁଣିରୁ ପ୍ରସ୍ତୁତ ସାଣ୍ଡୱିଚ୍ ଖାଇଥାନ୍ତି। ସକାଳ ବେଳା ଖାଦ୍ୟରେ ବି ସେ ଲହୁଣି ବ୍ୟବହାର କରନ୍ତି। ସେ ହିସାବରେ ଦେଖିବାକୁ ଗଲେ ପ୍ରତି ସପ୍ତାହରେ ମାର୍କ ୬ କିଲୋ ଲହୁଣି ଖାଆନ୍ତି। ବିତ ୨୫ ବର୍ଷ ହେଲା ସେ ଏହି ରୁଟିନ୍‌କୁ ପାଳନ କରି ଆସୁଛନ୍ତି। କିନ୍ତୁ ଏତେ ପରିମାଣରେ ଲହୁଣି ଖାଇବା ସତ୍ତ୍ୱେ ମାର୍କ କୌଣସି ପ୍ରକାର ରୋଗର ଶିକାର ହୋଇନାହାନ୍ତି। ତାଙ୍କର ଓଜନ ୯୨ କିଲୋ। ସେ ୮ ପ୍ୟାକ୍ ବଡିର ଅଧିକାରୀ। ଏତେ ପରିମାଣର ଲହୁଣି ଖାଇ ମାର୍କ ମେଦବହୁଳତା ବା ଅନ୍ୟ କିଛି ରୋଗର ଶିକାର ନ ହେବା ପଛର ଏକ କାରଣ ରହିଛି। ତା ହେଲା ସେ ପ୍ରତିଦିନ କାଠ ଚିରିଥାନ୍ତି। ଏହାଛଡା ବଗିଚା କାମ କରିଥାନ୍ତି। ସେଥିରେ ପୁରା କ୍ୟାଲୋରୀ ଖର୍ଚ୍ଚ ହେଉଥିବାରୁ ତାଙ୍କୁ କିଛି ରୋଗ ହେଉନଥିବା ପତ୍ନୀ ଟେସି ପ୍ରକାଶ କରିଛନ୍ତି। ଟ୍ରେସିଙ୍କ ଅନୁସାରେ ସୁବିଦିନ ସନ୍ଧ୍ୟା ୬ଟାରେ ଆମ ପରିବାର ରାତ୍ରିଭୋଜନ କରିଥାଉ। ତା' ପରେ ରାତ୍ରି ୧୦.୩୦ କିମ୍ବା ୧୧.୧୫ରେ ମାର୍କ ୪୦୦ ଗ୍ରାମ୍ ଲହୁଣିଯୁକ୍ତ ସାଣ୍ଡୱିଚ୍ ଖାଇଥାନ୍ତି। ବିଳମ୍ବିତ ରାତିରେ ଖାଦ୍ୟ ଖାଉଥିଲେ ବି ଦିନସାରାର କଠିନ ପରିଶ୍ରମ ମାର୍କଙ୍କୁ ଫିଟ୍ ରଖିଛି।



# ମଞ୍ଜିଯୁକ୍ତ ପରିବେଶ ଅନୁକୂଳ ମାସ୍କ

କର୍ଣ୍ଣାଟକର ଜଣେ ସାମାଜିକ ଉଦ୍ୟମୀ ତଥା ପରିବେଶବିତ୍ ପରିବେଶ ସୁରକ୍ଷା ପାଇଁ ଏକ ନିଆରା ପ୍ରୟାସ ଆପଣେଇଛନ୍ତି। ସୂତା କପଡ଼ାରେ ପ୍ରସ୍ତୁତ ପରିବେଶ ଅନୁକୂଳ ମାସ୍କ ସେ ପ୍ରସ୍ତୁତ କରିଛନ୍ତି। ଏହି ମାସ୍କରେ ପରିବା ଓ ଫଳ ମଂଜି ସନ୍ନିବେଶିତ ହୋଇଛି। ବ୍ୟବହାର ଏହାକୁ ମାଟିରେ ଫିଙ୍ଗିଦେଲେ, ବିଘଟନ ହେବା




ପରେ ଏଥିରୁ ଗଛ ବଢ଼ିବ। ଏହି ପରିବେଶବିତ୍ ତଥା ସାମାଜିକ ଉଦ୍ୟମୀ ହେଉଛନ୍ତି ନୀତିନ ଭାସ। ସେ କହିଛନ୍ତି, ଆମେ ଏକ ସଂଗଠନ ଭାବେ ଏହି ମାସ୍କ ଡିଜାଇନ୍ କରିଛୁ। ଏହାର ପ୍ରଥମ ପରସ୍ତ ସୂତା କପଡ଼ାରେ ତିଆରି। ଭିତର ପରସ୍ତ ସୂତା ଲାଇନିଂରେ ପ୍ରସ୍ତୁତ ହୋଇଛି। ବିଘଟନଯୋଗ୍ୟ ଏହି ମାସ୍କକୁ ବ୍ୟବହାର ପରେ ମାଟିରେ ଫିଙ୍ଗିଲେ, ଏଥିରେ ଗୁଡାଯାଇଥିବା ମଂଜିରୁ ଗଛ ବଢ଼ିବ। ଏଇଟି ପରିବେଶ ଅନୁକୂଳ ଓ ବିଘଯନଯୋଗ୍ୟ ମାସ୍କ। କୋଭିଡ୍ ସଙ୍କଟ କାଳରେ ମାସ୍କର ବ୍ୟବହାର ଖୁବ୍ ବଢ଼ିଯାଇଛି। କିନ୍ତୁ ବ୍ୟବହାର ପରେ ଏଗୁଡିକୁ ରାସ୍ତାଘାଟରେ ଫିଙ୍ଗାଯାଉଥିବାରୁ ପରିବେଶ ପାଇଁ ହାନିକାରକ ହେଉଛି। ଏଗୁଡିକ ସମୁଦ୍ରରେ ପହଂଚି ସାମୁଦ୍ରିକ ଜୀବନକୁ କ୍ଷତି ପହଂଚାଉଚି। ତେଣୁ ପରିବେଶ ସଂରକ୍ଷଣରେ ବାଧା ସୃଷ୍ଟି କରୁଛି ବୋଲି ଭାସ୍ କହିଛନ୍ତି। ସର୍ଜିକାଲମାସ୍କ ଭଳି ଏହା ନରମ ହୋଇ ନପାରେ, କିନ୍ତୁ ସ୍ଥାୟୀ। ଏହାକୁ ନ ସଫା କରିବାକୁ ଭାସ୍ କହିଛନ୍ତି, କାରଣ ମାସ୍କ ପ୍ରସ୍ତୁତିରେ ବ୍ୟବହୃତ ସୂତା ଗୁଦାଗୁଡିକ ପାଣିରେ ଧୋଇଯିବ।

# ଥିଏଟରକୁ ଫେରିବାକୁ ବ୍ୟାକୁଳ

ଦର୍ଶକଙ୍କ ମନୋରଂଜନ ପାଇଁ ଓଟିଟି ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ତଥାପି ବଡ଼ ପରଦାକୁ ବହୁତ ମିସ୍ କରୁଛନ୍ତି ଅଭିନେତ୍ରୀ ଅଦିତି ରାଓ ହୈଦରୀ। ପ୍ରେକ୍ଷାଳୟରେ ଏକ ପ୍ରକାର ମ୍ୟାଜିକ୍ ଅଛି ବୋଲି ସେ କହିଛନ୍ତି। ଏହି ମ୍ୟାଜିକ ଭାବନା ସର୍ବଦା ରହିଥିବ। କେବେ ବି ଲିଭିବ ନାହିଁ। ଥିଏଟରରେ ପହଂଚିବା ପରେ କଳାକାର ବିଶ୍ୱର ଏକ ଅଂଶ ହୋଇଯାଏ ବୋଲି ଅଦିତି କହିଛନ୍ତି। ତେବେ ଗତ ବର୍ଷଠାରୁ ଓଟିଟି ପ୍ଲାଟଫର୍ମ ବାସ୍ତବରେ ମନୋରଂଜନର ମୁଖ୍ୟ ମାଧମ ହୋଇଛି। ଏହା କଳାକାରଙ୍କର ଶ୍ରେଷ୍ଠ ବନ୍ଧୁ ପାଲଟିଛି। ଓଟିଟିରେ ଚମତ୍କାର ଲେଖା, ବିଷୟ ଦେଖିବାକୁ ମିଳୁଛି। ଦର୍ଶକ ଯେଉଁଭଳି ଭାବେ ଓଟିଟିକୁ ଗ୍ରହଣ କରିଛନ୍ତି, ତାହା ବାସ୍ତବରେ ଅବିଶ୍ୱସନୀୟ। ଓଟିଟି ପ୍ଲାଟଫର୍ମ ଇଣ୍ଡଷ୍ଟ୍ରିର ଲୋକଙ୍କୁ ପ୍ରଚୁର କାମ ଦେଇଛି ବୋଲି ଅଦିତି କହିଛନ୍ତି। ତଥାପି ସେ ଥିଏଟରକୁ ଫେରିବାକୁ ବେଶ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। କିନ୍ତୁ ଥିଏଟରର ମୂଲ୍ୟ ବଢ଼ିବା ପାଇଁ ଆହୁରି ସମୟ ଲାଗିବ। ସମାନ ଭାବେ ଓଟିଟିର ମୂଲ୍ୟ ମଧ ବଢ଼ିବ। କାରଣ ଦୁଇଟିଯାକ ପ୍ଲାଟଫର୍ମ ନିଜ ନିଜ କ୍ଷେତ୍ରରେ ସମରୂପେ ଶକ୍ତିଶାଳୀ। ଉଭୟ ପ୍ଲାଟଫର୍ମରେ ପରିବେଷଣ ହେଉଥିବା ବିଷୟ ଭିନ୍ନ, ଯାହା ଲେଖକ, ନିର୍ଦ୍ଦେଶକ, କଳାକାରଙ୍କ ପାଇଁ ନୂଆ ଦୁନିଆମୁ ମାର୍ଗ ପ୍ରଶସ୍ତ କରିଛି। ଅଦିତି ଏବେ ଓଟିଟିରେ ମୁକ୍ତିଲାଭ କରିଥିବା ଅଜୀବ ଦାସ୍ତାଁରେ ନଜର ଆସୁଛନ୍ତି। ଖୁବ୍‌ଶୀଘ୍ର ତାମିଲ ଫିଲ୍ମ ହେ ସିନାମିକା ଓ ମହା ସମୁଦ୍ରମ୍‌ରେ ସେ ନଜର ଆସିବେ।





# ଆନ୍ନିୟାନ୍ ରିମେକ୍‌ରେ କିଆରା

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ଏସ୍ ଶଙ୍କରଙ୍କ ତାମିଲ ସାଇକୋଲୋଜିକାଲ ଥ୍ରିଲର ଆନ୍ନିୟାନର ରିମେକ୍‌ରେ ନଜର ଆସିବେ ବୋଲି ବିଗତ କିଛିଦିନ ହେଲା ଚର୍ଚ୍ଚା ଚାଲିଥିଲ । କିଆରା ଏହି ପ୍ରୋଜେକ୍ଟ ପାଇଁ ଚୁକ୍ତିବଦ୍ଧ ହୋଇଥିବା ସ୍ପଷ୍ଟ ହୋଇଛି। ଆନ୍ନିୟାନ୍‌ର ରିମେକ୍‌ରେ ଅଭିନେତା ରଣବୀର ସିଂହଙ୍କ ବିପକ୍ଷରେ ସେ ନାୟିକା ସାଜିବେ। ଏହି ରିମେକ୍‌ର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ପେନ୍ ଷ୍ଟୁଡିଓର ଜୟନ୍ତିଲାଲ ଗଡା। ସେହିପରି ଏସ୍ ଶଙ୍କର ଏହାର ନିର୍ଦ୍ଦେଶନା ଦେବେ। ଏ ବିଷୟରେ କିଆରା କହିଛନ୍ତି ଏସ୍ ଶଙ୍କରଙ୍କ ଭଳି ମହାନ୍ ନିର୍ଦ୍ଦେଶକଙ୍କ ସହ କାମ କରିବା ଲାଗି ସୁଯୋଗ ମିଳିବା ଭାଗ୍ୟର କଥା। ଏହି ଫିଲ୍ମରେ ରଣବୀରଙ୍କ ସହ ମୋର ଯୋଡ଼ି ଦର୍ଶକଙ୍କୁ ଏକ ଭିନ୍ନ ସ୍ୱାଦ ଆଣି ଦେବ। ମୋର କ୍ୟାରିୟରକୁ ମଧ ଏହା ଏକ ନୂଆ ମୋଡ଼ ଦେବ ବୋଲି ଆଶା କରୁଛି। ସୂଚନାଥାଉକି, କିଆରା ଏହା ପୂର୍ବରୁ ବି କିଛି ଦକ୍ଷିଣ ଭାରତୀୟ ଫିଲ୍ମରେ ଅଭିନୟ କରିଛନ୍ତି। ତାଙ୍କୁ ୨୦୧୮ରେ ରିଲିଜ୍ ହୋଇଥିବା ଭାରତ ଆନେ ନେନୁ ଓ ୨୦୧୯ରେ ବିନୟ ବିଧେୟ ରାମ ରେ ଦେଖିବାକୁ ମିଳିଥିଲା। ଏହି ଦୁଇଟି ଯାକ ଫିଲ୍ମ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ସେପଟେ ତାଙ୍କ ହାତରେ ଏବେ ଯୁଗ ଯୁଗ ଜିୟୋ, ଭୁଲ୍ ଭୁଲୈୟା-୨, ଶେରଶାହ ପରି ଫଇଲ୍ମ ରହିଛି। ଏଥିମଧ୍ୟରୁ ଶେରଶାହର ସୁଟିଂ ଶେଷ ହୋଇଛି।

# ପତ୍ନୀଙ୍କ ଅସରପା ଡର ଲାଗି ୧୮ଥର ଘର ବଦଳାଇଲେ

ଘରେ ଅସରପା ଦେଖିଲେ ଆପଣ କଣ କରିବେ ? ଏଠାରେ ଜଣେ ମହିଳା ଅସରପା ଭୟରେ ୧୮ ଥର ଘର ବଦଳାଇ ସାରିଲେଣି। ତାଙ୍କର ଏହି ଫୋବିୟା ତାଙ୍କ ବୈବାହିକ ଜୀବନ ଉପରେ ପ୍ରଭାବ ପକାଇଛି। ମଧ୍ୟପ୍ରଦେଶର ଭୋପାଳରେ ଏହି ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଜଣେ ଦମ୍ପତି ବିବାହର ୩ ବର୍ଷ ମଧରେ ୧୮ ଥର ଘର ବଦଳାଇଛନ୍ତି। ଏହାର କାରଣ ଅସରପା ପ୍ରତି ପତ୍ନୀଙ୍କ ଭୟ। ମହିଳାଙ୍କ ସ୍ୱାମୀ ଜଣେ ସଫ୍ଟୱେର ଇଂଜିନିୟର। ପତ୍ନୀଙ୍କର ଏହି ଫୋବିୟା ପାଇଁ ଅନ୍ୟମାନଙ୍କ ଆଗରେ ସେ ବାରମ୍ବାର ଲଜ୍ଜିତ ହେଉଛନ୍ତି। ସେଥିପାଇଁ ପତ୍ନୀଙ୍କୁ ଛାଡ଼ପତ୍ର ଦେବାକୁ ଯୋଜନା କରୁଛନ୍ତି। ୨୦୧୭ରେ ବିବାହ ପରେ ପରେ ଅସରପା ପ୍ରତି ପତ୍ନୀଙ୍କ ଭୟ ବିଷୟରେ ସେ ଜାଣିପାରିଲେ। ପତ୍ନୀ ଦିନେ ରୋଷେଇ ଘରେ ଅସରପା ଦେଖି ଏତେ ଜୋରରେ ଚିତ୍କାର କଲେ ଯେ ଘରର ସମସ୍ତେ ଭୟଭୀତ ହୋଇଗଲେ। ଏହା ପରେ ସେ ଆଉ ରୋଷେଇ ଘରକୁ ଗଲେ ନାହିଁ ଏବଂ ସେ ଘର ଛାଡି ନୂଆ ଘର ନେବାକୁ ବାରମ୍ବାର କହିଲେ। ପତ୍ନୀଙ୍କ ଅସରପା ଫୋବିୟା ପାଇଁ ୨୦୧୮ ମସିହାରେ ଦମ୍ପତି ପ୍ରଥମେ ଘର ବଦଳାଇଲେ। ତାହା ଆରମ୍ଭ ମାତ୍ର ଥିଲା। ନୂଆ ଘରେ ମଧ ସମାନ ଘଟଣା ଘଟିଲା। ଏହିଭଳି ଭାବେ ଦମ୍ପତି ଏ ପର୍ଯ୍ୟନ୍ତ ୧୮ଥର ଘର ବଦଳାଇ ସାରିଲେଣି। ବ୍ୟକ୍ତି ଜଣକ ପତ୍ନୀଙ୍କୁ ଅନେକ ଥର ମନସ୍ତତ୍ୱବିତ୍‌ଙ୍କ ନିକଟକୁ ନେଇଛନ୍ତି। କିନ୍ତୁ ଡାକ୍ତର ଦେଇଥିବା ଔଷଧ ତାଙ୍କ ପତ୍ନୀ ଖାଇଲେ ନାହିଁ। ଅନ୍ୟପକ୍ଷେ ସେ ଅଭିଯୋଗ କଲେ ଯେ ସ୍ୱାମୀ ତାଙ୍କସମସ୍ୟା ବୁଝୁନାହାନ୍ତି। ସେ ତାଙ୍କୁ ମାନସିକ ଅସୁସ୍ଥ ଘୋଷଣା କରିବାକୁ ଚାହୁଁଛନ୍ତି। ବୈବାହିକ ସମ୍ପର୍କ ବଜାୟ ରଖିବାରେ ସାହାଯ୍ୟ କରୁଥିବା ଏକ ସଂସ୍ଥାକୁ ମଧ ପତିପତ୍ନୀ ଯାଇଥିଲେ। କିନ୍ତୁ ଏହାଦ୍ୱାରା ସେମାନଙ୍କର କୌଣସି ଲାଭ ହେଲାନାହିଁ। ବ୍ୟକ୍ତିଙ୍କ କହିବା ଅନୁସାରେ, ତାଙ୍କ ପତ୍ନୀ ଯେତେବେଳେ ଅସରପା ଦେଖନ୍ତି, ଖୁବ୍ ଜୋରରେ ଚିତ୍କାର କରନ୍ତି ଏବଂ ରାସ୍ତାକୁ ଘରର ଜିନିଷପତ୍ର ଫିଙ୍ଗିବା ଆରମ୍ଭ କରିଦିଅନ୍ତି। ତାଙ୍କର ଏଭଳି କାର୍ଯ୍ୟକଳାପରେ ବିରକ୍ତ ହୋଇ ବ୍ୟକ୍ତି ଜଣକ ତାଙ୍କଠାରୁ ଛାଡ଼ପତ୍ର ଚାହିଁଛନ୍ତି।



# ପି.ଏମ୍.ଶ୍ରୀ ବି.ବି.ସରକାରୀ ହାଇସ୍କୁଲରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ୨୦୨୫ ଅନୁଷ୍ଠିତ

**ଢେଙ୍କାନାଳ ,୨୨/୪ (ନି.ପ୍ର):** ସ୍ଥାନୀୟ ଶତାୟୁ,ପି.ଏମ୍.ଶ୍ରୀ.ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ,ଢେଙ୍କାନାଳ ପରିସରରେ ଥିବା ସଭାମଞ୍ଚରେ ପ୍ରାତଃ ୦୮ ଘଟିକା ସମୟରେ ଜିଲ୍ଲା ଶିକ୍ଷାଅଧିକାରୀ ବିନିତା ସେନାପତିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବରେ ସୋମେଶ କୁମାର ଉପାଧ୍ୟାୟ,ଜିଲ୍ଲାପାଳ,ଢେଙ୍କାନାଳ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଅଭିନବ ସୋନର୍କ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ,ଢେଙ୍କାନାଳ,ଦୀପ୍ତି ରଞ୍ଜନ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ ପ୍ରକଳ୍ପ ନିର୍ଦ୍ଦେଶକ,ଜିଲ୍ଲା ପରିଷଦ,ଢେଙ୍କାନାଳ,ସତ୍ୟରଞ୍ଜନ ସାହୁ,ଅବସରପ୍ରାପ୍ତ ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶକ ଓ ଜିଲ୍ଲାପାଳ,କାର୍ଯ୍ୟକ୍ରମର ମାର୍ଗଦର୍ଶିକା,ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ଉଦ୍ୟମ,ନେତୃତ୍ୱରେ ଓ ସଫଳ ସଂଯୋଜନାରେ,ଆବାହକ, ବରିଷ୍ଠ ଶିକ୍ଷକ ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧାନଚାନ୍ଦ ମିଶ୍ରଙ୍କ ଆବାହକତ୍ୱରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଓ ବର୍ଣ୍ଣାଢ଼୍ୟ ସଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ -୨୦୨୫ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃକାଳରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ତଥା ଉଦ୍ ଘାଟକ ଭାବରେ ସୋମେଶ କୁମାର ଉପାଧ୍ୟାୟ,ଜିଲ୍ଲାପାଳ,ଢେଙ୍କାନାଳ ଯୋଗଦାନ କରି ଏହାକୁ ଉଦ୍ ଘାଟନ କରିବା ସଙ୍ଗେ ସଙ୍ଗେ ସ୍ୱୀୟ ଅଭିଭାଷଣରେ ବିଦ୍ୟାଳୟର ଶୈକ୍ଷିକ,ସହଶୈକ୍ଷିକ କାର୍ଯ୍ୟକ୍ରମ ମାଧମରେ ଛାତ୍ରୀ,ଛାତ୍ରମାନଙ୍କର ଅନ୍ତର୍ନିହିତ ପ୍ରତିଭାର ସର୍ବାଙ୍ଗୀନ ବିକାଶ ହେବା ସହିତ ସେମାନଙ୍କୁ ଜୀବନରେ ସଫଳତା ହାସଲ ପାଇଁ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ ।ସତ୍ୟରଞ୍ଜନ ସାହୁ,ଅବସର ପ୍ରାପ୍ତ ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶକ ଓ ଜିଲ୍ଲାପାଳ ସ୍ୱୀୟ ଅଭିଭାଷଣରେ ବିଦ୍ୟାଳୟର ଭିତ୍ତିଭୂମି ସହ ଛାତ୍ରୀ,ଛାତ୍ରମାନଙ୍କର ଶୈକ୍ଷିକ ଓ ସହଶୈକ୍ଷିକକ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀ, ଛାତ୍ର ଓ ସେମାନଙ୍କର ମାତା, ପିତା ତଥା ଅଭିଭାବିକା, ଅଭିଭାବକମାନଙ୍କର ସମ୍ମିଳିତ ଯତ୍ନ ଓ ଅବିରତ ପ୍ରଚେଷ୍ଟା ଆବଶ୍ୟକ ବୋଲି ଦୃଢ ମତପୋଷଣ କରିଥିଲେ ।ପରେ ପରେ ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍ ଯାପନୀ ଉତ୍ସବରେ ଯୋଗଦାନ କରି ମଞ୍ଚାସୀନ ଅତିଥିବୃନ୍ଦ ସ୍ୱୀୟ ବକ୍ତବ୍ୟରେ ଏହି ଅଭିନବ କାର୍ଯ୍ୟକ୍ରମ ସମସ୍ତଙ୍କ ମଧରେ ଶିକ୍ଷା ମାଧମରେ ବନ୍ଧୁତା,ସମ୍ମାନ,ଉତ୍କର୍ଷତା,ନୈତିକ ମୂଲ୍ୟବୋଧ ସୃଷ୍ଟି କରିବାପାଇଁ ସମର୍ଥ ହେବ ବୋଲି ଦୃଢ଼ ଆଶାପୋଷଣ କରିଥିଲେ । କାର୍ଯ୍ୟକ୍ରମର ମାର୍ଗଦର୍ଶିକା, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସ୍ୱୀୟ ଅଭିଭାଷଣରେ ନିଜର ପ୍ରତ୍ୟେକ୍ଷ ଉଦ୍ୟମ,ନେତୃତ୍ୱରେ ଓ ସଫଳ ସଂଯୋଜନାରେ ସମସ୍ତଙ୍କର ସହଯୋଗ, ଚେଷ୍ଟା,ନିଷ୍ଠା ଓ ସହାୟତାରେ କିପରି ଏହି କାର୍ଯ୍ୟକ୍ରମ ସଫଳତା ଲାଭ କରିପାରିଛି ସେ ସମ୍ପର୍କରେ ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିବା ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରି ବିଦ୍ୟାଳୟର ଅନେକ ଛାତ୍ରୀ,ଛାତ୍ର ବିଭିନ୍ନ ପ୍ରକାର କଳା, ବିଜ୍ଞାନ, କ୍ରୀଡ଼ା ଭଳି ବିଭିନ୍ନ ଶୈକ୍ଷିକ, ସହଶୈକ୍ଷିକ କ୍ଷେତ୍ରରେ ବ୍ଲକ୍, ଜିଲ୍ଲା, ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଯୋଗଦାନ କରି ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିପାରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି ଉପଲକ୍ଷେ ବର୍ଣ୍ଣାଢ଼୍ୟ, ଚିତ୍ତାକର୍ଷକ,ମନୋରଞ୍ଜନ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ସଂଯୋଜକ ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ,ଡ.ଅନୁପମା ମିଶ୍ର,ଦିପ୍ତିଶ୍ କୁମାର ଶତପଥୀ,ଭୂପିନ୍ଦର ସିଂ ମାଝୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ,ବାଦ୍ୟଯନ୍ତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ଅକ୍ଷୟ କୁମାର ନାୟକ,ନରେନ୍ଦ୍ର କୁମାର ଦାସ, ଦିବ୍ୟାଂଶୁ ଶର୍ମା,ମାନସ ପ୍ରିତମ୍ ରାଉତ,ପ୍ରୀତମ୍ ପ୍ରିୟବ୍ରତ ବେହେରା, ଛାତ୍ରୀ, ଛାତ୍ର ଘୋଷିକା,ଘୋଷକମାନଙ୍କ ସଂଯୋଜକ କଲ୍ୟାଣୀ ବଡ଼ଜେନା, କ୍ଷୀରାବ୍ଧୀତନୟା ମହାପାତ୍ର ଓ ଡ.ଅନୁପମା ମିଶ୍ରଙ୍କ ନେତୃତ୍ୱରେ ନବମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସାଗରିକା ସ୍ୱାଇଁ ଓ ସପ୍ତମ ଶ୍ରେଣୀ ଛାତ୍ରୀ ସାନଭି ତ୍ରିପାଠୀ, ନବମ ଶ୍ରେଣୀର ଛାତ୍ରୀ ବିଷ୍ଣୁପ୍ରିୟା ସାହୁ,ନବମ ଶ୍ରେଣୀର ଛାତ୍ର ସତ୍ୟବ୍ରତ ନାଏକ ଓ ସପ୍ତମ ଶ୍ରେଣୀର ଛାତ୍ର ସାଇପ୍ରସାଦ ମହାପାତ୍ର ପ୍ରମୁଖଙ୍କ ସହାୟତାରେ,ପ୍ରାକ୍ତନ କଳା ଶିକ୍ଷକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଠେଙ୍ଗା', ସୁଲଳିତ, ସୁମଧୁର ସମବେତ ସ୍ୱାଗତ ଓ ଉଦ୍ ଯାପନୀ ସଙ୍ଗୀତ ଗାନ, ଓଡ଼ିଶୀ, ସମ୍ବଲପୁରୀ, ଘୁମୁରା, ଆଦିବାସୀ,ଦେଶ ଭକ୍ତି ଓ ତେଲଗୁ ମାଲାୟଲମ୍ ସଙ୍ଗୀତର ତାଳେ ତାଳେ ଛାତ୍ରୀ,ଛାତ୍ରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ ଓ ଏହା ଦର୍ଶକ ମଣ୍ଡଳୀ ଦ୍ୱାରା ବେଶ୍ ଉପଭୋଗ୍ୟ ହୋଇଥିଲା ।ବିଭିନ୍ନ ପ୍ରତିଯୋଗିତାର ସମସ୍ତ କୃତୀ ଛାତ୍ରୀ,ଛାତ୍ର ମଞ୍ଚାସୀନ ଅତିଥିବୃନ୍ଦଙ୍କଠାରୁ ପର୍ଯ୍ୟାୟ କ୍ରମେ ପ୍ରଶଂସାପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ ।ସଭା ପ୍ରାରମ୍ଭରେ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଉପସ୍ଥିତ ସମସ୍ତ ଅତିଥି ଓ ଶୁଭେଚ୍ଛୁମାନଙ୍କ ଦ୍ୱାରା ପୁଷ୍ପ,ଧୂପ,ପ୍ରଦୀପ ପ୍ରଜ୍ୱଳନ କରାଯିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ରଙ୍କ ଦ୍ୱାରା ସୁଲଳିତ ସୁମଧୁର କଣ୍ଠରେ ମଙ୍ଗଳାଚରଣ ଗାନ ଓ କାର୍ଯ୍ୟକ୍ରମର ଅନ୍ତିମ ଭାଗରେ ଶାନ୍ତିପାଠ କରାଯାଇଥିଲା ।ନାଟ୍ୟକାର ମନୋହର ଶତପଥୀ କାର୍ଯ୍ୟକ୍ରମ ସଂଯୋଜକ ଭାବରେ ସ୍ୱାଗତ ଭାଷଣ,ଅତିଥି ପରିଚୟ ପ୍ରଦାନ,କାର୍ଯ୍ୟକ୍ରମର ଉଦ୍ଦେଶ୍ୟଜ୍ଞାପନ ଓ ସଫଳ ଭାବରେ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମର ମାର୍ଗଦର୍ଶିକା ଭାବରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ବର୍ତ୍ତମାନର ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ଉଦ୍ୟମ, ନେତୃତ୍ୱରେ, ମାର୍ଗଦର୍ଶନରେ ଓ ସଫଳ ସଂଯୋଜନାରେ, ଆବାହକ, ବରିଷ୍ଠ ଶିକ୍ଷକ ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧାନଚାନ୍ଦ ମିଶ୍ର,ବିଦ୍ୟାଳୟର ପ୍ରାକ୍ତନ ବରିଷ୍ଠ ଶିକ୍ଷକ ଡ଼ା.ଦେବୀ ପ୍ରସାଦ ମିଶ୍ର,ସାଂସଦଙ୍କ ପ୍ରିତିନିଧି ସମାଜସେବୀ ରୁଦ୍ର ନାରାୟଣ ତ୍ରିପାଠୀ,ପ୍ରାକ୍ତନ ଶିକ୍ଷକ ତଥା ବର୍ତ୍ତମାନର ପ୍ରଧାନ ଶିକ୍ଷକ ଇତିଶ କୁମାର ବରାଳ,ପ୍ରାକ୍ତନ କ୍ରୀଡ଼ାଶିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଓ ଆଲୁମିନି ଆସୋସିଏସନ୍ ର ସଭାପତି, ଉପସଭାପତି, ସଭ୍ୟା, ସଭ୍ୟ ବୃନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ,ସଦସ୍ୟା ଝରଣା ପାତ୍ର,ମୀନା ନାଏକ,ସୀମା ରାଣୀ ସାହୁ,ପ୍ରଭାସିନୀ ସାହୁ,ବିଜୟଲକ୍ଷ୍ମୀ ଜେନା,ଲକ୍ଷ୍ମୀକାନ୍ତ ଜେନା,ଦିଲାବର ହୁସେନ,ବିରଞ୍ଚି ନାଏକ, ସଂସ୍କୃତି ବିଭାଗର ଦାୟିତ୍ୱରେ ଥିବା ସଂସ୍କୃତ ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ର ଓ ସଂସ୍କୃତ ଶିକ୍ଷକ ଦୀପ୍ତିଶ କୁମାର ଶତପଥୀ, କିଶୋର ଚନ୍ଦ୍ର ସାମଲ,ସୁନିତାବାଳା ଷଡ଼ଙ୍ଗୀ,ସୁଜାତା ପଣ୍ଡା, ସୁଚିତ୍ରା ସାହୁ,ସ୍ୱାଗତିକା ରଥ,ସୁନିତା ନାଥ,କିରଣ୍ମୟୀ ମହାଳିକ,କଲ୍ୟାଣୀ ବଡଜେନା,କ୍ଷୀରାବଧିତନୟା ମହାପାତ୍ର, କିରଣ କଣ୍ଟା,ଭୂପେନ୍ଦ୍ର ସିଂ ମାଝୀ,ସ୍ମିତା ପଟ୍ଟନାୟକ,ଅନିତା ସାହୁ,କାର୍ଯ୍ୟାଳୟ ସହକାରୀ ସୁଦର୍ଶନ ସାହୁ,ବାସୁଦେବ ରଣା, ମମତା ବେହେରା,ରୁଦ୍ରାକ୍ଷ ଗଡନାୟକ,ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ବୃନ୍ଦ ଛାତ୍ରୀ,ଛାତ୍ର,ସେମାନଙ୍କର ମାତା,ପିତା,ଅଭିଭାବିକା,ଅଭିଭାବକବୃନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତ ଥିଲେ ।ପରିଶେଷରେ ଆବାହକ ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧାନଚାନ୍ଦ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାମଦା ବ୍ଲକ ଅଞ୍ଚଳରେ କଂକ୍ରିଟ ପଥ ପାଲୋଟିଛି ମରଣଯନ୍ତା



**ମୟୂରଭଞ୍ଜ ୨୨/୪ (ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଅଂଚଳ ଭାବରେ ଜାମଦା ବ୍ଲକ ପରିଚିତ ।ବ୍ଲକଟି ଝାରଖଣ୍ଡ ସୀମା ଲାଗି ରହିଥିବାବେଳେ ବ୍ଲକ କୁ ବିଭିନ୍ନ ପ୍ରାନ୍ତରୁ ପିଚୁ ଓ କଂକ୍ରିଟ୍ ରାସ୍ତା ଦ୍ୱାରା ସଂଯୋଗୀକରଣ ହୋଇଛି ।ତେବେ ବ୍ଲକ ଅଞ୍ଚଳରେ ଦୀର୍ଘ ୧୫,୧୦ ବର୍ଷ ପୂର୍ବରୁ ଯେଉଁ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲା ତାହା ବର୍ତ୍ତମାନ ଖାଲଖମାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି ।ବ୍ଲକର ବିଭିନ୍ନ ଗାଁ ଓ ସାହିରେ କଂକ୍ରିଟ ପଥରୁ ମେଟାଲ,ଚିପ୍ସ୍ ଉଠିଯାଇ ଖାଲରେ ଭର୍ତ୍ତି ହେବା ସହ ଯାତାୟତ କରୁଥିବା ବ୍ୟକ୍ତିବିଶେଷ ବହୁ ଅସୁବିଧାରେ ପଡୁଥିବା ଦୃଷ୍ଟିଗୋଚର ହେଉଛି ।କାହାର କେତେବେଳେ ସାଇକେଲ୍ ପମ୍ପଚର ହେଉଛି ତ ଆଉ କେତେବେଳେ ଯାନବାହାନ ବିପଦରେ ପଡୁଥିବା ଜାଣିବାକୁ ମିଳୁଛି ।ଛୋଟଛୋଟ ଶିଶୁ ଓ ପାଠପଢା ବାଳକବାଳିକା ପଡ଼ି ଖଣ୍ଡିଆଖାବରା ହେଉଥିବା ଦେଖିବାକୁ ମିଳୁଛି ।ତେବେ ଜିଲ୍ଲା ପ୍ରଶାସନ ଏଥିପ୍ରତି ନଜର ଦେବାକୁ ଜନସାଧାରଣରେ ଦାବି ହେଉଛି ।

## ହନୁମାନ ମନ୍ଦିରର ପ୍ରାଣ ପ୍ରତିଷ୍ଠା



**ସିମୁଳିଆ ୨୨/୪ (ନି.ପ୍ର):** ସିମୁଳିଆ ବ୍ଲକ ଇନାୟତପୁର ଗ୍ରାମର ଗ୍ରାମବାସୀ ଓ ହରିଶକ୍ତି କ୍ଲବ ସଦସ୍ୟ ଆନୁକୂଲ୍ୟରେ ମହାବୀର ହନୁମାନ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରବିବାର ଦିନ ମାର୍କୋଣା ମହାଦେବ ମନ୍ଦିର ପୋଖରୀରୁ କଳସ ଶୋଭାଯାତ୍ରାରେ ବାହାରି ମନ୍ଦିର ନିକଟରେ ପହଞ୍ଚି ଥିଲେ । ପଣ୍ଡିତ ଅନିରୁଦ୍ଧ ପତିଙ୍କ ନେତୃତ୍ୱରେ ୫ଜଣ ପଣ୍ଡିତ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନୀନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ନାୟକ, ଭାଗିରଥୀ ନାୟକ, ଆରତ ବଳ, ନବୀନ ବେହେରା, କରୁଣାକର ବାରିକ, ରବୀନ୍ଦ୍ର ବେହେରା , ଗଣପତି ନାୟକ, ନିରାକାର ନାୟକ, ସୁରେନ୍ଦ୍ର ଜେନା, ଗଣେଶ ଦାସ କରୁଣାକର ଜେନା, ଧରଣୀଧର ବାରିକ, ଶ୍ରୀଧର ନାୟକ, ଦୀପକ ନାୟକ, ଅଜୟ ବେହେରା, ଶଙ୍କର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ବୁଢାରଜା ଙ୍କୁ ଲାଗିଲା ମହୁଲ ଭୋଗ

**ଭେଡେନ ୨୨/୪ (ନି.ପ୍ର):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗା ବୁଢାରଜା ମନ୍ଦିରରେ ଅଷ୍ଟମଙ୍ଗଳା ପୂଜା ଅନୁଷ୍ଠିତ ହୋଇଛି । ମୁଖ୍ୟ ପୂଜକ ଭବାନୀ ଦେହେରୀଙ୍କ ତତ୍ତ୍ୱବଧାନରେ ପ୍ରଭୁ ଙ୍କୁ ପାରମ୍ପରିକ ମହୁଲ ଭୋଗ ଲାଗିଁସାରିଲା ପରେ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ହୋମ ଯଂଜ୍ଞ କରିଥିଲେ । ପରେ ବୁଢାରଜା ମନ୍ଦିରରୁ ତାଙ୍କ ଉଭା ସ୍ଥଳକୁ ବୁଢାରଜା ମହାପ୍ରଭୁ ବର୍ଷକ ପାଇଁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ବାର୍ଷିକ ଅଷ୍ଟମଙ୍ଗଳା ପୂଜା ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

# ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଗୋର୍ଲା ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

**ନୂଆପଡ଼ା ୨୨/୪ (ନି.ପ୍ର):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଗୋର୍ଲା ପଞ୍ଚାୟତରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ , ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ଦଣ୍ଡସେନା ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ କ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁପ୍ରସାଦ ଜେନା, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ,ଶ୍ରମ ଉପ ଅଧିକାରୀ, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ , ଲିଡ୍ ବ୍ୟାଙ୍କ୍ ମେନେଜର ସୀତାରାମ ମେହେର , ଜିଲ୍ଲା ଶିଳ୍ପକେନ୍ଦ୍ର ପରିଚାଳକ ସମୀର କୁମାର ମୁଦୁଲି, ମିଶନ ଶକ୍ତି ପରିଚାଳକ ସୁନୀଲ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ମହିଳା ଏଂ ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ ଗୋର୍ଲା ପଞ୍ଚାୟତକୁ ପ୍ରବାସୀ ଶ୍ରମିକ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଠକ ବେଆଇନ୍ ଶ୍ରମିକ ଦଲାଲ ମାନଙ୍କ ବିରୁଦ୍ଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇ ଦେଇଥିଲେ । ବିଭିନ୍ନ ବିଭାଗ ଏଂ ଯୋଜନା ମାଧ୍ୟମରେ ସରକାର ଯୋଗାଇ ଦେଉଥିବା ସହାୟତା ତଥା ମନରେଗା ଯୋଜନାରେ କାମ କରି ଆନନ୍ଦ ମନରେ ନିଜ ନିଜ ଗାଁରେ ରହିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।ଏହି ପଞ୍ଚାୟତର ଯେଉଁ ପରିବାର ମାନେ ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୦୦ ଦିନରୁ ଅଧିକ ଶ୍ରମ ଦାନ କରି ଲକ୍ଷପତି ହୋଇଛନ୍ତି ସେମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଉପଢୌକନ, ପୁଷ୍ପ ଗୁଚ୍ଛ ଓ କୋଡ଼ି କୋଦାଳ , ଗାମଲା ଦେଇ କରତାଳି ମଧ୍ୟରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସ୍ଥାନିୟ ସରପଂଚ ଦମୟନ୍ତୀ ଦଣ୍ଡସେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ଶହ ଶହ ସଂଖ୍ୟାରେ ମହିଳା ତଥା ଜନ ସାଧାରଣ ଯୋଗ ଦେଇଥିଲେ । ପୂର୍ବରୁ ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ ସମାରୋହରେ ଜିଲ୍ଲାପାଳ ଦୁଇଟି ନବଜାତକ ଶିଶୁ କନ୍ୟା ଓ ସେମାନଙ୍କ ପିତାମାତାଙ୍କୁ ଉପହାର ପ୍ରଦାନ କରି ସେମାନଙ୍କ ଦ୍ୱାରା ନୂତନ ବୃକ୍ଷ ରୋପଣ କରାଇଥିଲେ । ନବଜାତକ ଶିଶୁ କନ୍ୟା ମାନଙ୍କୁ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳ କୋଳରେ ଧରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ବିଭିନ୍ନ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ କ୍ଷ ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଗୋର୍ଲା ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା । ଏହାକୁ ସିନାପାଲି ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ପ୍ରୋଗ୍ରମ୍ ଅଫିସର୍ ନମିତା ପାଢ଼ୀ, ସିନାପାଲି ସିଡିପିଓ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆୟୋଜନ କରିଥିଲେ ।

# ଧୁ ଧୁ ଖରାରେ କାମ କରୁଛନ୍ତି ଶ୍ରମିକ ଠିକାଦାରଙ୍କ ମର୍ଜିରେ ସରକାରୀ ନିର୍ଦ୍ଦେଶ



**ହିଞ୍ଜିଳିକାଟୁ ୨୨/୪ (ନି.ପ୍ର):** ଏବେ ରାଜ୍ୟରେ ପାରଦ ଉପର ମୁହାଁ । ରାଜ୍ୟର ୧୦ଟି ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ।ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ଶ୍ରମବିଭାଗ ପକ୍ଷରୁ ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ତିନିଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାମ କରିବା ପାଇଁ ବାରଣ କରାଯାଇଛି । ଏଥିପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସକାଳ ସମୟରେ କରାଯାଉଛି । ଯେଉଁଠି ଶ୍ରମିକ କିମ୍ବା ଠିକାଦାରମାନେ ନିୟମ ଉଲ୍ଲଂଘନ କରୁଛନ୍ତିସେଠାରେ ଜିଲା ଶ୍ରମ ବିଭାଗର କର୍ମଚାରୀମାନେ ତାଗିଦ୍ ? କରିବା ସହ ସଚେତନତା ସୃଷ୍ଟି କରିଛନ୍ତି । ଅନ୍ୟପକ୍ଷରେ କମ୍ପାନୀ କିମ୍ବା ଠିକାଦାରଙ୍କୁ ଆର୍ଥିକ ଦଣ୍ଡ ଦେବା ସହ ସେମାନଙ୍କୁ ଅନୁମତି ମୂଳକ ପତ୍ର (ଲାଇସେନ୍ସ) କେତେକାଂଶରେ ରଦ୍ଦ କରୁଛନ୍ତି । କିନ୍ତୁ ହିଞ୍ଜିଳିକାଟୁ ସହରରେ ସରକାରୀ ନିର୍ଦ୍ଦେଶ ପାଳନରେ ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି । ସହରରେ ଚାଲିଥିବା ଘରୋଇ ହେଉ କି ସରକାରୀ ନିର୍ମାଣାଧୀନ କାମରେ ନିୟୋଜିତ ଶ୍ରମିକ ମାନେ ଟାଣ ଖରାରେ କାମ କରୁଥିବା ଦେଖା ଯାଉଛି । ଗୋଟିଏ ଉଦାହରଣ ସ୍ୱରୂପ ପୂର୍ବାହ୍ନ ସାଢେ ୧୧ଟା ପରେ ହିଞ୍ଜିଳିକାଟୁ ସ୍ୱୟଂ ସାସିତ ବିଜ୍ଞାନ ମହାବିଦ୍ୟାଳୟରେ ପୁରୁଣା ହୋଷ୍ଟେଲ କୋଠା ଭଙ୍ଗା ଚାଲିଛି । ଠିକାଦାରର ନିର୍ଦ୍ଦେଶ ଅନୁସାରେ ଶ୍ରମିକମାନେ ପ୍ରାୟ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଡହ ଡହ ଖରାରେ ଛାତ ଉପରେ ଲୁହା ରଡ୍ ? ଉପରେ ଚଢ଼ି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ନିୟମକୁ ଖାତିର ନକରି ପ୍ରଚଣ୍ଡ ଖରାରେ ଚାଲିଛି ନିର୍ମାଣ କାମ ଓ ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରାଯାଉଥିବା ଅଭିଯୋଗ ହୋଇଛି । ସରକାରଙ୍କ ନିୟମ ଅନୁସାରେ ଅଂଶୁଘାତ ମୁକାବିଲା ପାଇଁ ନିର୍ମାଣ ସ୍ଥଳରେ ଆବଶ୍ୟକ ପ୍ରତିକାର ବ୍ୟବସ୍ଥାର ଅଭାବ ରହିଛି । ସ୍ଥାନୀୟ ସହର ଦାୟିତ୍ୱରେ ଥିବା ଶ୍ରମ ଅଧିକାରୀ ଜଣକ ମଧ୍ୟ ନିୟମିତ ଭାବେ ଏଠାକୁ ଆସୁ ନ ଥିବା ଜଣାପଡ଼ିଛି । ଏହାର ସୁଯୋଗ ନେଇ ସ୍ୱୟଂ ଶାସିତ ବିଜ୍ଞାନ ମହାବିଦ୍ୟାଳୟର ହଷ୍ଟେଲ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ଜଣକ ଶ୍ରମିକ ମାନଙ୍କୁ ଧୁ ଧୁ ଖରାରେ ଖଟାଉଥିବା ଦେଖା ଯାଇଛି । ଏ ଦିଗରେ ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ମତ ପ୍ରକାଶ କରିଛନ୍ତି ।

## ୨୫ ରୁ ଦ୍ୱିତୀୟ ବାର୍ଷିକ ତୁଷାର କାନ୍ତି ସ୍ମାରକୀ କ୍ରିକେଟ କପ୍

**ନିମାପଡା ୨୨/୪ (ନି.ପ୍ର):** ଆଜି କାକଟପୁର ବ୍ଲକ ମିନି ଷ୍ଟାଡିୟମ ଠାରେ ଦ୍ୱିତୀୟ ବାର୍ଷିକ ତୁଷାର କାନ୍ତି ସ୍ମାରକୀ କାକଟପୁର କ୍ରିକେଟ କପ୍ ଆୟୋଜନ ପାଇଁ ମା ମଙ୍ଗଳା ୟୁଥ କ୍ଲବ ତରଫରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କ୍ଷ ଚଳିତ ମାସ ୨୫ ତାରିଖ ରୁ ଜିଲ୍ଲା ସ୍ତରୀୟ ଏହି ମ୍ୟାଚ ଅନୁଷ୍ଠିତ ହେବ ଏବଂ ଆସନ୍ତା ମାସ ୪ ତାରିଖ ରେ ଏହାର ମେଗା ଫାଇନାଲ ଅନୁଷ୍ଠିତ ହେବ କ୍ଷ ଚଳିତ ବର୍ଷ ଏହି ଟି ୨୦ ଟୁର୍ନାମେଣ୍ଟ ରେ ଧଳା ଡିୟୁଜ ବଲ୍ ଆଉ ମ୍ୟାଟ ଉପରେ ଖେଳ ଅନୁଷ୍ଠିତ ହେବାର ଆୟୋଜନ କରାଯାଇଛି କ୍ଷ, ଏହି ଟୁର୍ନାମେଣ୍ଟ ରେ ସମସ୍ତ ଟିମ୍ ନିଜ ନିଜ ର କଲର ଡ୍ରେସ କୋର୍ଡ ପିନ୍ଧି ମୈଦାନ ରେ କ୍ରିକେଟ ଖେଳିବା ସହିତ ଏହା ସମ୍ପୂର୍ଣ୍ଣ ଭାବେ ଦିନ ସମୟ ରେ ଅନୁଷ୍ଠିତ ହେବ ବୋଲି କମିଟି ନିଷ୍ପତି ନେଇଛି କ୍ଷ ଏହି ଟୁର୍ନାମେଣ୍ଟ ରେ ଜିଲ୍ଲା ସ୍ତରୀୟ ୮ ଗୋଟି ଟିମ ଭାଗ ନେବେ ଯେଉଁଥିରେ ଅନେକ ରାଜ୍ୟ ତଥା ରଞ୍ଜି ଖେଳାଳି ଙ୍କ ବିସ୍ଫୋରକ ବ୍ୟାଟିଂ ଓ ବୋଲିଂ ସହିତ ଦମଦାର ଫିଲ୍ଡିଂ ଓ କିପିଙ୍ଗ ମଧ ଦେଖିବାର ମଜା ନେବେ ଦର୍ଶକ, ତା ସହିତ ସମସ୍ତ ମ୍ୟାଚ କୁ ଚିତାକର୍ଷକ କରିବାକୁ ଓଡିଶା କ୍ରିକେଟ ଆସୋସିଏସନ ସହିତ ଅନ୍ୟ ବହୁ ପରିଚିତ ଅମ୍ପେୟାର ଏହି ମୈଦାନ ରେ ଯୋଗଦେବେ ବୋଲି କମିଟି ତରଫରୁ ସାମ୍ବାଦିକ ସମ୍ମିଳନୀ ରେ ଘୋଷଣା କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀ ରେ ମା ମଙ୍ଗଳା ୟୁଥ କ୍ଲବ ର ସଭାପତି ଟୁଲୁ ଗୋଛାୟତ ସଭାପତିତ୍ୱ କରିଥିବା ବେଳେ ଅନ୍ୟ ମାନଙ୍କ ଭିତରେ ସମ୍ପାଦକ ଦୟାନିଧି ଗୋଛାୟତ, ଉପଦେଷ୍ଟା ମଣ୍ଡଳୀ ଯଥାକ୍ରମେ କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, କ୍ରୀଡା ସମ୍ପାଦକ ଧିରେନ ଚାନ୍ଦ, କାର୍ଯ୍ୟକାରୀ ସଭାପତି ସୁବେନ୍ଦୁ ସେନାପତି ଉପସ୍ଥିତ ରହି କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ର ସମସ୍ତ ବିବରଣୀ ଆଲୋଚନା କରିଥିଲେ, ଜିଲ୍ଲା ସ୍ତରୀୟ ଏହି କ୍ରିକେଟ ଟୁର୍ନାମେଣ୍ଟ ରେ ଫାଇନାଲ ବିଜେତା ଟିମ ଚମ୍ପିୟନ କପ୍ ସହିତ ୨୦ ହଜାର ଟଙ୍କା ପୁରସ୍କାର ରାଶି ରହିଥିବା ବେଳେ ରନର୍ସଅପ୍ ଟିମ୍ ପାଇଁ କପ୍ ସହିତ ୧୫ ହଜାର ଟଙ୍କା ପୁରସ୍କାର ରାଶି ରହିଛି, ଏହି କ୍ରିକେଟ ଟୁର୍ନାମେଣ୍ଟ ରେ ପାଭୀଲିୟନ ରେ ୫ ହଜାର ଦର୍ଶକ ଏକା ସାଥିରେ ଏହି ଟୁର୍ନାମେଣ୍ଟ ଦେଖିବା ପାଇଁ କ୍ଲବ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

# ସିନାପାଲି ବ୍ଲକ୍ ରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

**ସିନାପାଲି ୨୨/୪ (ନି.ପ୍ର):** ଆଜି ସିନାପାଲି ବ୍ଲକ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାର୍ଷୀରାଣୀ ପୂର୍ତ୍ତି ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଗୁରୁ ପ୍ରସାଦ ଜେନା,ବ୍ଲକ୍ ଅଧକ୍ଷା ମାଧୁରୀ ମାଝୀ, ବିଡ଼ିଓ କାର୍ମୀ ଓରାମ , ତହସିଲଦାର ଉପାଞ୍ଜଳୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟୀ କଲେକ୍ଟର ହେମନ୍ତ ପୁଟା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ନୂଆପଡାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ । ଉକ୍ତ ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ତଥା ଗ୍ରାମ ଗୁଡିକରୁ ୮୩ ଗୋଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା । ଶିବିରରେ ୭ ଜଣଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱୀକୃତି ଶିରୋନାମା, ୩ ଟି ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ୨ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପଟ୍ଟା ପ୍ରଦାନ କରାଗଲା ।ପରେ ପରେ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଗୋର୍ଲା ଗ୍ରାମ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା କ୍ଷ ଏଠାରେ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ସେହିପରି ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ୨୫ ଟି ବଡ଼ ଏବଂ ୭୮ ଟି ଛୋଟ ମୋଟ ୧୦୩ଟି ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା କରା ଯାଇଥିଲା ।

# ବ୍ଲକ ସ୍ତରୀୟ ଡଃ ବି.ଆର.ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ



**କର୍ଲାମୁଣ୍ଡା୨୨/୪ (ନି.ପ୍ର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକସ୍ତରୀୟ ଡଃ. ବି.ଆର.ଆମ୍ବେଦକରଙ୍କ୧୩୪ତମ ଜୟନ୍ତୀ ରବିବାର ରାଜପୁର ଗ୍ରାମରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା ! ସକାଳ ଘ.୯.ରେ ମୋଟରସାଇକଲ ଶୋଭାଯାତ୍ରାରେ ଆମ୍ବେଦକର ଜ୍ୟୋତିପରିକ୍ରମା ରାଜପୁର ପଞ୍ଚାୟତରର ସିଆଳପଲା,ବାବେଯୋର, ଗୋଇନ୍ଦାମୁଣ୍ଡା, ସୁରୁଜୁଲି,ବାଞ୍ଜିପଦର ଦେଇ ରାଜପୁର ଗ୍ରାମକୁ ଆସିଥିଲା ! ଦିବା ଘ.୧୨ଷ୍ଠା ସମୟରେ ଅଲ ଓଡ଼ିଶା ସିଡୁଲ୍ଡକାଷ୍ଟ ଫେଡ଼େରେସନ କର୍ଲାମୁଣ୍ଡା ବ୍ଲକ୍ ସଭାପତି ଧିମାନ ବରୁଣ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବଲାଙ୍ଗିର ଜିଲ୍ଲା ଇଚଉ ଧିମାନ ତରଣୀ ସୁନା ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ଯୁଗେଶ୍ୱର ସାଗର ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ ! ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଚ. ଉ.ମନିନ୍ଦ୍ର ହନାଗା, ସମ୍ମାନୀତ ଅତିଥି ରୁପେ କଳାହାଣ୍ଡିଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଆ, ଇଙ୍ଝଉର କଳାହାଣ୍ଡି ଜିଲ୍ଲାସଭାପତି ଧିମାନ ଶ୍ରୀସ୍ତ ତାଣ୍ଡି, ସଂପାଦକ ଧିମାନ ସୂର୍ଯ୍ୟନାରାୟଣ, କାର୍ଯକାରୀ ସଡପତି ରିଶିସୂଦନ ଛତ୍ରପାଳ, ଉପଦେଷ୍ଟା ଅବସରପ୍ରାପ୍ତ ଜେଲ ସୁପରିଟେଣ୍ଟେ ଧିମାନ ପ୍ରେମାନନ୍ଦ ବାଗ, ଜିଲ୍ଲା ସଂଯୋଜକ ଧିମାନ ବିଭିଷଣ ନାଏକ , ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝି, କର୍ଲାମୁଣ୍ଡା ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ରିଷିଡା ସରପଞ୍ଚ ସେବତୀ ରଣା, ସ.ମାଲପଡ଼ା ସରପଞ୍ଚ ବରୁଣ ଛତ୍ରିଆ, କୃଷ୍ଣଚନ୍ଦ୍ରପଟେଲ, ମଞ୍ଚାସିନଥିଲେ ! ଅତିଥିମାନେ ବାବା ସାହେବ ଆମ୍ବେଦକର ଓ ଗୌତମ ବୁଦ୍ଧଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ, ପୂଷ୍ପମାଲ୍ୟ ଅର୍ପଣ କରିଥିଲେ ! ଦିଲିପ ବାଗ ସ୍ୱାଗତ ସଂଗୀତ ପରିବେଶଣ କରିଥିଲେ ! ବ୍ଲକ ସଂଯୋଜକ ଧିମାନ ମଧୁସୂଦନ ବାଗ ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଦଣ୍ଡପାଣି ନାଏକ ଓ ଶରତ ବାରିକ ମଞ୍ଚ ପରିଚାଳନା କରିଥିଲେ ! ଅବସରପ୍ରାପ୍ତ ବ୍ଲକ୍ ଶିକ୍ଷାଧିକାରୀ ଦଇତରାମ ସୁନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ! ଏହି କାର୍ଯ୍ୟକମରେ ରାଜପୁର ପଞ୍ଚାୟତ ସଭାପତି ତ୍ରିନାଥ ନାଏକ, ସଂପାଦକ ଲାଲ ବାହାଦୁର ସୁନା,କର୍ଲାମୁଣ୍ଡା ସଭାପତି ଟିକବାଗ,ଯୋରାଡୋବରା ସଭାପତି ଯୁଗଲ ନାଗ, ରାଧେଶ୍ୟାମ ବାଗ,ଅଜୟ ମହାନନ୍ଦ, ଶମ୍ଭୁନାଥ କରକରିଆ, ଶମ୍ଭୁ କୁମାର,ମନବୁଦ୍ଧ କୁମାର ସହଯୋଗ କରିଥିଲେ ! ସଂଗଠନର ସଂପାଦକ ତ୍ରିଭୂନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ! ଏହି କାର୍ଯ୍ୟକ୍ରମରେ ୧୨ଗୋଟି ପଞ୍ଚାୟତରୁ ଆମ୍ବେଦକର ପ୍ରେମି ଅଂଶଗ୍ରହଣ କରିଥିଲେ !

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ କଟକ ଶାଖାର ବୈଠକ

**କଟକ ୨୨/୪ (ନି.ପ୍ର):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ କଟକ ଶାଖାର ଏକ ବୈଠକ ନୂଆପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଶ୍ଚିମ ବଙ୍ଗରେ ହିନ୍ଦୁ ମାନଙ୍କ ପ୍ରତି ହେଉଥିବା ହିଂସା ପ୍ରତି ଗଭୀର ଶୋକ ପ୍ରକାଶ କରା ଯାଇଥିଲା । ଆଗାମୀ ଦିନ ମାନଙ୍କରେ ଯୁବପୀଢ଼ି ମାନଙ୍କୁ ରାଷ୍ଟ୍ରବାଦୀ ଭାବନାରେ ଯୋଡିବା ପାଇଁ ବିଦ୍ୟାଳୟ ମାନଙ୍କରେ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ମାନ କରାଯିବା ନେଇ ଆଲୋଚନା କରା ଯାଇଥିଲା । ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟାପକ ମଣ୍ଟୁ ଜେନା,ସାହିତ୍ୟିକ ଚୈତନ୍ୟ ପ୍ରସାଦ ରାଉତ,ଶିକ୍ଷାବିତ୍ ଡଃ.ସନ୍ତୋଷ କୁମାର ପଣ୍ଡା,ବ୍ୟଙ୍ଗ କବି ସୁଶିଲ କୁମାର ରାଉତ,ଇଂ.ସେବକ ଶ୍ରୀକାନ୍ତ,କବୀ ଗୀତାଞ୍ଜଳି ପୃଷ୍ଟି,ସାହିତ୍ୟିକା ବନିତା ପତି,ସାହିତ୍ୟିକ ଅରବିନ୍ଦ କର, ଶିକ୍ଷାବିତ୍ ଗୋବିନ୍ଦ କୁମାର ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । ଆଗାମୀ ଦିନ ମାନଙ୍କ ରେ ବିଭିନ୍ନ ସାମାଜିକ ଗଣ ମଧମ ଓ ପତ୍ରପତ୍ରିକା ମାନଙ୍କରେ ରାଷ୍ଟ୍ରବାଦୀ ଚିନ୍ତାଧାରାର ଲେଖାମାନ ପ୍ରକାଶିତ କରି ଏହାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା ।

## ମହନୀ ଉତ୍ସବ ରେ ଦୁଲକିଲା ବରଗଡ଼ ସହର



**ବରଗଡ଼ ୨୨/୪ (ନି.ପ୍ର):** ବରଗଡ଼ ସାଂସ୍କୃତିକ ଅନୁଷ୍ଠାନ ମହନୀ ପକ୍ଷରୁ ସ୍ଥାନୀୟ ବିଜୁପଟ୍ଟନାୟକ ଟାଉନ ହଲ ଠାରେ ମହନୀ ଉତ୍ସବ ପାଳିତ ହୋଇ ଯାଇଛି !ଏଥିରେ ୪ ବର୍ଷ ରୁ ୭ ବର୍ଷ ସବଜୁନିଅର,୮ ବର୍ଷ ରୁ ୧୩ ବର୍ଷ ଜୁନିଅର ଏବଂ ୧୪ ବର୍ଷ ରୁ ଉର୍ଦ୍ଧ୍ୱ ସିନିଅର ତିନୋଟି ବିଭାଗ ରେ ସମ୍ବଲ ପୁରୀ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ସଭାପତି ଶଙ୍କର ପଟ୍ଟନାୟକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଚନ୍ଦ୍ର ଶେଖର ବାଗ,ପୌର ପାଳିକା ଅଧକ୍ଷା କଳ୍ପନା ମାଝୀ,ସମାଜ ସେବୀ ସମୀର କୁମାର ସିଂ,ଓ ଗୌମାୟା ପେଣ୍ଟର୍ସ ର ମେନେଜିଙ୍ଗ ଡାଇରେକ୍ଟର ଦୂର୍ଗା ପ୍ରିୟଦର୍ଶିନୀ ଯୋଗ ଦେଇ ଏହିଭଳି କାର୍ଯ୍ୟକ୍ରମ କରାଗଲେ କଳାର ସହର ବରଗଡ଼ ରେ ଆହୁରି ଅନେକ କଳାକାର ସୃଷ୍ଟି ହୋଇ ଶଙ୍କର ପଟ୍ଟନାୟକ ଙ୍କ ଭଳି ବରଗଡ଼ ର ମାନ ସମ୍ମାନକୁ ଆହୁରି ଉଚ୍ଚ କୁ ନେଇ ପାରିବେ ବୋଲି ମଞ୍ଚାସିନ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଏହି ଅବସରରେ ଉତ୍କୃଷ୍ଟ କଳାକାର ଭାବେ ଶୁଗ୍ରିବର ବିଶି ଓ ଲକ୍ଷ୍ମୀ ଖମାରୀ ଙ୍କୁ ମାନପତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇ ଥିଲା ।ରାମ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ଡ.ଡୋଳାମଣୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡାବୁଗାଁ ରେ ବିଦ୍ୟୁତ କାଟ ହେଲେ ଅନ୍ଧାରରେ ରହୁଛି ଥାନା




ନବରଂଗପୁର ୨୨/୪ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଅଧୀନ ଡାବୁଗାଁ ଥାନା ଅଞ୍ଚଳରେ ବିଦ୍ୟୁତ କାଟ ହେଲେ ଅନ୍ଧକାରରେ ରହୁଛି ଥାନା । ବିନା ବିଦ୍ୟୁତ ଆଲୁଅରେ କାର୍ଯ୍ୟ କରୁଛନ୍ତି କର୍ମଚାରୀ । ବିଭାଗକୁ ଜଣାଇବା ପରେ ବି ହେଉନି ମରାମତି । ଦୀର୍ଘ ଦିନ ଧରି ଥାନା ର ଇନଭର୍ଟର ମରାମତି ହେଉନଥିବାରୁ ଏପରି ଅବସ୍ଥା ହୋଇଥିବା ଦେଖିବାକୁ ମିଳିଛି । ବର୍ତମାନ ସମସ୍ତ କାର୍ଯ୍ୟ କମ୍ପ୍ୟୁଟରୀକରଣ ସହ ଅନଲାଇନରେ ହେଉଥିବା ବେଳେ କର୍ମଚାରୀ ମାନଙ୍କୁ ଏଥି ଲାଗି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । କାଳ ବୈଶାଖୀ ଯୋଗୁଁ ପ୍ରାୟ ଦିନ ବର୍ଷା ପ୍ୱନ ଦେଖି ବିଦ୍ୟୁତ କାଟ କରାଯାଉଛି । ବିଦ୍ୟୁତ ନ ଥିଲେ ଥାନାର କୌଣସି କାର୍ଯ୍ୟ ହୋଇପାରୁନଥିବା ବେଳେ ଥାନାକୁ ଯାଉଥିବା ଲୋକ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବର୍ତ୍ତମାନ କାଳ ବୈଶାଖୀ କାରଣରୁ ପ୍ରତିଦିନ ସନ୍ଧ୍ୟାରେ ବିଦ୍ୟୁତ କଟିଯାଉଥିବାରୁ ଥାନା ଅନ୍ଧକାରରେ ରହୁଛି । ବିଭିନ୍ନ କାରଣରୁ ଅଭିଯୋଗ ନେଇ ଥାନାକୁ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, କାରଣ ଥାନାର ବାମ ପଟକୁ ଲାଗି ଜଙ୍ଗଲ ଏବଂ ଡାହାଣ ଓ ପଛ ପଟେ ରହିଛି ଚାଷ ଜମି ସେଠାରୁ ବିଷାକ୍ତ ସାପ ମଧ୍ୟ ଥାନା ପରିସରକୁ ଚାଲି ଆସୁଛନ୍ତି । ଯାହାକି ଥାନା ପରିସର ଅନ୍ଧାର ରହୁଥିବାରୁ ଲୋକଙ୍କୁ ସାପ ଙ୍କ ଭୟ ମଧ୍ୟ ରହୁଛି । ଏନେଇ ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପାତ୍ରଙ୍କୁ ପଚାରିବାରୁ ଏନେଇ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି । ତେବେ କେବେ ଏହାର ସମାଧାନ ହେବ, ଲୋକେ ଥାନାକୁ ଆସିବା ବିପଦ ମୁକ୍ତ ହେବେ, ତାହା ଦେଖିବାକୁ ବାକି ରହିଲା ।

## ଅତିରିକ୍ତ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ବରଗଡ଼ ୨୨/୪ (ନି.ପ୍ର): ବରଗଡ଼ ଜିଲ୍ଲା ବରପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଶ୍ରୀମତୀ ସାହୁଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା,ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ,ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପଦାରବିନ୍ଦ ତ୍ରିପାଠୀ,ବର ପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମାର ଏବଂ ବ୍ଲକ ଅଧ୍ୟକ୍ଷା ରୀନା ଥଇତ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।ସୂଚନାଯୋଗ୍ୟକି,ଶିବିରରେ ଜଳସେଚନ,ବିଦ୍ୟୁତ୍ ଯୋଗାଣ,ପାନୀୟ ଜଳ ଯୋଗାଣ,ରାସନ କାର୍ଡ,ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା,ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୪୧ ଗୋଟି ଅଭିଯୋଗ ମଧ୍ୟରୁ ୨୦ ଗୋଟି ବ୍ୟକ୍ତି ଗତ,୨୧ ଗୋଟି ସାମୁହିକ ଅଭିଯୋଗ ଏବଂ ଶୁଣାଣି ସମୟରେ ସେଥିମଧ୍ୟରୁ ୧ ଗୋଟି ଅଭିଯୋଗର ତତକ୍ଷଣାତ ସମାଧାନ କରି ଅନ୍ୟ ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଦୁଷ୍କର୍ମ ପୀଡିତାଙ୍କ ପରିବାରକୁ ଭେଟିଲେ ବିଧାୟିକା ସୋଫିଆ ଓ ଟିମ



ଓଡ଼ାପଡ଼ା/ହିନ୍ଦୋଳ୨୨/୪ (ନି.ପ୍ର): ହିନ୍ଦୋଳ ଉପଖଣ୍ଡରେ ଦୁଇ ଦିନ ତଳେ ଦୁଷ୍କର୍ମ ଶିକାର ନାବାଳିକା ଶିଶୁର ପରିବାରକୁ ଆଜି ଭେଟିଛନ୍ତି କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ । ବରିଷ୍ଠ କଂଗେସ ନେତା ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷ, ପୂର୍ବତନ ବିଧାୟକ ସୁଜିତ ପାଢ଼ୀ, ଜିଲ୍ଲା ସଭାପତି ସୁନୀଲ ଦାସ,ଛବିରାଜ ବିଶ୍ୱାଳ,ସତ୍ୟଜିତ ଗମାଙ୍ଗ,ଗୋବର୍ଦ୍ଧନ ଶେଖର ନାଏକ,ରାଜ୍ୟ ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ବେହେରା, ଗିରିବାଳା ବେହେରା, ଲିପିକା ମାଝୀ ପ୍ରମୁଖ ବରିଷ୍ଠନେତା ଆଜି ହିନ୍ଦୋଳରେ ପୀଡିତାଙ୍କ ପରିବାରକୁ ଭେଟି ସମସ୍ତ ଘଟଣା ଅବଲୋକନ କରି ସମବେଦନା ଜଣାଇବାସହ ଦଶହଜାର ଟଙ୍କା ଆର୍ଥିକ ସହାୟତା ଦେଇଥିଲେ । ଏଥିସହ ସ୍ଥାନୀୟ ପୋଲିସସହ ଆଲୋଚନା କରିବାସହ ଅନୁଗୋଳ ଡାକ୍ତରଖାନରେ ପୀଡିତା ଶିଶୁକୁ ଭେଟିଥିଲେ । ତେବେ କଂଗ୍ରେସ ନେତୃମଣ୍ଡଳୀ ରାଜ୍ୟସରକାରଙ୍କ ଉପରେ ବର୍ଷୀବାସହ କହିଥିଲେ ହିନ୍ଦୋଳ ଉପଖଣ୍ଡରେ ଦିନକୁଦିନ ଅପରାଧ ବଢ଼ିବାରେ ଲାଗିଛି, ରାଜ୍ୟରେ ସରକାର ମହିଳା ଓ ଶିଶୁ ନିର୍ଯ୍ୟାତନା ରୋକିବାରେ ବିଫଳ ହେବାସହ ଅପରାଧୀଙ୍କୁ ଘଷ୍ଟଘୋଡାଇବାକୁ ଚେଷ୍ଟା କରୁଛନ୍ତି ଯାହାକୁ କଂଗ୍ରେସ ବରଦାସ୍ତ ନକରି ରାଜରାସ୍ତାକୁ ଓହ୍ଲାଇ ନ୍ୟାୟପାଇଁ । ତେବେ ହିନ୍ଦୋଳ ଘଟଣାରେ କାହିଁକି ଢେଙ୍କାନାଳଜିଲ୍ଲା ହସ୍ପିଟାଲରେ ପୀଡିତାକୁ ଚିକିତ୍ସା ନକରାଇ ଅନଗୁଳରେ କରାଗଲା, କାହିଁକି ତୁରନ୍ତ ଏଫଆଇଆର କରାନଯାଇ ଚିକିତ୍ସାପରେ କରାଗଲା ବୋଲି ପ୍ରଶ୍ନ କରିଛି ଟିମ ।ତେବେ ମୋଟଙ୍ଗା ଥାନା,ଦାଲୋ ଅଞ୍ଚଳର ଅଭିଯୁକ୍ତ ଶିବରାମ ସାହୁ ଶାଳୀକୁ ଦୁଷ୍କର୍ମ ଅଭିଯୋଗରେ ୩ବର୍ଷ ଜେଲ ଯାଇଥିବା ଓ ଅନେକ ଅପରାଧିକ ମାମଲା ଥିବା ଅଭ୍ୟାସଗତ ଅପରାଧୀ ବୋଲି ଜଣାପଡିବା ସହ ତାକୁ କଠୋର ପୋକ୍ସ ଆଇନ ଲଗାଇ ଦଣ୍ଡବିଧାନ, ପୀଡିତାର ଉପଯୁକ୍ତ ଚିକିତ୍ସା,ତାର ଶ୍ରମିକ ପରିବାରକୁ ଥଇଥାନ, କ୍ଷତିପୂରଣ ଓ ସୁରକ୍ଷା ଦାବି କରିଛନ୍ତି କଂଗ୍ରେସ ନେତୃମଣ୍ଡଳୀ । ହିନ୍ଦୋଳ ଜନସାଧାରଣ ମଧ୍ୟ ଦୋଷୀକୁ ଦୃଷ୍ଟାନ୍ତମୂଳକ କଠୋର ଦଣ୍ଡବିଧାନ ସହ ପରିବାର ଥଇଥାନପାଇଁ ରାଜ୍ୟସରକାର, ମହିଳା ଶିଶୁକଲ୍ୟାଣ କମିଶନ, ମାନବାଧିକାର କମିଶନ,ମୁଖ୍ୟମନ୍ତ୍ରୀ,ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ।

# ଠିକାଦାର କରୁ ନାହାନ୍ତି ଠିକ୍ କାମ

## ପୂର୍ତ୍ତ ବିଭାଗ ରାସ୍ତା କାମରେ ବ୍ୟବହାର ହେଉଛି ଅଞ୍ଚଳର କଳା ବାଲି



ତେନ୍ତୁଳିଖୁଣ୍ଟି ୨୨/୪ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ମାଝିଗୁଡ଼ା ଛକ ଠାରୁ ଇନ୍ଦ୍ରାବତୀ ଖାତିଗୁଡା ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପାଦନ ପାଇଁ ପୂର୍ତ୍ତ ବିଭାଗ ତରଫରୁ ଟେଣ୍ଡର ପ୍ରକ୍ରିୟା ସରି କାର୍ଯ୍ୟ ଆରମ୍ଭ ହୋଇଛି ।ଏହି କାର୍ଯ୍ୟର ଅଟକଳ ପ୍ରାୟ ୩୮ କୋଟି ଟଙ୍କାର ହୋଇଥିବା ବେଳେ ଯେଉଁ ଠିକାଦାର କରୁଥିବା କାର୍ଯ୍ୟ ର ମାନ ଉପରେ ଏବେ ସାଧାରଣ ଲୋକ ଙ୍କ ଅଭିଯୋଗ । କାର୍ଯ୍ୟରେ ଉଚିତ ମାନରବାଲି ବଦଳେ ବ୍ୟବହୃତ ହେଉଛି ଅଞ୍ଚଳ ର କଳା ପଥର ବାଲି ଯାହାକି ସରକାରୀ ଆବାସ ଯୋଜନାରେ ଏହି ବାଲି ମନା ହୋଇଥିବା ବେଳେ । ପୂର୍ତ୍ତବିଭାଗ କାର୍ଯ୍ୟ ରେ ନିଯୋଜିତ ଠିକା ସଂସ୍ଥା ସ୍ଥାନୀୟ ଲୋକ ପ୍ରତିନିଧି ହେଉ ବା ଅଞ୍ଚଳ ବୁଦ୍ଧି ଜୀବୀ ଙ୍କ ଅଭିଯୋଗ ବୃକ୍ଷେପ ନକରି ଇଚ୍ଛା ମୁତାବକ କୁକୁଡା ବାଇ ଗ୍ରାମ ଛକରେ ଗାର୍ଡ ୱାଲ ଓ ବ୍ରିଜ କାର୍ଯ୍ୟ । ସମ୍ପୃକ୍ତ ଠିକାଦାର ଙ୍କ ବେଚିଂ ପ୍ଲାଣ୍ଟ ମେଣ୍ଟ୍ରି ମୁଖ୍ୟ ରାସ୍ତା କଡରେ ରହିଥିବା ବେଳେ ଷ୍ଟକୟାର୍ଡ ରେ ଲୋକାଲ କଳା ବାଲି କଂକ୍ରିଟ ରେ ବ୍ୟବହାର କରାଯାଉଛି ।ଏହି ରାସ୍ତାରେ ନିର୍ମାଣାଧୀନ କଲଭର୍ଟ ଗୁଡିକରେ ସେହି କଂକ୍ରିଟ ଢଳାଇ କରାଯାଉଥିବା ଅଭିଯୋଗ ହୋଇଛି ।ଏଭଳି ସ୍ଥିତିରେ ମୁଖ୍ୟ ରାସ୍ତାରେ ଅହରହ ଲୋକପ୍ରତିନିଧି, ପ୍ରଶାସନିକ ଅଧିକାରୀ ପ୍ରାୟତଃ ଯିବାଆସିବା କରୁଥିଲେ ମଧ୍ୟ ଠିକା ସଂସ୍ଥା ନିମ୍ନ ମାନର ବାଲି ବ୍ୟବହାର କରିବା ତାର ବେପରୁଆ ମନୋଭାବ କୁ ସୂଚିତ କରୁଛି । ଏହି ରାସ୍ତା ନିମ୍ନ ମାନର କାର୍ଯ୍ୟ ଉପରେ କାହିଁକି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ସମ୍ପୃକ୍ତ ଠିକା ସଂସ୍ଥା ର ପ୍ରକଳ୍ପ ଅଧିକାରୀ ଙ୍କୁ ଟେଲିଫୋନ ରେ ଯୋଗାଯୋଗ କରି ବାରମ୍ଵାର ଚେଷ୍ଟା କଲେ ମଧ୍ୟ ସୁଫଳ ମିଳି ପାରି ନଥିବା ଜଣାପଡିଛି । ଏଥି ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା କୁ ସାଧାରଣରେ ଦାବି ହେଉଛି ।

## ଜାମଦା ଆଇସିଡ଼ିଏସ୍ ରେ ପ୍ରକଳ୍ପ ସ୍ତରୀୟ ପୋଷଣ ପକ୍ଷ ଅନୁଷ୍ଠିତ

ମୟୂରଭଞ୍ଜ ୨୨/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ଆଇସିଡ଼ିଏସ୍ ଆନୁକୂଲ୍ୟରେ ଥିବା ୫ଗୋଟି ସେକ୍ଟରକୁ ନେଇ 'ପ୍ରକଳ୍ପ ସ୍ତରୀୟ ପୋଷଣ ପକ୍ଷ-୨୦୨୫' ଜାମଦା ସିଡ଼ିପିଓ ଜ୍ୟୋତିରେଖା ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପିଏଚ୍ଇଓ ଜାମଦା ଆର୍ଶୁ ହେମ୍ବ୍ରମ ଯୋଗଦେଇଥିଲେ ।ଏଥିରେ ରେସିପ୍ ପ୍ରତିଯୋଗିତା ଏବଂ ରଲ୍ ପ୍ଲେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା ।ପ୍ରତ୍ୟେକ ସେକ୍ଟରରୁ ୧୦ ଜଣ ଲେଖାଏଁ ଅଙ୍ଗନୱାଡ଼ି କର୍ମୀ(ପ୍ରତିଯୋଗୀ) ଅଂଶ ଗ୍ରହଣ କରି ବିଭିନ୍ନ କିସମର ବିଭିନ୍ନ କିସମର ଖାଦ୍ୟ ପନିପରିବା ପ୍ରଦର୍ଶନ କରିଥିଲେ ଏବଂ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।ଏଥିରେ ବିପିସି ଗଜେନ୍ଦ୍ର ମଲ୍ଲିକ,ସେକ୍ଟର ସୁପରଭାଇଜର ଶକୁନ୍ତଳା ବେହେରା,ଦେବଶ୍ରୀ ମଣ୍ଡଳ,ୟୁଏସ୍ଆଇ ସଂଗଠକ ପିକେ ଶତପଥୀ,ମନୋଜ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ ।

## ଆକ୍ରମଣ ସହ ହତ୍ୟା ଧମକ, ଥାନାରେ ଏତଲା

ହିଞ୍ଜିଳିକାଟୁ ୨୨/୪ (ନି.ପ୍ର): କୌଣସି କାରଣରୁ ଗ୍ରାମର ୨ ଯୁବକ ମାରପିଟ୍ ହେଉଥିବା ବେଳେବେଳେ ଉଭୟଙ୍କୁ ବୁଝାସୁଝା କରିବା ବେଳେ ଉତ୍ୟକ୍ତ ଯୁବକ ଓ ତାଙ୍କ ବାପା ମିଶି ବୁଝାସୁଝା କରୁଥିବା ଯୁବକଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେବା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି । ଏଭଳି ଏକ ଘଟଣା ଶନିବାର ହିଞ୍ଜିଳି ଥାନା ରାଳବ ଗ୍ରାମରେ ଘଟିଛି । ଅଭିଯୋଗ ପ୍ରକାରେ, ଶନିବାର ଅପରାହ୍ଣରେ ହିଞ୍ଜିଳି ଥାନା ରାଳବ ଗ୍ରାମର ୨ ଯୁବକ ଶିବଶଙ୍କର ବରଡ ଓ ଓମ୍ ବରଡଙ୍କ ମଧ୍ୟରେ ଗ୍ରାମ ଦାଣ୍ଡରେ ଗଣ୍ଡଗୋଳ ଚାଲିଥିଲା । ସଂପୃକ୍ତ ଗ୍ରାମର ବୁଲୁ ପ୍ରଧାନ ଘଟଣା ସ୍ଥଳକୁ ଆସି ଉଭୟଙ୍କୁ ଗଣ୍ଡଗୋଳ ନକରିବା ପାଇଁ ବୁଝାସୁଝା କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଓମ୍ ବରଡ ଓ ତାଙ୍କ ବାପା ଭୀମ ବରଡ ମିଶି ହଠାତ୍ ବୁଲୁଙ୍କୁ ତୁମେ କାହିଁକି ଏଥିରେ ହସ୍ତକ୍ଷେପ କରୁଛ ବୋଲି କହିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ? ଆକ୍ରମଣରେ ବୁଲୁ ଆହତ ହୋଇ ଘଟଣା ସ୍ଥଳରୁ ଖସି ଘରକୁ ଫେରି ଆସିଥିଲେ । ଶନିବାର ରାତିରେ ଓମ୍, ତାଙ୍କ ବାପା ଭୀମ ଓ ସହଯୋଗୀ ସୁଧିର ପାଣ୍ଡି ବୁଲୁଙ୍କ ଘରକୁ ଆସି କବାଟ ଖୋଲିବାକୁ କହିଥିଲେ । ? ବୁଲୁଙ୍କ ସମ୍ପର୍କୀୟ ଝୁଲଣା ସାହୁ ଓ ତାଙ୍କ ସ୍ୱାମୀ ସଞ୍ଜୟ ସାହୁ କବାଟ ଖୋଲି ଘଟଣା ସମ୍ପର୍କରେ ପଚାରିବାରୁ ୩ ଜଣ ମିଳି ମହିଳାଙ୍କୁ ଟଣାଓଟରା କରିବା ସହ ସଞ୍ଜୟଙ୍କୁ ଏକ ଶାବଳରେ ଆକ୍ରମଣ କରିଥିଲେ । ଘଟଣା ନେଇ ଥାନାରେ ଅଭିଯୋଗ କଲେ ହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ବୁଲୁଙ୍କ ସ୍ତ୍ରୀ ଝିଲି ପ୍ରଧାନ ରବିବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ- ୩୨୦/୨୫ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ । ଅନ୍ୟପକ୍ଷରେ ଘଟଣାକୁ କେନ୍ଦ୍ର କରି ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆଠମଲ୍ଲିକ ୨୨/୪ (ନି.ପ୍ର): ଆଠମଲ୍ଲିକ ସହର ର କଲ୍ୟାଣୀ ମଣ୍ଡପ ପରିସରରେ ବିଧାନସଭା ସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ ଗତ ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଅଛି । ଏହି ସଭାରେ ସଂଗଠନ କୁ ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ କରିବା ପାଇଁ କର୍ମୀ ମାନଙ୍କୁ ଆହ୍ୱାନ ଦିଆଯାଇଥିଲା ଏବଂ ପ୍ରଧାନ ମନ୍ତ୍ରୀଙ୍କର ନେତୃତ୍ୱ ରେ ବିକଶିତ ଭାରତ ପଦଯାତ୍ରା ସମ୍ପର୍କ ରେ ଆଲୋଚନା କରାଯାଇଥିଲା ।ଏହି ବୈଠକ ରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ କାର୍ଯ୍ୟକ୍ରମ ରେ ଦିନିକିଆ ପଶ୍ଚିମ ଓଡିଶା ଗସ୍ତ ରେ ଆସି ରାତିରେ ଆଠମଲ୍ଲିକ ରେ ପହଂଚି ଥିଲେ କ୍ଷ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିଆ କଟା ଠାରୁ ଦଳୀୟ କର୍ମୀ ସ୍ୱାଗତ କରି ଆଠମଲ୍ଲିକ ସହର କୁ ପାଛୋଟି ଆଣିଥିଲେ । ବିଜେପି ତରଫରୁ ସହର ସ୍ଥିତ କଲ୍ୟାଣୀ ମଣ୍ଡପ ପରିସରରେ ମନ୍ତ୍ରୀ ଙ୍କୁ ସ୍ୱତନ୍ତ୍ର ଭାବରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା କ୍ଷ ଏହି ସମ୍ବର୍ଦ୍ଧନା ସଭା ରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ,କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ଜିଲ୍ଲା ବିଜେପି ଉପସଭାପତି ଅର୍ଜୁନ ସାହୁ, କାଉନ ସିଲର ନୂତନ ବେହେରା,ନଗର ସଭାପତି ଶୈଳବାଳା ଅମାନ୍ତ, ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅର୍ଜୁନ ରାଉଳ, ବିଦ୍ୟୁତ ପାଣିଗ୍ରାହୀ,ସୁଶୀଳ ମହାକୁଡ଼,ଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ମହାନ ଜନ ନାୟକ ସ୍ୱର୍ଗତ ତ୍ରିଲୋଚନ କାନୁନଗୋଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ପାଳିତ



ନିଆଳୀ ୨୨/୪ (ନି.ପ୍ର): କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଅଡ଼ଶପୁର ସ୍ଥିତ ଓଡିଶା ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉଦୟନାଥ ସ୍ୱୟଂ ଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ସାଂସଦ ଜଗତସିଂହପୁର ର ସ୍ୱର୍ଗତ ତ୍ରିଲୋଚନ କାନୁନଗୋ ଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇ ଯାଇଛି ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଏବଂ ଦୀପ ଦାନ ଅନୁଷ୍ଠିତ ହୋଇଥିଲା ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ମହାନ୍ତି, ସ୍ୱର୍ଗତ କାନୁନଗୋ ଙ୍କୁ ସୁକନ୍ୟା ଇତିଶ୍ରୀ କାନୁନଗୋ, ସମାଜସେବୀ ସଞ୍ଜୟ ପାତ୍ର, ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ ଅର୍ଥନୀତି ବିଭାଗ ର ମୁଖ୍ୟ ପ୍ରଫେସର ଡ଼ କୃପାସିନ୍ଧୁ ପ୍ରଧାନ ଙ୍କ ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସମୂହ ଦିନ ଦାନ ଏବଂ ମାଲ୍ୟପୁଷ୍ପ ପ୍ରଦାନ କରିଥିଲେ ଏବଂ ଦ୍ୱିତୀୟ ଅଧିବେଶନ ରେ ଗ୍ୟାଲେରୀ ପରିସରରେ ଏକ ସ୍ମୃତି ସଭା ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ମହାନ୍ତି ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଥିଲା ମୁଖ୍ୟ ବକ୍ତା ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟ ର ଅବସର ପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ଡ଼ ଲମ୍ବୋଦର ପ୍ରସାଦ ସିଂହ ଯୋଗ ଦେଇ ସ୍ୱର୍ଗତ କାନୁନଗୋ ଙ୍କ ଉପରେ ସ୍ମୃତି ଚାରଣ କରିଥିଲେ, ଛାତ୍ର ଜୀବନ ରୁ ରାଜନୀତି ଏବଂ ରାଜନୀତି ରୁ ଶିକ୍ଷାବିତ୍ ଏକ ଲମ୍ବା ଯାତ୍ରା ରେ ଜଣେ ସଫଳ ଜନ ନାୟକ ହେଉଛନ୍ତି ଶ୍ରୀ କାନୁନଗୋ, କଟକ ନଗରପାଳ, ଗୋବିନ୍ଦପୁର ବିଧାୟକ, ଜଗତସିଂହପୁର ରୁ ସାଂସଦ ଏବଂ ରାଜ୍ୟ ଅର୍ଥ ନୀତି ଆୟୋଗ ଭଳି ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି, ସାଲିସ ବିହୀନ ରାଜନୀତି ଏବଂ ନିଜର ବିଚାର ଉପରେ ସେ ସବୁବେଳେ ସ୍ଥିର ଥିଲେ ତାଙ୍କୁ ଆମେ ହରାଇଛୁ ସତ ସେ ଆମ ପାଖରେ ସବୁବେଳେ ଅଛନ୍ତି ଆମେ ତାଙ୍କର ସ୍ୱପ୍ନ କୁ ସାକାର କରିବାକୁ ଆଗକୁ ନେବାକୁ ହେବ ବୋଲି ପ୍ରଫେସର ସିଂହ ମତ ପୋଷଣ କରିଥିଲେ, ଅନ୍ୟ ମାନ ମଧ୍ୟ ରେ ପ୍ରଫେସର ଦେବେନ୍ଦ୍ର ରାଉତ, ଡ଼ କୃପାସିନ୍ଧୁ ପ୍ରଧାନ, ପ୍ରଫେସର ଜିତେନ୍ଦ୍ର କୁମାର ଦଳାଇ, ମୁଖ୍ୟ ଗନ୍ଥାଗାରିକ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିଲେ ଏହି ସ୍ମୃତି ସଭା କୁ ପ୍ରଫେସର ଡ଼ ହିରଣ୍ୟ ମୟୀ ମିଶ୍ର ପରିଚାଳନା କରିଥିଲେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନେ ପୂର୍ଣ୍ଣ ସହଯୋଗ କରିଥିଲେ ସେପରି ଜାତୀୟ ସେବା ଯୋଜନା ଏବଂ ୟୁଥ ରେଡ କ୍ରସ ତରଫରୁ ଶ୍ରୀ କାନୁନଗୋ ଙ୍କ ସ୍ମୃତି ଉଦେଶ୍ୟରେ ଜଳଛତ୍ର ଆୟୋଜିତ ହୋଇଥିଲା ।

## ଗୁରୁକୂଳ ପକ୍ଷରୁ ମୂର୍ତ୍ତି ସଫେଇ ଦିବସ ପାଳିତ

ପାଟଣା ୨୨/୪ (ନି.ପ୍ର):ଘଟଗାଁ ବ୍ଲକ ଅନ୍ତର୍ଗତ ଗଦାଧରପୁର ନିକଟସ୍ଥ କୁଡ଼ଟାଙ୍ଗର ଠାରେ ଥିବା ଶ୍ରୀ ଗୁରୁକୁଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସୋମବାର ଦିନ ଆନ୍ତର୍ଜାତୀୟ ମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଖୁବ ଶୃଙ୍ଖଳାର ସହିତ ପାଳିତ ହୋଇଯାଇଛି । ମ୍ୟାନେଜିଂ ଟ୍ରଷ୍ଟୀ ସରୋଜ କୁମାର ସାହୁଙ୍କ ଦିଗଦର୍ଶନରେ ବିଦ୍ୟାଳୟରେ ବିଦ୍ୟାଳୟର ଅଧ୍ୟକ୍ଷା କିରଣବାଳା ସାହୁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା ହୋଇଥିବା ଅଗ୍ରପୂଜ୍ୟ ଗଣେଶଙ୍କର ପ୍ରତିମୂର୍ତ୍ତି ପରିଷ୍କାର ପରିଚ୍ଛନ୍ନ କରିବା ସଙ୍ଗେସଙ୍ଗେ ବିଧି ମତେ ପୁଷ୍ପମାଲ୍ୟ, ଧୂପ ଓ ଦୀପ ଅର୍ପଣ କରାଯାଇଥିଲା । ଏହାପରେ ବିଦ୍ୟାଳୟରେ ଥିବା ସମସ୍ତ ମହାପୁରୁଷଙ୍କ ଫଟୋଚିତ୍ର ସଫା କରଯାଇଥିଲା । ତତ୍ ପରେ ବିଦ୍ୟାଳୟର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଏହି ଦିବସର ଗୁରୁତ୍ୱ ଏବଂ ମହାପୁରୁଷ ମାନଙ୍କର ଅବଦାନ ଓ ମହାନତା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସମ୍ୟକ୍ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିକଟସ୍ଥ ଘଟଗାଁ ମା ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଥିବା ଘଟଗାଁ ଅଞ୍ଚଳର ସୁନାମଧନ୍ୟ ଲୋକନାୟକ ସ୍ୱର୍ଗତଃ ଭୀମସେନ ରାଉତଙ୍କ ପ୍ରତିମୂର୍ତ୍ତି କୁ ସ୍ନାନକରାଇବା ସହିତ ମୂର୍ତ୍ତିର ପରିସରକୁ ସଫା କରଯାଇ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା ।

## ପିଇବା ପାଣି ବୁନ୍ଦେ ପାଇଁ ରାଜ ରାସ୍ତାରେ ଲୋକ

### ଜଳ ଯୋଗାଣ ରେ କର ଲେଉଟି ପାରୁନି ବ୍ଲକ ଜଳ ଯୋଗାଣ ବିଭାଗ



ତେନ୍ତୁଳି ଖୁଣ୍ଟି ୨୨/୪ (ନି.ପ୍ର):ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ଅନ୍ତର ଗତ ପୂଜାରୀ ଗୁଡା ଗ୍ରାମ ଠାରେ ଦେଖା ଯାଇଛି ପାଣିର ସମସ୍ୟା , ଗ୍ରାମରେ ରହିଛି ବସୁଧା ଜଳ ଯୋଗାଣ ବ୍ୟବସ୍ଥା କିନ୍ତୁ ତାହା ଦୀର୍ଘ ଦିନ ହେଲା ଅକାମି ହୋଇ ରହିଛି , ଜଳ ଯୋଗାଣ ଅଧିକାରୀ ଙ୍କୁ ଏହି ବିଷୟ ଅବଗ କରା ଯାଇଥିଲା ଏହାର ଚିରୋ ସ୍ଥାୟୀ ବନ୍ଦ ବସ୍ତ ନକରି , ତାହାକୁ ମେଗା ଜଳ ଯୋଗାଣ ସହିତ କଥା ବାର୍ତ୍ତା କରି ପାଣି ଯୋଗାଇବାର ବନ୍ଦବସ୍ତ କରାଯାଇଥିଲା , କିନ୍ତୁ ତାହା ମଧ୍ୟ ଅଚଳ ହେବା ଯୋଗୁଁ ,ପୂଜାରୀ ଗୁଡା ର ଦୁଇ ନୁମ୍ବର ୱାର୍ଡ ର ବାସିନ୍ଦା ମାନେ ପିଇବାର ପାଣି ପାଇ ହନ୍ତ ସନ୍ତ ହୋଇ ହତାସ ହୋଇ ଆଜି ମହିଳା ମାନେ ହାଣ୍ଡି,ମାଟିଆ.ଗୁଡିକ ଧରି ମୁଖ୍ୟ ରାସ୍ତା କୁ ଅବରୋଧ କରିଥିଲେ. ଏହା ଶୁଣି ତେନ୍ତୁଳୀଖୁଣ୍ଟି ଥାନା ଅଧିକାରୀ ଶ୍ରୀ ପ୍ରଣବ କୁମାର ଟୁଡୁ ଙ୍କ ନେତୃତ୍ୱ ରେ ପୋଲିସ କୋର୍ମକର୍ତ୍ତା ଆସି ବୁଝା ଶୁଝା କରି ମୁଖ୍ୟ ରାସ୍ତା ରୁ ଲୋକଙ୍କୁ ହଟାଏଇ ଏହାର ସମାଧାନ ପାଇ ଚେଷ୍ଟା କରି ଥିଲେ, ଓ ଗୋଷ୍ଟି ଉନୟନ ଅଧିକାରୀଙ୍କୁ ଅବଗତ କରାଯାଥିଲା , ଗୋଷ୍ଟି ଉନୟନ ଅଧିକାରୀ ଶ୍ରୀ ମୋନଜ କୁମାର ପାଣିଗ୍ରାହୀ ଶୁଣିବା ସଙ୍ଗେ ସଙ୍ଗେ ଜଳ ଯୋଗାଣ ଅଧିକାରୀ ଜେଇ ସନ୍ତୋଷ ପଠାଇ ଥିଲେ ଅଶାନ୍ତ ଜନତା ଦୁଇ ଦିନ ମଧ୍ୟ ରେ ଅଚଳ ହୋଇ ରହିଥିବା ଟ୍ୟାଙ୍କ ଓ ନଳ କୂପ ଗୁଡିକ କୁ ମରାମତି କରି ଜଳ ଯୋଗାଣ କର୍ବି ପାଇ ପ୍ରତିଶ୍ରୁତି ଦେଇ ବର୍ତ୍ତମାନ ଲୋକଙ୍କ ସୁବିଧା ପାଇ ପାଣି ଆଣି ଟ୍ୟାକ ମାଧରେ ସାହିରେ ଜଳ ଯୋଗାଇ ଥିବାରୁ ସାହି ବାସିନ୍ଦା ଶାନ୍ତ ପରିବେଶରେ ରହି ଥିବାର ଦେଖିବା କୁ ମିଳିଥିଲା.ବର୍ତ୍ତମାନ ବାକି ରହିଲା ଏହାର ପ୍ରତିଶ୍ରୁତି କେବେ ହେଉଛି ପୂରଣ ।

## ଡ୍ରେନ ନିର୍ମାଣ କାମ ନିମ୍ନ ମାନର ଅଭିଯୋଗ



ପାଟଣା ୨୨/୪ (ନି.ପ୍ର): ସାହାରପଡା ଠାରୁ କେନ୍ଦୁଝର କୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ତିଆରି କାମ ଆଜକୁ ପାଞ୍ଚ ବର୍ଷ ହେଲାଣି ଚାଲିଛି । ଦୁଇ ବର୍ଷ ତଳେ ଜଣେ ଠିକାଦାର କାମ ଅଧା କରି ଛାଡି ଚାଲି ଯାଇଥିଲେ । ପୁଣି ଦୁଇ ବର୍ଷ ପରେ ନୂତନ ଠିକାଦାର ନିଯୁକ୍ତ କରି ବାକିଆ କାମ କରା ଯାଉଛି । ବିଲା ଛକ ରେ ରାସ୍ତା କଡ ରେ ଡ୍ରେନ ତିଆରି ହେଉଛି । ଶହେ ମିଟର ଡ୍ରେନ କୁ ଦୁଇ ମାସ ସମୟ ଲାଗିଲାଣି କିନ୍ତୁ କାମ ସରୁ ନାହିଁ । ଠିକାଦାର ନିଜ ଇଛା ରେ କାମ କରୁଛନ୍ତି । କାମ ପୁଣି ଏତେ ନିମ୍ନ ମାନର ଯେ ଏହା ଅଳ୍ପ ଦିନରେ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି । କିଛି ସ୍ଥାନରେ କଂକ୍ରିଟ ଖସି ଯାଇଥିବାରୁ ସେ ସ୍ଥାନରେ ପୁନର୍ବାରକାମ ନକରି ହାତରେ କିଛି ସିମେଣ୍ଟ ଗୋଳା ଚିପ୍ସ କୁ ହାତ ରେ ଘଷି ଦିଆଯାଉଛି । ଗୋଟିଏ ପାଣି ମାଡ଼ରେ ଡ୍ରେନ ଟି ଭୁଶୁଡି ପଡ଼ିବ ବୋଲି ଲୋକେ ଅଭିଯୋଗ କରିଛନ୍ତି । କାମ ଟିକୁ ବିଭାଗୀୟ ଅଧିକାରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଠିକ ଭାବରେ କରାଯାଉ ବୋଲି ସ୍ଥାନୀୟ ଅଧିବାସୀ ମତ ରଖିଛନ୍ତି ।

## ଘଟଗାଁ ବ୍ଲକ ପ୍ରଶାସନ ତରଫରୁ ସମ୍ପର୍କ ଶିବିର ଶୁଭାରମ୍ଭ

ପାଟଣା ୨୨/୪ (ନି.ପ୍ର): ଆଜିଠାରୁ ଘଟଗାଁ ବ୍ଲକ ପ୍ରଶାସନ ସୌଜନ୍ୟରୁ ବିଭିନ୍ନ ଗ୍ରାମପଞ୍ଚାୟତରେ ସମ୍ପର୍କ ଶିବିର ଆରମ୍ଭ କରାଯାଇଛି । ଏନେଇ ପ୍ରଥମ ପର୍ଯ୍ୟାୟର କାର୍ଯ୍ୟକ୍ରମ ସ୍ୱରୂପ ବଡ଼ଜାମୁପଶି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆଜି ସକାଳ ୮ ଘଟିକା ସମୟରେ ବ୍ଲକ ସ୍ତରୀୟ ଅଧିକାରୀ ଓ ଗ୍ରାମପଞ୍ଚାୟତ ସ୍ତରୀୟ ଅଧିକାରୀଙ୍କ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଡ଼ିଓ ଖଗେଶ୍ୱର ବରାଳ, ସରପଞ୍ଚ ଯମୁନା ମୁଣ୍ଡା, ଯୋଗାଣ ଅଧିକାରୀ ଭାସ୍କର ଚନ୍ଦ୍ର ବାରିକ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିପିନ ଚନ୍ଦ୍ର ଖଣ୍ଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ତାରିଣୀ ପଟ୍ଟନାୟକ, ଏଡିଇଓ କେଦାରନାଥ ସେଠୀ ଓ ବ୍ଲକ ଗ୍ରାମୀଣ ଆବାସ ସହାୟକ ଦୟସାଗର ମହାନ୍ତ ପ୍ରମୁଖ ଜନସାଧାରଣଙ୍କ ସହ ଯୋଡି ହେଇ ସେମାନଙ୍କ ଅଭାବ ଅସୁବିଧାକୁ ପଚାରି ବୁଝିଥିଲେ । ବିଭିନ୍ନ ସରକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ସଫଳ ରୂପେ କାର୍ଯ୍ୟକାରୀ ହେଉଛି କି ନା ସେ ବିଷୟରେ ବିଡ଼ିଓ ଶ୍ରୀ ବରାଳ ଅନୁଧ୍ୟାନ କରିବା ସହ ଅନ୍ୟୁନ ୪୨ ଗୋଟି ଅଭିଯୋଗର ଆଶୁ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମ ପାଇଁ ଲୋକଙ୍କ ଭିତରେ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ବ୍ଲକ ପ୍ରଶାସନର ଏତାଦୃଶ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ସେମାନେ ପ୍ରଶଂସା କରିଥିବା ଜଣାଯାଇଛି । ସରକାରୀ ଅଧିକାରୀ ଓ ପଞ୍ଚାୟତିରାଜ ପ୍ରତିନିଧିଙ୍କ ବ୍ୟତୀତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଅନ୍ୟାନ୍ୟ ଜନସାଧାରଣ ଉପସ୍ଥିତ ଥିଲେ । ଜନସାଧାରଣଙ୍କୁ ସରକାରଙ୍କର ମହତ୍ତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ବିବେଚନା କରିବା ସହ ବିନା ଦ୍ୱିଧାରେ ସେମାନେ ଗ୍ରାମପଞ୍ଚାୟତ ଓ ବ୍ଲକରେ ସେମାନଙ୍କ ସୁବିଧା ଅସୁବିଧା ବା ଆପତ୍ତି ଅଭିଯୋଗ ରଖିପାରିବେ ବୋଲି ବିଡ଼ିଓ ଶ୍ରୀ ବରାଳ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଏଭଳି ଜନସାଧାରଣଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ସେମାନଙ୍କ ସମସ୍ୟାର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ ପାଇଁ ବ୍ଲକ ପ୍ରଶାସନ ପ୍ରୟାସ ଜାରି ରଖିବାକୁ ଗ୍ରାମପଞ୍ଚାୟତ ସ୍ତରୀୟ ସମ୍ପର୍କ ଶିବିର ଆୟୋଜନ କରାହେବା ସହ ପରେପରେ ଗାଁ ସ୍ତରୀୟ ସମ୍ପର୍କ ଶିବିର ଆୟୋଜନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ ।

# ପୁଲିସ ଜାଲରେ ୫ ଜଣିଆ ଡକାୟତ ଗ୍ୟାଙ୍ଗ୍

## ଲୁଟି ନେଇଥିବା ଲକ୍ଷେ ଟଙ୍କା ସହ ଦାମିକା କାର୍ ଓ ଅସ୍ତ୍ରଶସ୍ତ୍ର ଜବତ



ବାଲିଗୁଡା ୨୨/୪ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ଥାନା ଜଳେଶପଟ୍ଟା ପୋଲ ନିକଟରେ ରବିବାର ଭୋର୍ ୩ଟାରେ ଏକ ବଡ଼ଧରଣର ଡକାୟତି ହୋଇଥିଲା । ତେବେ ତୁମୁଡ଼ିବନ୍ଧ ପୁଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ୫ଜଣିଆ ଡକାୟତ ଗ୍ୟାଙ୍ଗ୍ ?କୁ କାବୁ କରିବାରେ ସଫଳ ହୋଇଛି । ସେମାନେ ହେଲେ ସାରଙ୍ଗଗଡ଼ ଥାନା ଗଣ୍ଡ୍ରିଗାଁର ରଞ୍ଜନ ପ୍ରଧାନ (୨୫), ବାଲିଗୁଡ଼ା ନୂଆସାହିର ସୁଧାଂଶୁ ବାଗ୍ (୨୩), ପ୍ରତୀକ ହଂସ (୨୨), ସଂଗ୍ରାମ ପାତ୍ର (୨୧) ଏବଂ ବାରଖମା ନିକଟ ତଗାକିଆର ଗୌର ଗୌଡ଼ (୨୦) । ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ବେଳେ ସେମାନଙ୍କଠୁ ଲୁଟ୍ ହୋଇଥିବା ୧ ଲକ୍ଷ ଟଙ୍କା ଓ ୨୧.୫ ଲକ୍ଷ ଟଙ୍କା ମୂଲ୍ୟର ଦାମିକା କ୍ରେଟା କାର୍ ଏବଂ ଗୋଟିଏ ବନ୍ଧୁକ, ଗୋଟିଏ ରାଇଫଲ୍, ଦୁଇଟି କାତି, ୫ଟି ମୋବାଇଲ୍ ଓ ୫ଟି କଳାମୁଖା ଜବତ ହୋଇଛି । ଏନେଇ ତୁମୁଡ଼ିବନ୍ଧ ଥାନାରେ କେସ୍ ନମ୍ବର ୪୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ବାଲିଗୁଡ଼ା ଏସଡିପିଓ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି । ସୂଚନା ପ୍ରକାରେ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ଅଞ୍ଚଳର ବିଜୟ କୁମାର ମିଶ୍ର (୩୫) ତାଙ୍କ କାର୍ (କ୍ରେଟା)ରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଯାଉଥିଲେ । ରବିବାର ଭୋର୍ ୩ଟା ବେଳେ ତାଙ୍କ କା ?କୁ ଏକ ଏକ୍ସୟୁଭି କାର୍ ପିଛା କରିଥିଲା । ତୁମୁଡ଼ିବନ୍ଧ ଥାନା ଜଳେଶପଟ୍ଟା ପୋଲ ନିକଟରେ ଡକାୟତ ଦଳ ତାଙ୍କ କାର୍ ଆଗରେ ହଠାତ୍ ଗାଡ଼ି ରଖି ବାଗ୍ ଅଟକାଇଥିଲେ । ଡ୍ରାଇଭର୍ ପ୍ରଦୀପ (୩୩)ଙ୍କ ମୁଣ୍ଡରେ ବନ୍ଧୁକ ରଖି ଭୟଭୀତ କରିଥିଲେ । ପରେ ସେମାନଙ୍କ ଠାରୁ ୧ ଲକ୍ଷ ଟଙ୍କା, ଗୋଟିଏ ଆଇ ଫୋନ୍ ମୋବାଇଲ୍ ଓ ଗୋଟିଏ ରିୟଲମି ମୋବାଇଲ୍ ସହ କାର୍ ଛଡ଼ାଇ ନେଇଥିଲେ । ବିଜୟ ସକାଳେ ତୁମୁଡ଼ିବନ୍ଧ ଥାନାରେ ପହଞ୍ଚି ଥାନାଧିକାରୀ ଆଶୁତୋଷ ଜେନାଙ୍କୁ ଘଟଣା ବିଷୟରେ ଅବଗତ କରିଥିଲେ । ଥାନାଧିକାରୀ ଓ ଟିମ୍ ବିଭିନ୍ନ ସ୍ଥାନରେ ଧରପଗଡ଼ କରି ଉକ୍ତ ଗ୍ୟାଙ୍ଗ୍ ?କୁ ମଧ୍ୟାହ୍ନରେ କାବୁ କରିବାରେ ସଫଳ ହୋଇଥିଲେ । ଏହି ଗ୍ୟାଙ୍ଗ୍ ?ରେ ଆଉ କିଏ ସଂପୃକ୍ତ ଅଛନ୍ତି, ଏନେଇ ଅଧିକ ତଦନ୍ତ ଜାରି ରହିଥିବା ବିଷୟ ଏସଡିପିଓ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି ।

# ଜାନକୀବଲ୍ଲଭ ଥିଲେ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ: ସୁରେଶ ପୂଜାରୀ

କଟକ,୨୨/୪: ରାଜନୀତି ଖରାପ ନୁହେଁ କିମ୍ବା ସବୁ ରାଜନେତା ଖରାପ ନୁହନ୍ତି। ରାଜନୀତିକୁ ବାଦ୍ ଦେଇ ବିକାଶ ସମ୍ଭବ ନୁହେଁ। ରାଜନୀତିକୁ ଜ୍ଞାନୀଗୁଣି, ଦରଦୀ ଲୋକ ଆସିଲେ, ବିକଶିତ ଓଡ଼ିଶା ସମ୍ଭବ ହେବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଜାନକୀବଲ୍ଲଭ ସ୍ମାରକୀ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦଶମ ବାର୍ଷିକ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶ୍ରୀ ପୂଜାରୀ କହିଲେ ଯେ ଓଡ଼ିଶାରେ ଯେତେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଜାନକୀବଲ୍ଲଭ ପଟ୍ଟନାୟକ ଥିଲେ ସର୍ବଶ୍ରେଷ୍ଠ। ୨୦୦୯ରେ ଓଡ଼ିଶାରେ ବିଜେପିର ପରାଜୟ ପରେ ଜାନକୀବଲ୍ଲଭ ପଟ୍ଟନାୟକ ବ୍ୟକ୍ତିଗତ ଭାବେ ତାଙ୍କ (ସୁରେଶ ପୂଜାରୀ)ଙ୍କ ସହ ଆଲୋଚନା କରିଥିଲେ। ସକ୍ରିୟ ରାଜନୀତିରୁ ଦୂରେଇ ରହିବାର ବହୁ ବର୍ଷ ପରେ ଜାନକୀ ବାବୁ ଓଡ଼ିଶାର ୧୪୭ ବିଧାନସଭା ମଣ୍ଡଳୀର ଚିତ୍ର, ଲୋକଚରିତ୍ର ବିଷୟରେ ଯେଉଁ ତଥ୍ୟ ଦେଇଥିଲେ, ତାହା ତାଙ୍କର ବିରଳ ବ୍ୟକ୍ତିତ୍ୱ, ବିଚକ୍ଷଣ ରାଜନୈତିକ ବ୍ୟକ୍ତିତ୍ୱର ପରିଚୟ ଦିଏ। ଥରେ ସମ୍ବଲପୁରରେ ଆୟୋଜିତ ଏକ ଭାଗବତ ଆଲୋଚନାରେ ଜାନକୀ ବାବୁ ୨ ଘଣ୍ଟା ଧରି ଭାଗବତ ଉପରେ କହିଥିଲେ। ସେଭଳି ଉଚ୍ଚସ୍ତରର ଆଲୋଚନା ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଜାନକୀବାବୁ ଥିଲେ ଜ୍ଞାନଗରିମାର ମୂର୍ତ୍ତିମନ୍ତ ପ୍ରତୀକ। ୧୯୮୦ରେ ଛାତ୍ର ଆନ୍ଦୋଳନ ପାଇଁ ତାଙ୍କୁ ଓ ତାଙ୍କ ସାନଭାଇଙ୍କୁ କଲେଜରୁ ବାହାର କରିଦିଆଯିବା ସହ ତାଙ୍କ ବିରୋଧରେ ଶତାଧିକ ମାମଲା ରୁଜୁ ହେଲା। କିନ୍ତୁ ଏହି ଆନ୍ଦୋଳନ ସମୟରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ମଧ୍ୟ ମିଳିଥିଲା। ତାଙ୍କ ଜୀବନରେ ଜାନକୀବାବୁଙ୍କ ଅବଦାନ ରହିଛି ବୋଲି ଶ୍ରୀ ପୂଜାରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ, ଜାନକୀବଲ୍ଲଭ ପଟ୍ଟନାୟକ ଥିଲେ ଅନେକ ଗୁଣବତ୍ତାର ସମାହାର। ରାଜନୀତି, ସାରସ୍ୱତ ସାଧନା, ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ପ୍ରଚଣ୍ଡ ଦକ୍ଷତା ଥିଲା। ଓଡ଼ିଶା ବିକାଶର ସ୍ୱପ୍ନଦ୍ରଷ୍ଟା ଥିଲେ ସେ। ରାଜ୍ୟରେ ଶିଳ୍ପର ବିକାଶ, ଶିକ୍ଷାକୁ ବ୍ୟବସ୍ଥିତ କରିବା, ବ୍ୟାପକ ଜଳସେଚନ ବ୍ୟବସ୍ଥା କରିବାରେ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ମନ୍ତବ୍ୟ 'ଜାତୀୟ ଦଳରେ ରାଜନୀତି କରୁଛ, ଦିଲ୍ଲୀ ସହ ଭଲ ସଂପର୍କ ରଖ' ଭଳି ପରାମର୍ଶକୁ ଏଯାଏଁ ଭୁଲି ନାହିଁ ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ସମ୍ମାନିତ ଅତିଥି ଭାବେ ଇଷ୍ଟର୍ଣ୍ଣ ମିଡିଆ ଅଧ୍ୟକ୍ଷ ସେ?ମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ ଜାନକୀବଲ୍ଲଭ ଥିଲେ ସମ୍ପୂର୍ଣ୍ଣ ଭାବେ ଆତ୍ମନିର୍ଭରଶୀଳ। ଜଣେ ସେଲଫ୍‌ମେଡ୍ ମଣିଷ। ତାଙ୍କର କେହି ଧର୍ମପିତା ନ ଥିଲେ ମଧ୍ୟ ସେ ସଫଳତାର ଶୀର୍ଷକୁ ଯାଇପାରିଥିଲେ। ରାଜ୍ୟରେ ଏବେ ନେତୃତ୍ୱର ସଂକଟ ରହିଛି। ଛାତ୍ରସଂସଦ ନିର୍ବାଚନ ଆଉ ଚାରି ପାଞ୍ଚବର୍ଷ ବନ୍ଦ ହେଲେ, ରାଜ୍ୟରେ ନେତାଙ୍କ ଅଭାବ ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ହରେକୃଷ୍ଣ ମହତାବଙ୍କ ଉଦାହରଣ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ମହତାବ ବାବୁ ନିଜେ ମୁଖ୍ୟମନ୍ତ୍ରୀ ହେବା ସହିତ ତାଙ୍କୁ ସହଯୋଗ କରୁଥିବା ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଗଢ଼ିଥିଲେ। ଜାନକୀବଲ୍ଲଭ ସ୍ମାରକୀ ପ୍ରତିଷ୍ଠାନର ସଭାପତି ପ୍ରଫେସର ଡକ୍ଟର ବେ?ଷ୍ଣବ ଚରଣ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ ସାଧାରଣ ସଂପାଦକ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାନର ଉପସଭାପତି ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ କଟକ ସହିତ ଜାନକୀବଲ୍ଲଭଙ୍କ ଭାବଗତ ସଂପର୍କରେ ବିଷୟରେ କହିବା ସହିତ ତାଙ୍କର ସ୍ମୃତିରକ୍ଷା ପାଇଁ କଟକର ଏକ ପ୍ରମୁଖ ସ୍ଥାନରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ପ୍ରତିଷ୍ଠାନର ଉପସଭାପତି ତଥା ପୂର୍ବତନ ବିଧାୟକ ଇଞ୍ଜିନିୟର ମହମ୍ମଦ ମୋକିମ୍ କହିଲେ, ମର୍କତନଗର ଜାନକୀବାବୁ ଓ ବସନ୍ତବାବୁଙ୍କ ଅବଦାନ। ତେଣୁ ଆମର ଉତ୍ତରପିଢ଼ି ପାଇଁ ସେଲ୍‌ଟର ଛକରେ ଜାନକୀବାବୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ଶ୍ରୀ ମୋକିମ ଦାବି କରିଥିଲେ। ଅନ୍ୟତମ ଉପସଭାପତି ଇଂ.ପ୍ରଭାକର ସ୍ୱାଇଁ ଜାନକୀବଲ୍ଲଭଙ୍କୁ ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିର ତ୍ରିବେଣୀ ସଙ୍ଗମ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସାହିତ୍ୟିକ ନଟବର ଖୁଣ୍ଟିଆଙ୍କୁ ଜାନକୀବଲ୍ଲଭ ସାହିତ୍ୟ ସମ୍ମାନ, ସମାଜସେବୀ ପ୍ରହ୍ଲାଦ କୁମାର ସିଂଙ୍କୁ ଜାନକୀବଲ୍ଲଭ ସେବା ସମ୍ମାନ ଓ ସାମ୍ବାଦିକା ସୁପ୍ରିୟା ଦାସଙ୍କୁ ଜାନକୀବଲ୍ଲଭ ସାମ୍ବାଦିକତା ସମ୍ମାନ ପ୍ରଦାନ କରାଯାଇଥିଲା। ଇଂ. ଆକାଶ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଇଂ. ଆଲୋକ ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନୂଆ ରୂପ ପାଇବ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ



ଭୁବନେଶ୍ୱର,୨୨/୪: ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ହେବ ନବୀକରଣ। ବୁଣାକାର, କାରିଗର, ଚାଷୀମାନଙ୍କୁ ମିଳିବ ଅତ୍ୟାଧୁନିକ ସେବା। ବୋର୍ଡରେ ଖୋଲିବ ତୈଳ ଉତ୍ପାଦନ, ମହୁ ଉତ୍ପାଦନ ଓ ଖଦି ବ୍ୟାଙ୍କ। ଏଥିପାଇଁ ପାଞ୍ଚ କୋଟି ଟଙ୍କାର ଅଟକଳ କରାଯାଇଛି। ଖଦି ବ୍ୟାଙ୍କ ସାହାଯ୍ୟରେ ସୂତାର ଅଭାବ ଦୂର କରାଯିବ। ବୁଣାକାରମାନେ ବୋର୍ଡକୁ ଆସି କଞ୍ଚାମାଲ ନେଇ ପାରିବେ। ଆଗାମୀ ଦୁଇବର୍ଷ ମଧ୍ୟରେ ଏହି କାମ ସାରିବାକୁ ଯୋଜନା ରହିଛି ବୋଲି ବୋର୍ଡର ସଚିବ ସୂଚନା ଦେଇଛନ୍ତି। ଏହାବ୍ୟତୀତ ବୋର୍ଡକୁ ଜବରଦଖଲରୁ ମୁକ୍ତ କରାଯିବା ପାଇଁ ପାଚେରି ତିଆରି କରାଯିବ। ଏଠାରେ ସୁନ୍ଦର ବଗିଚା ତିଆରି ପାଇଁ ମଧ୍ୟ ଯୋଜନା ରହିଛି। ସେହିପରି ଖଦୀର ବ୍ୟବହାର ବଢ଼ାଇବା ପାଇଁ ପ୍ରଦର୍ଶନୀ କରାଯିବା ସହିତ ଆଗକୁ ଖଦୀ ଫ୍ୟାସନ ସୋ' ମଧ୍ୟ କରାଯିବ। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାସନ୍ ଟେକ୍ନୋଲୋଜି ସହ ମିଶି ଏହି ଫ୍ୟାସନ୍ ସୋ' କରାଯିବାର ଯୋଜନା ରହିଛି। ଏହା ଦ୍ୱାରା ବୋର୍ଡ ଅଧୀନରେ ଥିବା ୨୭ଟି ଖଦୀ ସୋସାଇଟି ଉପକୃତ ହୋଇପାରିବେ। ଏଠାରେ ଉଲ୍ଲେଖନୀୟ ଯେ ୨୦୦୩ ଅକ୍ଟୋବରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମୋଦ୍ୟୋଗଭବନ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଇତିମଧ୍ୟରେ ୨୨ବର୍ଷ ବିତିଯାଇଥିଲେ ସୁଦ୍ଧା ଭବନ ନିର୍ମାଣ ହୋଇପାରିନାହିଁ। ଇନ୍‌ଟାକ୍ ପକ୍ଷରୁ ୨୦୧୫ ଡିସେମ୍ବର ୨୨ ତାରିଖରେ ଏହା ପରିସରରେ ଦିଲ୍ଲୀ ହାଟ ଢାଞ୍ଚାରେ ପ୍ରଦର୍ଶନୀମଣ୍ଡପ ଓ ଜାତୀୟସ୍ତରର ଗାନ୍ଧୀ ସଂଗ୍ରହାଳୟ ନିର୍ମାଣ ପାଇଁ ମଧ୍ୟ ଯୋଜନା ହୋଇଥିଲା। ହେଲେ ତାହା ବି ହୋଇପାରିନାହିଁ। ସେହିପରି ୨୦୨୧ ଡିସେମ୍ବର ମାସରେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ପକ୍ଷରୁ ସେଠାରେ ୧୧ମହଲା ବିଶିଷ୍ଟ ଉତ୍କଳ ଖଦୀଭବନ ନିର୍ମାଣ ପାଇଁ ଯୋଜନା ହୋଇଥିଲା। କୋଠାକୁ ଦେଖିଲେ ଚରଖା ପାଖରେ ମହାତ୍ମା ଗାନ୍ଧୀ ବାଡ଼ି ଧରି ଛିଡ଼ା ହୋଇଥିବା ଭଳି ଦେଖାଯିବ। କୋଠାର ଉପର ଭାଗରେ ଏକ ବଡ଼ ଚରଖା ପ୍ରତିକୃତି ରହିବ। ଏହାବାଦ୍ ଏକ ବହୁତଳ କାର ପାର୍କିଂର ସୁବିଧା ରହିବ ବୋଲି କୁହାଯାଇଥିଲା। ହେଲେ ତାହା ମଧ୍ୟ ହୋଇପାରିନାହିଁ। ତେବେ ଏହି ଭିତ୍ତିପ୍ରସ୍ତର ଅନୁଯାୟୀ କେବେ ଗ୍ରାମୋଦ୍ୟୋଗ ଭବନର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ସେ ସମ୍ପର୍କରେ ଅଧିକାରୀମାନେ ନିର୍ଦ୍ଦିଷ୍ଟ ଭାବେ କେହି କିଛି କହିପାରୁନାହାନ୍ତି। ତେବେ ନିକଟ ଅତୀତରେ ରାଜ୍ୟ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଆଦିର ପ୍ରସାର ପାଇଁ କଳାଭୂମି ସମ୍ମୁଖରେ 'ଏକତା ମଲ୍' ପାଇଁ ଶୁଭ ଦିଆଯାଇଛି।

## ପହଞ୍ଚିପାରୁନି ମୌଳିକ ସୁବିଧା, ୨୩ନମ୍ବର ୱାର୍ଡ



ଜଟଣୀ,୨୨/୪: ଜଟଣୀ ପୌରପାଳିକାର ୨୩ନଂ ୱାର୍ଡ ଏକ ପ୍ରମୁଖ ଅଞ୍ଚଳ ଭାବେ ଜଣାଶୁଣା। ଏହି ୱାର୍ଡ ଅଧୀନରେ କୁଦିଆରି, ରଣସିଂହସାହି, ନୀଳମାଧବସାହି, ମହତାବନଗର-୧, ମହତାବନଗର-୨, ସୁନ୍ଦରାସାହି, ହରିଜନସାହି, ପଥରଚକଡ଼ାସାହି ଆଦି ଅଞ୍ଚଳ ରହିଛି। ନିର୍ବାଚନକୁ ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଛି। ହେଲେ ଏବେ ବି ଏହି ୱାର୍ଡରେ ଅନେକ ମୌଳିକ ସୁବିଧାସୁଯୋଗ ଉପଲବ୍ଧ ନାହିଁ। ଏହି ୱାର୍ଡରେ ପେ?ରପାଳିକା ପକ୍ଷରୁ ପାଇପ୍ ଯୋଗେ ୨୪ଘଣ୍ଟିଆ ପାଣିଯୋଗାଣ ବ୍ୟବସ୍ଥା କରାଯାଉଛି। ହେଲେ ୱାର୍ଡର ଅନେକ ଅଞ୍ଚଳକୁ ଅନେକ ଦିନହେଲା ସପ୍ଲାଏ ପାଣି ଆସୁନାହିଁ। ସେହିପରି ପଥରଚକଡ଼ା ସାହିକୁ ପାଣି ପାଇପ୍ ସଂଯୋଗ କରାଯାଇଛି, ହେଲେ ସଂଯୋଗ ଦିନଠୁ କିଛି ସ୍ଥାନରେ ପାଣି ଆସୁନାହିଁ। ସେହିପରି ଡ୍ରେନ୍‌ର ୭୦ପ୍ରତିଶତ ଆବର୍ଜନାରେ ଭର୍ତ୍ତି ହୋଇଗଲାଣି। ଏପରିକି ଡ୍ରେନ୍‌ଗୁଡ଼ିକ ମୁକୁଳା ଅବସ୍ଥାରେ ପଡ଼ି ରହିଛି। ଫଳରେ ବର୍ଷାଦିନେ ଜଳ ନିଷ୍କାସନ ହୋଇ ନପାରି ରାସ୍ତାରେ ମାଡୁଛି। ପୌରପାଳିକା ପକ୍ଷରୁ ୱାର୍ଡରେ ମଶା ତେଲ କିମ୍ବା ଧୂଆଁ ଛଡ଼ାଯାଉ ନଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ତାରଗୁଡ଼ିକ ଝୁଲନ୍ତା ଅବସ୍ଥାରେ ଥିବାରୁ ବିପଦଜନକ ସ୍ଥିତିରେ ରହିଛି। ଏହାବାଦ୍ ବରିଷ୍ଠ ନାଗରିକଙ୍କ ପାଇଁ ସଭାଗୃହ, ପ୍ରତିଦିନ ସଫେଇ, କଲ୍ୟାଣ ମଣ୍ଡପ ପାଇଁ ଦାବି କରାଯାଇଛି। ସ୍ଥାନୀୟ ବାସିନ୍ଦା ନିହାର ରଞ୍ଜନ ସାହୁ କହିଛନ୍ତି, ୱାର୍ଡରେ ଡ୍ରେନ୍ ଓ ପାଣି ସମସ୍ୟା ବହୁ ଦିନରୁ ରହିଆସିଛି। ଏବେବି କିଛି ପରିବାର କୂଅ ପାଣି ବ୍ୟବହାର କରୁଛନ୍ତି। ପୌରପାଳିକା କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନି। ସେହିପରି ଅନ୍ୟତମ ବାସିନ୍ଦା ରାକେଶ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ, ଡ୍ରେନ୍‌ଗୁଡ଼ିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଯାଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ସଫା କରାଯାଉନାହିଁ। ଫଳରେ ବର୍ଷାଦିନେ ରାସ୍ତାରେ ପାଣି ଭାସୁଛି। ଯାତାୟାତରେ ଘୋର ସମସ୍ୟା ହେଉଛି। ୱାର୍ଡରେ ଦୁଇ ବର୍ଷ ମଧ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ରାସ୍ତା, ଡ୍ରେନ୍ ପ୍ରକଳ୍ପ କାମ ପାଇଁ ନୂଆ ଟେଣ୍ଡରରେ କିଛିଦିନ ମଧ୍ୟରେ କାମ ଆରମ୍ଭ କରାଯିବ। କିଛି ଅଞ୍ଚଳରେ ଡ୍ରେନ୍ ଉପରେ ସ୍ଲାବ୍ ପଡ଼ିଥିବା ବେଳେ ଆଉ କିଛି ବାକି ଅଛି। ଠିକ୍ ସମୟରେ ସପ୍ଲାଏ ପାଣି କିପରି ସମସ୍ତଙ୍କ ପାଖରେ ପହଞ୍ଚିପାରିବ, ସେ ବ୍ୟବସ୍ଥା କରାଯିବ। ଝୁଲନ୍ତା ତାରକୁ ସୁରକ୍ଷିତ କରିବା ପାଇଁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି କାଉନ୍‌ସିଲର ଅମ୍ରିତା ଦାସ କହିଛନ୍ତି।

## ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି ଏବଂ ଏସ୍.ଏ କଲିମଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର, ୨୧.୪ : ସତ୍ୟନିଷ୍ଠ, ନିର୍ଭୀକ, ସଚ୍ଚୋଟ ତଥା ଉତ୍ସର୍ଗୀକୃତ ସାମ୍ବାଦିକ ଭାବେ ସାରା ଓଡ଼ିଶାରେ ସୁପରିଚିତ ଦୁଇ ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି ଏବଂ ଏସ୍.ଏ କଲିମଙ୍କ ବିୟୋଗରେ ସୋମବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ସ୍ୱର୍ଗତ ଦୁଇ ସାମ୍ବାଦିକଙ୍କର ସାମ୍ବାଦିକତା କ୍ଷେତ୍ର ପ୍ରତି ସେମାନଙ୍କର ଅବଦାନ ଉପରେ ଆଲୋକପାତ କରାଯିବା ସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଶେଷକରି ରତିକାନ୍ତ ମହାନ୍ତିଙ୍କର ନିଷ୍ପାପର ସାମ୍ବାଦିକତା ଏବଂ ବିଧାନସଭା ବିବରଣୀ ପ୍ରସ୍ତୁତିରେ ଉଲ୍ଲେଖନୀୟ ରିପୋର୍ଟିଂକୁ ଆଜି ମଧ୍ୟ ସବୁ ମହଲରେ ଉଚ୍ଚ ପ୍ରଶଂସା କରାଯାଉଥିବା ବେଳେ ସ୍ୱର୍ଗତ କଲିମଙ୍କ ଜ୍ଞାନଦୀପକ ଲେଖାମାନର ଗ୍ରହଣୀୟତା ସମ୍ପର୍କରେ ବରିଷ୍ଠ ସାମ୍ବାଦିକମାନେ ଆଲୋକପାତ କରିଥିଲେ। ଏହି ଶୋକସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ହଳଧର ଧୀର, ବାଉରୀବନ୍ଧୁ ମହାରଣା, ବିପିନ ସିଂ, ବିବେକାନନ୍ଦ ଜେନା, ବିଜୟ କୁମାର ପଣ୍ଡା, ପାର୍ଥସାରଥୀ ଜେନା, ସନତ ମିଶ୍ର, ବିଭୂତି ଭୂଷଣ କର, ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ବେହୁରା, ରମେଶ ଚନ୍ଦ୍ର ସ୍ୱାଇଁ, କିଶୋର ମଙ୍ଗରାଜ, ମହେଶ୍ୱର ରଥ, ସର୍ବେଶ୍ୱର ବର୍ଦ୍ଧନ, ବଳରାମ ପ୍ରସାଦ ନନ୍ଦ, ପ୍ରିୟରଞ୍ଜନ ସାହୁ, ହୃଷିକେଶ ଗୌଡ଼, ଅବିନାଶ ମିଶ୍ର, ଗିରିଧାରୀଲାଲ ଷଡ଼ଙ୍ଗୀ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସଞ୍ଜୟ ପ୍ରଧାନ, ସନାତନ ଦଳବେହେରା ପ୍ରମୁଖ ଯୋଗଦେଇ ଦୁଇ ଦିବଂଗତ ସାମ୍ବାଦିକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ କରି ଶିକ୍ଷକ ଥାନାରେ ଅଟକ

ଯାଜପୁର ସଦର ଥାନା ଅନ୍ତର୍ଗତ କାଶିପୁର ଗ୍ରାମର ପୀଡ଼ିତା ମାଆ ଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ଛଦ୍ମନାମ ( ପଲ୍ଲବୀ)ନିଜ ଗ୍ରାମ ନିକଟସ୍ଥ ହସନ ପୁର ବାଳିକା ୟୁ ଜି ଏମ୍ ଇ ସ୍କୁଲରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଟେ। ଗତ ତା ୧୭/୦୪/୨୦୨୫ ରିଖ ସକାଳୁଆ ସ୍କୁଲ ହେଉଥିବାରୁ କ୍ଲାସ ଆରମ୍ଭରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ଦେବେନ୍ଦ୍ର ସାହୁ ଛାତ୍ରୀ ଜଣଙ୍କୁ ଅଫିସ ରୁମର ଆଲମିରା ଖୋଲି ଏକ ରେଜିଷ୍ଟର ଆଣିବାକୁ ପଠାଇଥିଲେ। କାମୁକ ଶିକ୍ଷକ ଜଣକ ଛାତ୍ରୀର ପଛେ ପଛେ ଯାଇ ଛାତ୍ରୀଙ୍କୁ କୁଣ୍ଢାଇ ଧରି ଅସଦାଚରଣ କରିଥିବା କଥା ନିଜ ମାଆ ନିକଟରେ ପ୍ରକାଶ କରି ଆଉ ସେ ସ୍କୁଲରେ ପାଠ ପଢିବି ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ଘଟଣା ପରେ ଛାତ୍ରୀଙ୍କ ମା ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସଦର ପୋଲିସ ଏକ ମାମଲା ରୁଜୁ କରି କାମୁକ ଶିକ୍ଷକଙ୍କୁ ଉଠାଇ ଆଣି ଦୁଇ ଦିନ ହେବ ଥାନାରେ ଅଟକ ରଖିଥିବା ଜଣାଯାଇଛି। ଏହି ଶିକ୍ଷକଙ୍କ ନାମରେ ଏହିପରି କାରନାମା ଆଗରୁ ବହୁବାର କରିଥିବା ଶୁଣିବାକୁ ମିଳୁଛି କ୍ଷ ଦୁଇଦିନ ଧରି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିବାର ଉଦ୍ଦେଶ୍ୟ କଣ ଜଣାପଡୁନାହିଁ।

# ପିଶାଚ ଦାଦାର ନୃଶଂସ କାଣ୍ଡ

## ପାଇଖାନା ଟାଙ୍କିରୁ ମିଳିଲା ନିଖୋଜ 'ଆଶୀର୍ବାଦ'ଙ୍କ ମୃତଦେହ



ଡେଲାଙ୍ଗ,୨୨/୪: ଡେଲାଙ୍ଗ ଥାନାର ରତନପୁର ଗ୍ରାମର ନାବାଳକ 'ଆଶୀର୍ବାଦ'ର ନିଖୋଜ ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ରବିବାର ବିଳମ୍ବିତ ରାତିରେ ଘରଠାରୁ ୨ଶହ ମିଟର ଦୂର ପୋଡ଼ଶୀଙ୍କ ପାଇଖାନା ଟାଙ୍କିରୁ ତା'ର ଗଳିତ ମୃତଦେହ ମିଳିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ ଆଶୀର୍ବାଦର ସମ୍ପର୍କୀୟ ଦାଦା ତଥା ପଟଣପୁର ଗ୍ରାମର ପ୍ରଭାକର ସାହୁ (୩୮) ଓରଫ ବାପିକୁ ଗିରଫ କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ଗତକାଲି ବିଳମ୍ବିତ ରାତିରେ ପୁଲିସ ଟିମ୍ ଅଭିଯୁକ୍ତକୁ ଚାନ୍ଦପୁରରୁ ଗିରଫ କରିବା ସହିତ ପଚରାଉଚରା ପରେ ନାବାଳକକୁ ହତ୍ୟା କରିଥିବା ସେ ସ୍ୱୀକାର କରିଥିଲା। ତେବେ ଅପ୍ରାକୃତିକ ଯୌନ ସମ୍ପର୍କକୁ ନେଇ ଅଭିଯୁକ୍ତ ନାବାଳକୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଗଳିତ ମୃତଦେହ ପାଇଖାନା ଟାଙ୍କିରୁ ଉଦ୍ଧାର ହେବା ପରେ ଆଶୀର୍ବାଦଙ୍କ ଗୁପ୍ତାଙ୍ଗ ଖଣ୍ଡିଆ ହୋଇଥିବା ଦେଖିବାକୁ ମିଳିଥିଲା। ମୃତଦେହ ଉଦ୍ଧାର ହେବା ପରେ ସାରା ଡେଲାଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ଅନ୍ୟପକ୍ଷରେ ଶବ ବ୍ୟବଚ୍ଛେଦ ପରେ ହତ୍ୟା କିପରି କରାଯାଇଛି ତାହା ସମ୍ନାକୁ ଆସିବ ବୋଲି ଆଡିସୋନାଲ ଏସ୍‌ପି ବିଷ୍ଣୁଚରଣ ପତି କହିଛନ୍ତି। ଆମେ ଅଭିଯୁକ୍ତକୁ ଆଜି ପଚରା ଉଚରା କରି ଆସନ୍ତା କାଲି କୋର୍ଟଚାଲାଣ କରିବୁ। ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଆଣାଯିବ। ଏହି ହତ୍ୟାକାଣ୍ଡରେ ଆଉ କିଏ ସମ୍ପୃକ୍ତ ରହିଛନ୍ତି କି ନାହିଁ ତାହାର ମଧ୍ୟ ତଦନ୍ତ କରାଯିବ ବୋଲି ଶ୍ରୀ ପତି କହିଛନ୍ତି। ଆଉ ଏପଟେ ଗ୍ରାମବାସୀ ରାଗିଯାଇ ବାପି ସାହୁର ଘର ଭାଙ୍ଗିଛନ୍ତି। ମିଳିଥିବା ସୂଚନା ମୁତାବକ ଅଭିଯୁକ୍ତ ବାପି ଆଶୀର୍ବାଦର ସମ୍ପର୍କୀୟ ଦାଦା ହୋଇଥିବା ବେଳେ ଛୋଟ ପିଲାମାନଙ୍କ ସାଙ୍ଗରେ ମିଳାମିଶା କରିବା ସହିତ ଖେଳିବା ଓ ଭୋଜି କରିବା ତାର ଏକ ପ୍ରକାର ସୌକ ଥିଲା। ପିଲାମାନଙ୍କ ସହିତ ସହଜରେ ମିଶିବାର କୌଶଳ ବାପିର ଥିଲା ମୁଖ୍ୟଅସ୍ତ୍ର। ସେଦିନ ଥିଲା ଅପ୍ରେଲ ୧୫ ତାରିଖ। ଆଶୀର୍ବାଦ ଗାଁ ପଡ଼ିଆରେ ପିଲାମାନଙ୍କ ସହିତ ଖେଳକୁଦ ସାରି ଘରକୁ ଫେରିଥିଲା। ଦାଣ୍ଡ ଦୁଆରେ ସାନଭଉଣୀ ଟ୍ୟୁସନ ଯିବାକୁ ଠିଆ ହୋଇଥିବା ବେଳେ ସାଇକେଲରେ ନେଇ ଆରପଟ ଗାଁରେ ଛାଡି ଘରକୁ ଫେରିଥିଲା। ମା' ପୁଅକୁ ଦେଖି ଖାଇବାକୁ ଡାକିଥିଲେ। ହେଲେ କାଳବୈଶାଖୀ ଆସିବାରୁ ମା' ତରତର ହୋଇ ଛାତ ଉପରକୁ ଲୁଗା ଆଣିବାକୁ ଚାଲିଯାଇଥିଲେ। ତଳକୁ ଆସି ପୁଅକୁ ଖୋଜିଥିଲେ ହେଲେ ପୁଅକୁ ନପାଇ ସ୍ୱାମୀଙ୍କୁ ଫୋନ୍‌କରି ଜଣାଇଥିଲେ। ପରିବାରର ସମସ୍ତ ସଦସ୍ୟ ସାହି ପଡ଼ିଶା ଘର ଖୋଜାଖୋଜି କରିଥିଲେ ମଧ୍ୟ 'ଆଶୀର୍ବାଦ'ର ଟେର ପାଇନଥିଲେ। ପୁଅ ନିଖୋଜ ଥିବା ନେଇ ପରିବାର ଲୋକେ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ଖବର ପାଇ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ରାତିରେ ପାଇନଥିଲେ। ୧୬ ତାରିଖ ସକାଳୁ ଡେଲାଙ୍ଗ ପୁଲିସ ଓ ଅଗ୍ନିଶମ ବିଭାଗ ଦ୍ୱାରା ନିଖୋଜ ନାବାଳକର ବାଡ଼ିପଟେ ଯାଇଥିବା ଲୁଣାନଦୀ, ଜଙ୍ଗଲିଆ ସ୍ଥାନ, ଗହୀର, ବାଉଁଶବଣ ପ୍ରଭୃତିରେ ଖୋଜାଖୋଜି କରିଥିଲେ। ହେଲେ ଆଶୀର୍ବାଦର ସନ୍ଧାନ ପାଇବାରେ ବିଫଳ ହୋଇଥିଲେ। ପରିବାର ଲୋକଙ୍କୁ ଅନେକ ପଚରା ଉଚରା ପରେ ମଧ୍ୟ ପୁଲିସ ଏହି ଘଟଣାର କୌଣସି ଦିଗ ନପାଇ ଅନ୍ଧାରରେ ବାଡ଼ିବୁଲାଇବାକୁ ଲାଗିଥିଲା। ଅନ୍ୟପଟେ ଅପହରଣକୁ ୪ ଦିନ ବିତିଯିବା ପରେ ପିଲାକୁ କେହି ଗାଁ ଦାଣ୍ଡରୁ ଅପହରଣ କରିନେଇଥିବା ପୁଲିସ ସନ୍ଦେହ କରିବା ସହିତ ବିଭିନ୍ନ ସ୍ଥାନରେ ନାବାଳକର ପୋଷ୍ଟର ଲଗାଇ ଖବର ଦେବାକୁ ନିବେଦନ କରିଥିଲା। ଅପହରଣ ସନ୍ଦେହ କରି ବିଭିନ୍ନ ସ୍ଥାନରେ ପୁଲିସ ଚଢଉ କରିଥିବା ସତ୍ତ୍ୱେ କୌଣସି ପତ୍ତା ମିଳିନଥିଲା। ବାଧ ହୋଇ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିବା ସହିତ କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଦାବି କରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପୁରୀ ଏସ୍‌ପି ବିନିତ ଅଗ୍ରୱାଲ ନିଖୋଜ ପରିବାର ସଦସ୍ୟଙ୍କୁ ଭେଟି ପଚରା ଉଚରା କରିଥିଲେ। ତେବେ ପରିବାର ଲୋକଙ୍କ ଠାରୁ ସେମିତି କିଛି ଲିଡ୍ ପୁଲିସକୁ ମିଳିପାରିନଥିଲା। ଅନ୍ୟପଟେ ଘଟଣା ଘଟିବା ଦିନ ଅଭିଯୁକ୍ତ ଗାଁକୁ ଆସିଥିଲା। ହେଲେ ସନ୍ଧ୍ୟାରେ ଗାଁ ଛାଡ଼ି ଶ୍ୱଶୁର ଘରକୁ ଚାଲିଯାଇଥିଲା। ଅନ୍ୟପଟେ ପୁଲିସ ସହିତ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁରକୁ ନେଇ ଆଶୀର୍ବାଦକୁ ଖୋଜିବା ଆରମ୍ଭ କରିଥିଲେ। କୁକୁର ଅଭିଯୁକ୍ତ ବାରି ଓ ଦାଣ୍ଡ ଦୁଆରେ ପଇଁତରା ମାରିବା ସହିତ ଦାଣ୍ଡ ଦୁଆରେ ଶୋଇ ରହିଥିଲା। ଅଭିଯୁକ୍ତ ଗାଁରେ ନଥିବା ନେଇ ପୁଲିସର ସନ୍ଦେହ ଘନେଇଥିଲା। ଦାଣ୍ଡ ଦୁଆରେ ପୁଲିସ ପଇଁତରା ମାରିବା ଖବର ପାଇ ସେଦିନ ଘରକୁ ଆସିଥିଲା। ପୁଲିସ ଖବର ପାଇଁ ଅଭିଯୁକ୍ତ ପ୍ରଭାକର ସାହୁକୁ ୧୮ ତାରିଖରେ ଅଟକ ରଖି ପଚରା ଉଚରା କରିଥିଲା। ହେଲେ ତା'ର ଚାଲିଚଳନ ସ୍ୱାଭାବିକ ରହିବା ଓ ଏଘଟଣା ସମ୍ପର୍କରେ ସେ କିଛି ଜାଣି ନାହିଁ ବୋଲି କହିବାରୁ ପୁଲିସ ଛାଡ଼ିବାକୁ ବାଧ ହୋଇଥିଲା। ଅନ୍ୟପଟେ ପୁଲିସ ସନ୍ଦେହ ଘେରରେ ରଖି ଅଭିଯୁକ୍ତ ଉପରେ ନିଷ୍ଠ ନଜର ରଖିଥିଲା। ଘଟଣାର ୬ ଦିନ ପର୍ଯ୍ୟନ୍ତ ଅଭିଯୁକ୍ତର ମୋବାଇଲ୍ ଖୋଲାଥିବା ବେଳେ ରବିବାର ପୁଲିସ ପୁନର୍ବାର ଡକାଇବାରୁ ଫୋନ ସୁଇଚ ଅଫ୍ ହେବାରୁ ସନ୍ଦେହ ଘନେଇଥିଲା। ପୁରୀ ଏସପି ରବିବାର ସନ୍ଧ୍ୟା ୭ଟା ସମୟରେ ଡେଲାଙ୍ଗ ଥାନାରେ ପହଞ୍ଚି ପିପିଲି ଏସଡିପିଓ ଦେବାଶିଷ୍ ମିଶ୍ର, ଆଇଆଇସି ଶ୍ୟାମଘନ ବାରିକ ଓ ଫାଣ୍ଡି ଅଧିକାରୀ ରଶ୍ମୀରଞ୍ଜନ ପୃଷ୍ଟିଙ୍କ ସହିତ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ପରେ ପ୍ରଭାକର ସନ୍ଦେହ ଘେରକୁ ଆସିଥିଲା। ପୁରୀ ଏସପିଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ ପ୍ରଭାକରକୁ ଚାନ୍ଦପୁର ସ୍ଥିତ ତାଙ୍କ ଶୁଶୁର ଘରୁ ଗିରଫ କରିବାରେ ସଫଳ ହୋଇଥିଲେ। ତେବେ ଆଶୀର୍ବାଦର ବାପା କହିଛନ୍ତି ଯେ ପୁଅକୁ ଏମିତି ହତ୍ୟା କରିବ ବୋଲି ମୁଁ କେବେ ଭାବିନଥିଲି। ନିରୀହ ପିଲାଟା କେତେ କାକୁତି ମିନତୀ ହୋଇଥିବ ମୋ ପୁଅକୁ ଯେମିତି ଭାବେ ପ୍ରଭାକର ହତ୍ୟା କରିଛି। ମାନ୍ୟବର କୋର୍ଟ ତାଙ୍କୁ ଯେତେ ଦଣ୍ଡ ଦେଲେବି କମ୍ ହେବ।

## ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଜଷ୍ଟିସ ଦୀକ୍ଷିତ କ୍ରୀଷ୍ଣା ଶ୍ରୀପଦ

କଟକ,୨୨/୪: କର୍ଣ୍ଣାଟକ ହାଇକୋର୍ଟରେ ବିଚାରପତିଭାବେ କାର୍ଯ୍ୟରତ ଦୀକ୍ଷିତ୍ କ୍ରିଷ୍ଣା ଶ୍ରୀପଦ୍ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ନିଯୁକ୍ତି ପାଇବେ। ଏନେଇ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଜଷ୍ଟିସ୍ ଶ୍ରୀପଦ୍‌ଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବାକୁ ସୁପାରିଶ କରିଛନ୍ତି। ୧୯୮୯ ମସିହାରେ ସେ ଓକିଲାତି ପେଶାରେ ନାମ ପଞ୍ଜିକରଣ କରିଥିଲେ। ବିଚାରପତି ପଦବୀ ଅଳଙ୍କୃତ କରିବା ପୂର୍ବରୁ ସେ କର୍ଣ୍ଣାଟକ ହାଇକୋର୍ଟରେ ଆମିକସ୍ ?କ୍ୟୁରୀ ଭାବେ ନିଯୁକ୍ତି ପାଇଥିଲେ। ସେହିପରି ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ପ୍ୟାନେଲ୍ ଲୟର୍ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ବେଙ୍ଗାଲୁରୁ ଆଇନ ମହାବିଦ୍ୟାଳୟରେ ସେ ଆଇନ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। କେନ୍ଦ୍ରୀୟ ନିର୍ବାଚନ ଆୟୁକ୍ତ ନିମନ୍ତେ ସେ ନିର୍ବାଚନୀ ମାମଲା ପରିଚାଳନା କରିଥିବା ବେଳେ କେନ୍ଦ୍ର ସରକାରଙ୍କ ଓକିଲ ଭାବେ ମଧ୍ୟ ମାମଲା ପରିଚାଳନା କରିଥିଲେ। ଏଥିସହିତ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟ କମିଶନ (ୟୁଜିସି)ପାଇଁ ଷ୍ଟାଣ୍ଡିଙ୍ଗ୍ କାଉନ୍‌ସେଲ୍,ଟେଲିକମ୍ ରେଗୁଲେଟୋରୀ ଅଥୋରିଟି ଅଫ୍ ଇଣ୍ଡିଆ, କର୍ଣ୍ଣାଟକ ଭେଟ୍‌ନାରୀ ସାଇନ୍‌ସ ୟୁନିଭର୍ସିଟି, ଭାବା ଆଟୋମିକ୍ ସେଣ୍ଟର ଭଳି ସଂସ୍ଥାର ମାମଲା ପରିଚାଳନା କରିଥିଲେ। ୨୦୧୮ ମସିହା ଫେବୃଆରୀ ୧୪ ତାରିଖରେ ସେ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।



PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com
Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ